କଟକ
ବୁଧବାର ୮ ଜୁଲାଇ, ୨୦୨୬
ପ୍ରାତଃ ସଂସ୍କରଣ

July 8, 2026 Cuttack
Vol - XXIV, Issue - 97
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ଡାକ୍ତରଙ୍କ ଦାବି ଉପରେ ଉଚ୍ଚସ୍ତରୀୟ କମିଟି ଗଠନ

**ଭୁବନେଶ୍ୱର,୭୭(ନି.ପ୍ର):** ନିକଟରେ ୧୦ ଦଫା ସମ୍ବଳିତ ଦାବିକୁ ନେଇ ଓମ୍ସାର ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଡାକ୍ତରଙ୍କ ଦାବି ଉପରେ ଅନୁଧ୍ୟାନ କରିବାକୁ ସରକାର ଅର୍ଥ ବିଭାଗ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟି ଡାକ୍ତରଙ୍କ ଦାବି ଉପରେ ତର୍ଜମା କରି ସରକାରଙ୍କୁ ପରାମର୍ଶ ଦେବେ।




# ମୋଦୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ

## ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ଆଲୋଚନା

**ଜାକର୍ତ୍ତା,୭୭(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ନାଗରିକ ସମ୍ମାନ 'ବିତାଙ୍ଗ ଆଦିପୂର୍ଣ୍ଣ' ପ୍ରଦାନ କରାଯାଇଛି। ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ମୋଦୀଙ୍କୁ ପ୍ରଦାନ କରିଛନ୍ତି। ଏହି ସମ୍ମାନକୁ ମିଶାଇ ପ୍ରଧାନମନ୍ତ୍ରୀ ମୋଦୀ ଏଯାଏ ୩୪ଟି ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

ମୋଦୀଙ୍କୁ ଇସ୍ତାନା ମେରଡ଼େକା (ଇଣ୍ଡୋନେସିଆର ରାଷ୍ଟ୍ରପତି ଭବନ)ରେ ରାଷ୍ଟ୍ରପତି ପ୍ରବୋଓ ସ୍ନେହପୂର୍ଣ୍ଣ ସ୍ୱାଗତ କରିଛନ୍ତି। ୨୦୨୫ରେ ଭାରତର ୭୬ତମ ଗଣତନ୍ତ୍ର ଦିବସ ପାଳନର ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପ୍ରବୋଓଙ୍କ ଭାରତ ଗସ୍ତ ପରଠାରୁ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ସାକ୍ଷାତ। ଦୁଇ ନେତା ମଧ୍ୟ ସୀମିତ ଏବଂ ପ୍ରତିନିଧି ଦଳସ୍ତରୀୟ ଉଭୟ ଫର୍ମାଟରେ ଆନୁଷ୍ଠାନିକ ଆଲୋଚନା କରିଛନ୍ତି। ବାଣିଜ୍ୟ ଓ ବିନିଯୋଗ, ପ୍ରତିରକ୍ଷା ଓ ସୁରକ୍ଷା, ସାମୁଦ୍ରିକ ସହଯୋଗ, ଡ଼ିଜିଟାଲ ଓ ଆର୍ଥିକ ପ୍ରଯୁକ୍ତିବିଦ୍ୟା, ଶକ୍ତି, ସ୍ୱାସ୍ଥ୍ୟ ସେବା, ଫାର୍ମାସ୍ୟୁଟିକାଲ୍ସ, ମହାକାଶ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ବିରଳ ମୃତ୍ତିକା, ସଂସ୍କୃତି, ପର୍ଯ୍ୟଟନ, କୃଷି ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦାନପ୍ରଦାନକୁ ଅନ୍ତର୍ଭୁକ୍ତ କରୁଥିବା ବ୍ୟାପକ ରଣନୀତିକ ସହଭାଗିତାର ସମଗ୍ର ଦିଗର ସମୀକ୍ଷା ହୋଇଛି ଆଲୋଚନାରେ। ଭାରତର ଓପନ ନେଟ୍ୱାର୍କ ଫର୍ ଡ଼ିଜିଟାଲ କମର୍ସ(ଓଏନଡ଼ିସି) ଉପରେ ଆଧାରିତ ଇଣ୍ଡୋନେସିଆ ଓପନ ନେଟୱାର୍କ(ଆଇଓଏନ)ର ଶୁଭାରମ୍ଭକୁ ଦୁଇ ନେତା ସ୍ୱାଗତ କରିଛନ୍ତି। ୨୦୨୭ରେ ବିଶ୍ୱକବି ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଇଣ୍ଡୋନେସିଆ ଗସ୍ତର ଶତାବ୍ଦୀ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଛନ୍ତି। ଦୁଇ ଦେଶ ମିଳିତ ଭାବେ ଏହି ଅବସରକୁ ସାଂସ୍କୃତିକ ଏବଂ ଶୈକ୍ଷିକ କୂଟନୀତି ପାଇଁ ଟାଗୋର-ଦେବନ୍ତର ବର୍ଷ ଭାବେ ପାଳନ କରିବେ।

ଦୁଇ ରାଷ୍ଟ୍ରନେତା ପାରସ୍ପରିକ ସ୍ୱାର୍ଥ ରହିଥିବା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗଗୁଡ଼ିକ ଉପରେ ମଧ୍ୟ ନିଜ ନିଜର ଦୃଷ୍ଟିକୋଣ ବିନିମୟ କରିଛନ୍ତି। ଆସିଆନ-ଭାରତ ବ୍ୟାପକ ରଣନୀତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ସମ୍ପର୍କରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବାସହ ସେମାନେ ଏକ ମୁକ୍ତ ଏବଂ ନିୟମ-ଆଧାରିତ ଭାରତ-ପ୍ରଶାନ୍ତ



ମହାସାଗରୀୟ କ୍ଷେତ୍ର ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଭାରତର ମହାସାଗର ଭିଜନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଷ୍ଟ୍ରପତି ପ୍ରବୋଓ ୨୦୨୬ରେ ଭାରତର ଜାରି ରହିଥିବା ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଇଣ୍ଡୋନେସିଆର ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

ଆଲୋଚନା ପରେ ଦୁଇ ନେତାଙ୍କ ଉପସ୍ଥିତିରେ ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ବିରଳ ମୃତ୍ତିକା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ନିର୍ବାଚନ ପ୍ରକ୍ରିୟା, ଦୂରସଂଚାର, କୃଷି, ସାମୁଦ୍ରିକ ସୁରକ୍ଷା, ମହାକାଶ, ଇସ୍ପାତ ଯୋଗାଣ ଶୃଙ୍ଖଳା, ବିପର୍ଯ୍ୟୟ ପରିଚାଳନା, ଚିକିତ୍ସା ସାମଗ୍ରୀ ନିୟାମକ, ସ୍ୱାସ୍ଥ୍ୟ କର୍ମଚାରୀ ସହଯୋଗ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଚୁକ୍ତିନାମାଗୁଡ଼ିକର ଆଦାନପ୍ରଦାନ ହୋଇଛି। ଯୋଗ୍ୟକର୍ତ୍ତା ସ୍ଥିତ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ପ୍ରମ୍ବନନ ମନ୍ଦିର ପରିସରର ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ଭାରତର ସହଯୋଗ ସମ୍ପର୍କିତ ଏକ ଆଗ୍ରହ ପତ୍ର ମଧ୍ୟ ଆଦାନପ୍ରଦାନ କରାଯାଇଛି।

## ଇଣ୍ଡୋନେସିଆ ସଂସଦରେ ବିଜୁବାବୁଙ୍କ ପ୍ରଶଂସା କଲେ ମୋଦୀ

**ଜାକର୍ତ୍ତା,୭୭(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡୋନେସିଆ ସଂସଦକୁ ସମ୍ବୋଧିତ କରିଛନ୍ତି। ସମ୍ବୋଧନରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ପ୍ରଶଂସା କରିବାସହ ଗୁଣଗାନ କରିଛନ୍ତି। ମୋଦୀ କହିଛନ୍ତି, ବିଜୁ ବାବୁ ବିପଦ ସମୟରେ ଜୀବନକୁ ବାଜି ଲଗାଇ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ଓ ଉପରାଷ୍ଟ୍ରପତିଙ୍କୁ ସୁରକ୍ଷିତ ଭାବେ ବିମାନରେ ନେଇ ଭାରତରେ ପହଞ୍ଚାଇଥିଲେ। ବିଜୁ ବାବୁଙ୍କ ସାହସିକତା ଭାରତ ଓ ଇଣ୍ଡୋନେସିଆକୁ ପରସ୍ପର ସହିତ ଅଧିକ ନିକଟତର କରିଛି। ବିଜୁ ବାବୁଙ୍କୁ ମଧ୍ୟ ଇଣ୍ଡୋନେସିଆ ତା'ର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର'ରେ ସମ୍ମାନିତ କରିଥିଲା।

## ଗଛରେ ଝୁଲନ୍ତା ଅବସ୍ଥାରେ ମିଳିଲା ମୃତ ବାଘ



**ଆସ୍କା,୭୭(ନି.ପ୍ର):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଜରଡ଼ ପାହଡ଼ ନିକଟ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଏକ କଲରାପତରିଆ ବାଘର ମୃତଦେହ ଉଦ୍ଧାର ହୋଇଛି। ଶିକାରୀ ଫାଶ ବସାଇଥିବା ବେଳେ ଫାଶରେ ଲାଗି ବାଘର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ବନ ବିଭାଗ ଟିମ୍ ପହଞ୍ଚି ବାଘର ମୃତଦେହ ଉଦ୍ଧାର କରିବାସହ ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକେ ପ୍ରଥମେ ଏ ଖବର ବନ ବିଭାଗକୁ ଦେଇଥିଲେ। କେଉଁ ପରିସ୍ଥିତିରେ ବାଘର ମୃତ୍ୟୁ ହେଲା, ଏହା ପଛରେ କାହାର ହାତ ରହିଛି ଏନେଇ ସଠିକ୍ ତଥ୍ୟ ମିଳାପାରି ନଥିବାବେଳେ ଦୋଷୀକୁ ଧରିବାକୁ ତଦନ୍ତ ଆରମ୍ଭ ହୋଇଛି।

## ଫିଟ୍‌ନେସ ନିୟମ ଉଲ୍ଲଙ୍ଘନ କଲେ ଜବତ ହେବ ଗାଡ଼ି

**ଭୁବନେଶ୍ୱର,୭୭(ନି.ପ୍ର):** ଏଣିକି ଗାଡ଼ିର ଫିଟ୍‌ନେସ ନଥିଲେ କେବଳ ଜୋରିମାନା ହେବନାହିଁ, ଗାଡ଼ି ମଧ୍ୟ ଜବତ ହେବ। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏଫ୍) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ମଧ୍ୟ ସର୍କୁଲାର ଜାରି କରାଯାଇଛି। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଗ୍ରହଣ କରାଯାଇଛି ଏଭଳି ପଦକ୍ଷେପ। (ପୃଷ୍ଠା:୫)

## ବଲେରୋ- କମାଣ୍ଡର ଧକ୍କାରେ ୨ ମୃତ

**ସୁନ୍ଦରଗଡ଼,୭୭(ନି.ପ୍ର):** ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି। ସୁନ୍ଦରଗଡ଼ ସଦରଥାନା ପାତକିଯୋର ନିକଟରେ ଘଟିଛି ଏହି ଦୁର୍ଘଟଣା। ପରସ୍ପର ବିପରୀତ ଦିଗରେ ଦ୍ରୁତଗତିରେ ଆସୁଥିବା ଏକ ବଲେରୋ ଓ ଏକ ଯାତ୍ରୀବାହୀ କମାଣ୍ଡର ମୁହାଁମୁହିଁ ଧକ୍କା ହେବା ଫଳରେ କମାଣ୍ଡର ମାଲିକଙ୍କ ସମେତ ୨ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଏକାଧିକ ଯାତ୍ରୀ ଗୁରୁତର ହୋଇଥିବା ସୂଚନା ରହିଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ମାଓଡ଼ମ୍ପରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ




**ନୂଆପଡ଼ା,୭୭(ନି.ପ୍ର):** ଓଡ଼ିଶା-ଛତିଶଗଡ଼ ସୀମାନ୍ତ ପାଟଧାରା ସଂରକ୍ଷିତ ଜଙ୍ଗଲରେ ସର୍ଚ୍ଚ ଅପରେସନ ସମୟରେ ମାଓଡମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି। ଏହି ସମସ୍ତ ସାମଗ୍ରୀ ମାଓବାଦୀ ସଂଗଠନର ବୋଲି ଜିଲ୍ଲା ପୋଲିସ ସୂଚନା ଦେଇଛି। ବିଏସ୍ଏଫ୍‌କୁ ମିଳିଲା ବଡ଼ ସଫଳତା। (ପୃଷ୍ଠା:୫)

## ହଟିବେ ଦଲାଲ, କ୍ୟାଶ୍‌ଲେସ ହେବ ଜମି କିଣାବିକା

**ଭୁବନେଶ୍ୱର,୭୭(ନି.ପ୍ର):** ରାଜ୍ୟରେ ଜମି କିଣାବିକା ଏଣିକି ସମ୍ପୂର୍ଣ୍ଣ କ୍ୟାଶ୍‌ଲେସ ହେବ। ନଗଦ ଟଙ୍କା କାରବାର ହେବନାହିଁ। ଜମି ପଞ୍ଜୀକରଣ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଏଭଳି ବଡ଼ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ପୂର୍ବରୁ ୧୫ ହଜାର ଯାଏ କ୍ୟାଶ୍ କାରବାର ହେଉଥିଲା। ଜମି ପଞ୍ଜୀକରଣ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି। (ପୃଷ୍ଠା:୫)

## କେରଳରେ ଭୂସ୍ଖଳନ, ୨ ମୃତ

**ଥିରୁବନନ୍ତପୁରମ୍,୭୭(ନି.ପ୍ର) :** କେରଳର ୱାୟାନାଡ଼ ଜିଲ୍ଲାରେ ଏକ ବଡ଼ଧରଣର ଭୂସ୍ଖଳନ ଘଟି ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ମାଟି ଓ କାଦୁଅ ତଳେ ଅନେକ ଫସି ରହିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତ୍ୟୁ ସଂଖ୍ୟା ମଧ୍ୟ ଆହୁରି ବୃଦ୍ଧି ପାଇପାରେ। ସୂଚନା ଅନୁଯାୟୀ, ମୀନାକ୍ଷି ସେତୁ ନିକଟରେ ଏକ ଟନେଲ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଭୂସ୍ଖଳନ ହୋଇଛି। ଭୂସ୍ଖଳନ ଏଭଳି ଭୟାନକ ଥିଲା ଯେ ମାଟି ଓ କାଦୁଅ ମାଡ଼ି ଆସିଥିଲା। (ପୃଷ୍ଠା:୫)

## ସିରିଆରେ ଫ୍ରାନ୍ସ ରାଷ୍ଟ୍ରପତି ରହୁଥିବା ହୋଟେଲ ନିକଟରେ ସିରିଏଲ ବିସ୍ଫୋରଣ



**ଦାମାସ୍କସ,୭୭(ଏଜେନ୍ସି):** ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏବେ ସିରିଆ ଗସ୍ତରେ ରହିଛନ୍ତି। ରାଜଧାନୀ ଦାମାସ୍କସରେ ସେ ରହୁଥିବା ହୋଟେଲ ନିକଟରେ ହୋଇଛି ଏକାଧିକ ବିସ୍ଫୋରଣ। ଏହି ବିସ୍ଫୋରଣରେ ତାଙ୍କୁ ଟାର୍ଗେଟ କରାଯାଇଥିବା ଅନୁମାନ କରାଯାଉଛି। ଏହି ଘଟଣା ସ୍ତବ୍ଧ କରିଦେଇଛି ବିଶ୍ୱକୁ। ତେବେ ମାକ୍ରନ ସୁରକ୍ଷିତ ରହିଛନ୍ତି। ହୋଟେଲ ନିକଟରେ ଗୋଟିଏ ପରେ ଗୋଟିଏ ସିରିଏଲ ବିସ୍ଫୋରଣ ହୋଇଥିଲା। ୨୦୨୪ରେ ଅହମଦ ଅଲ୍-ଶାରାଙ୍କ ନେତୃତ୍ୱରେ ସିରିଆରେ ହୋଇଥିବା ବିଦ୍ରୋହରେ ବଶରଅଲ୍-ଅସାଦ କ୍ଷମତାଚ୍ୟୁତ ହେବା ପରେ ଏକ ୟୁରୋପୀୟ ୟୁନିୟନ ରାଷ୍ଟ୍ରର ମୁଖ୍ୟ ଭାବେ ମାକ୍ରନଙ୍କର ଏହା ପ୍ରଥମ ସିରିଆ ଗସ୍ତ। (ପୃଷ୍ଠା:୫)

# ରାଜ୍ୟରେ ବନ୍ୟା ସ୍ଥିତି ନାହିଁ

## ଉପରମୁଣ୍ଡରେ ବର୍ଷା ଯୋଗୁ ହୀରାକୁଦ ଜଳସ୍ତର ବଢୁଛି

### ବିପଦସଂକେତ ତଳେ ବୈତରଣୀ

**ଭୁବନେଶ୍ୱର,୭୭(ନି.ପ୍ର):** ରାଜ୍ୟରେ ବର୍ତ୍ତମାନ ବନ୍ୟା ସ୍ଥିତି ନାହିଁ। ବୈତରଣୀ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଆଖୁଆପଦାରେ ବୈତରଣୀ ବନ୍ୟା ପାଣି ବିପଦସଂକେତ ତଳେ ପ୍ରବାହିତ ହେଉଛି। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲିପ ରାଉତ ଏହି ସୂଚନା ଦେଇଛନ୍ତି।

ରାଜ୍ୟରେ ସବୁ ନଦୀ ଏବେ ବିପଦସଂକେତ ତଳେ ପ୍ରବାହିତ। ଉପରମୁଣ୍ଡରେ ବର୍ଷା ଯୋଗୁ ହୀରାକୁଦ ଜଳସ୍ତର ବଢୁଛି। ଆସନ୍ତା ୯ ତାରିଖରେ ହୀରାକୁଦ ଜଳଭଣ୍ଡାରର ଗେଟ୍ ଖୋଲିବ। ହୀରାକୁଦରୁ ନିଷ୍କାସିତ ହେବ ପ୍ରଥମ ବନ୍ୟାଜଳ। ଏବେ ଜଳଭଣ୍ଡାରରେ ରହିଛି ୬୦୬.୧୨ ଫୁଟ ଜଳ। ମୁଣ୍ଡଳୀରେ ୩ ଲକ୍ଷ ୨୬ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ବର୍ଷା ଜଳ ନରାଜ ଦେଇ ଯିବା ପରେ ହୀରାକୁଦ ଜଳଭଣ୍ଡାର ଜଳ ଛଡ଼ାଯିବ। ଫଳରେ ବନ୍ୟା ସ୍ଥିତି ସୃଷ୍ଟି ହେବନାହିଁ। ତେବେ ହୀରାକୁଦର ତଳିଆ ଅଞ୍ଚଳକୁ ସତର୍କ କରାଯାଇଛି।

ରାଜ୍ୟରେ ଲଗାତାର ଜାରି ରହିଥିଲା ଲଗାଣ ବର୍ଷା। ମଙ୍ଗଳବାରଠାରୁ ପାଗରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ୧୩ ତାରିଖ ଯାଏ ପାଗ ଏହିଭଳି ରହିବ। ତେବେ ତା' ପରେ ପୁଣି ବର୍ଷାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ପୁଣି ବର୍ଷା ଲାଗି ରହିପାରେ।



### ବର୍ଷା କମିଛି, ଦୁର୍ଦ୍ଦଶା କମିନି

ଲଗାଣ ବର୍ଷା ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜଳାର୍ଣ୍ଣବ ସ୍ଥିତି ସୃଷ୍ଟି ହୋଇଛି। କେତେକ ସହରାଞ୍ଚଳରେ ମଧ୍ୟ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା ସ୍ଥିତି। ବିଭିନ୍ନ ସ୍ଥାନରେ ତଳିଆ ଅଞ୍ଚଳଗୁଡ଼ିକ ଏବେ ବି ଜଳବନ୍ଦୀ ହୋଇ ରହିଛି। କେଉଁଠି ଘର ଭିତରେ ବି ପାଣି ପଶିଛି। ଘର କାନ୍ଥ ମଧ୍ୟ ଭାଙ୍ଗି ପଡ଼ିଛି। ଚାଷ ଜମିରେ ଜମି ରହିଛି ବର୍ଷା ପାଣି। କେତେକ ଅଞ୍ଚଳରେ ମଧ୍ୟ ବାଇଗଣ, କଲରା,ଭେଣ୍ଡି, ବିନ୍ସ ଆଦି ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ୭ ଦିନ ଲଗାତାର ବର୍ଷାରେ ସୁବର୍ଣ୍ଣପୁରର ବିଭିନ୍ନ ସ୍ଥାନ ଜଳବନ୍ଦୀ ହୋଇ ରହିଛି। ଏପରିକି ଗୋଖନେଶ୍ୱର ମନ୍ଦିରରେ ବାବା ଗୋଖନେଶ୍ୱର ମଧ୍ୟ ଜଳବନ୍ଦୀ ହୋଇ ରହିଛନ୍ତି, ନୀତିକାନ୍ତି ଠିକ୍ ଭାବେ ହୋଇପାରୁନାହିଁ। ଯାଜପୁର ଜିଲ୍ଲାରେ ୫୦ ଫୁଟ୍‌ର ଓ ୩୦ଫୁଟ୍‌ର ୨ଟି ଘାଇ ସୃଷ୍ଟି ହୋଇଛି। ବୌଦ୍ଧ ଜିଲ୍ଲାରେ ୪ଟି ବ୍ରିଜ୍‌ର ଡାଇଭର୍ସନ ରୋଡ୍ ଧୋଇ ହୋଇଯାଇଛି। ଢେଙ୍କାନାଳରେ ମଧ୍ୟ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା ସ୍ଥିତି । ଏହିଭଳି ଅବସ୍ଥା ହୋଇଛି ଲଗାଣ ବର୍ଷାରେ।

## ଅହମଦାବାଦ ବିସ୍ଫୋରଣ ମାମଲା

# ୩୮ ଫାଶୀ ଦଣ୍ଡ କାଏମ

**ଅହମଦାବାଦ,୭୭(ନି.ପ୍ର):** ୨୦୦୮ ଅହମଦାବାଦ ସିରିଏଲ ବୋମା ବିସ୍ଫୋରଣ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ଗୁଜରାଟ ହାଇକୋର୍ଟ। ସ୍ୱତନ୍ତ୍ର କୋର୍ଟଙ୍କ ଆଦେଶକୁ ବଜାୟ ରଖିଛନ୍ତି ଉଚ୍ଚ ନ୍ୟାୟାଳୟ। ୩୮ ଜଣ ଆତଙ୍କବାଦୀଙ୍କ ମୃତ୍ୟୁଦଣ୍ଡକୁ କାଏମ ରଖିଛନ୍ତି। ୧୧ ଜଣ ଆତଙ୍କବାଦୀଙ୍କ ଆଜୀବନ କାରାଦଣ୍ଡ ମଧ୍ୟ କାଏମ ରହିବ ବୋଲି କହିଛନ୍ତି। ଗୁଜରାଟ ହାଇକୋର୍ଟ ମଙ୍ଗଳବାର ଦେଇଛନ୍ତି ଏହି ରାୟ।

ଏ ମାମଲାରେ ପୀଡ଼ିତଙ୍କ ପାଇଁ ହାଇକୋର୍ଟ ମଧ୍ୟ କ୍ଷତିପୂରଣ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଫୋରଣରେ ମୃତ ୫୬ ଜଣଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ୨୦୦ରୁ ଅଧିକ ଆହତଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ। ୨୬ ଜୁଲାଇ ୨୦୦୮ରେ ଅହମଦାବାଦରେ ସିରିଏଲ ବିସ୍ଫୋରଣ ଘଟାଇଥିଲେ ଆତଙ୍କବାଦୀ। ପ୍ରାୟ ୭୦ ମିନିଟ୍ ମଧ୍ୟରେ ଅହମ୍ମଦାବାଦରେ ଗୋଟିଏ ପରେ ଗୋଟିଏ ୨୧ଟି ବୋମା ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ୫୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୦ ରୁ ଅଧିକ ଆହତ ହୋଇଥିଲେ। ବୋମାଗୁଡ଼ିକୁ ସାଇକେଲରେ ଥିବା ଟିଫିନ ବାକ୍ସରେ ଲୁଚାଇ ରଖାଯାଇଥିଲା।

## ନୂଆ ରୂପ ପାଇବ ରାଜସ୍ୱ ଭବନ

**ଭୁବନେଶ୍ୱର,୭୭(ନି.ପ୍ର):** ରାଜଧାନୀରେ ରାଜୀବ ଭବନ ନିକଟରେ ନୂଆ ରୂପ ପାଇବ ରାଜସ୍ୱ ଭବନ। ରାଜ୍ୟର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଭବନର ରୂପରେଖ ପ୍ରସ୍ତୁତ କରାଯିବ। ସୂଚନା ଅନୁଯାୟୀ, ଏହି ନୂତନ ବିଲ୍ଡିଂରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ କାର୍ଯ୍ୟାଳୟ ଏକାଠି କାର୍ଯ୍ୟ କରିବ। ଏହି ବିଭାଗଗୁଡ଼ିକ ମଧ୍ୟରେ ପାରସ୍ପରିକ ସମନ୍ୱୟ ରକ୍ଷା ସହ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଦକ୍ଷ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଡିପିଆର୍ ମଧ୍ୟ ପ୍ରସ୍ତୁତ ହୋଇଛି। ଦୁଇବର୍ଷ ମଧ୍ୟରେ ଏହି ବିଲ୍ଡିଂ ଶେଷ ହେବା ଲକ୍ଷ୍ୟ ରହିଛି। ଫାୟାର, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଆଦି ସମସ୍ତ ଆନୁଷଙ୍ଗିକ ବିଭାଗ ଏହି ଗୋଟିଏ ବିଲ୍ଡିଂରେ କାର୍ଯ୍ୟ କରିବେ। ରାଜ୍ୟ ପ୍ରାୟ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ବିପର୍ଯ୍ୟୟ ପରିଚାଳନା ପାଇଁ ଆନୁଷଙ୍ଗିକ ବିଭାଗଗୁଡ଼ିକ ମଧ୍ୟରେ ତୁରନ୍ତ ସମନ୍ୱୟ ସ୍ଥାପନ ନିହାତି ଆବଶ୍ୟକ। ବିପର୍ଯ୍ୟୟ ପରିଚାଳନାରେ ବି ମଡେଲ ସାଜିଛି ଓଡ଼ିଶା, ଜାତିସଂଘ ମଧ୍ୟ ଏହାର ପ୍ରଶଂସା କରିଛି।

# ଉତ୍ତମ ସମନ୍ୱୟ ଜରିଆରେ ବିଭାଗଗୁଡ଼ିକ ନିଜ ସଫଳତା ବାଣ୍ଟିବା ଉଚିତ

## ଏଡ଼ିଜି ଅଖିଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ନାମକୁମରେ ଆଇଏମପିସିସି ବୈଠକ

**ଭୁବନେଶ୍ୱର,୭୭(ପିଆଇବି):** ରାଞ୍ଚି ପକ୍ଷରୁ ଆଇସିଏଆର-ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରୀ ଏଗ୍ରିକଲଚର୍, ନାମକୁମରେ ଇଣ୍ଟର୍ ମିଡ଼ିଆ ପବ୍ଲିସିଟି କୋଅର୍ଡ଼ିନେସନ୍ କମିଟି (ଆଇଏମପିସିସି)ର ବୈଠକ ଆୟୋଜିତ ହୋଇଯାଇଛି। ବୈଠକରେ ପିଆଇବି ରାଞ୍ଚି ଓ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ଅଧ୍ୟକ୍ଷତା କରିଥିଲେ।

ଉଦଘାଟନୀ ଅଭିଭାଷଣରେ ଶ୍ରୀ ମିଶ୍ର କହିଥିଲେ, ଯେକୌଣସି ବାର୍ତ୍ତାର ପ୍ରଭାବୀ ପ୍ରସାର ପାଇଁ ଯୋଗାଯୋଗର ବିଭିନ୍ନ ଦିଗ ପ୍ରତି ସମାନ ଧ୍ୟାନ ଦିଆଯିବା ଆବଶ୍ୟକ। ସୂଚନା ଆଦାନ ପ୍ରଦାନରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ, ଏହା ସରକାରୀ ସୂଚନାର ବିଶ୍ୱସନୀୟ ପ୍ରସାରରେ ସହାୟକ ହୋଇଥାଏ। ପିଆଇବି ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋର (ସିବିସି) ମୁଖ୍ୟ ଗୌରବ କୁମାର ପୁଷ୍କର ଅଂଶଗ୍ରହଣକାରୀମାନଙ୍କୁ ପିଆଇବି ଏବଂ ସିବିସିର କାର୍ଯ୍ୟକାରିତା ଏବଂ ସୂଚନା ପ୍ରସାରରେ ସେମାନଙ୍କର ଭୂମିକା ବିଷୟରେ ସୂଚନା ଦେଇଥିଲେ।

ରାଞ୍ଚିର ଏମ୍‌ଏସ୍‌ଏମ୍‌ଇ-ଡ଼ିଏଫ୍‌ଓ ର ନିର୍ଦ୍ଦେଶକ ଇନ୍ଦ୍ରଜିତ ଯାଦବ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଦକ୍ଷତା ବିକାଶ ପଦକ୍ଷେପ ଏବଂ ଉଦ୍ୟମିତାକୁ େ ଶ୍ରୀ ଦିବାକର କୁମାର ସରକାରୀ ଯୋଜନା ଏବଂ ଜାତୀୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନାର ପ୍ରଭାବଶାଳୀ ପ୍ରସାରରେ ଦୂରଦର୍ଶନର ଭୂମିକା



ଉପରେ ଆଲୋକପାତ କରିଥିବାବେଳେ ଦୂରଦର୍ଶନ ରାଞ୍ଚିର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀ ଅମିତ କୁମାର ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଦୂରଦର୍ଶନ ଝାରଖଣ୍ଡର ବୃଦ୍ଧି ପାଉଥିବା ପ୍ରସାର ବିଷୟରେ କହିଥିଲେ।

ୟୁଆଇଡ଼ିଏଆଇର ଆଞ୍ଚଳିକ ନିର୍ଦ୍ଦେଶକ ନୀରଜ କୁମାର ଆଧାର ସେବାର ସମ୍ପ୍ରସାରଣ, ନୂଆ ଆଧାର ଆପ୍, ଏପିଏଆରଆଇଡ଼ି ଏବଂ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡ଼ିବିଟି) ରେ ଆଧାରର ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍)ର ଅତିରିକ୍ତ ନିର୍ଦ୍ଦେଶକ ଡ଼କ୍ଟର ଅରୁଣ କୁମାର, ସିଜିଏସଟି ରାଞ୍ଚିର ପ୍ରତିନିଧି ରବି କୁମାର ଏବଂ ନାବାର୍ଡ଼ର ପ୍ରତିନିଧି ଅମିତ କୁମାର ନିଜ ନିଜ ସଂସ୍ଥାର ପ୍ରମୁଖ ସଫଳତା ଏବଂ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

ଆକାଶବାଣୀ ରାଞ୍ଚିର କାର୍ଯ୍ୟକ୍ରମ ପରିଚାଳକ ପ୍ରଭୁ ଶରଣ ଜନସ୍ୱାର୍ଥ ସମ୍ବନ୍ଧୀୟ ସୂଚନା ପ୍ରସାରରେ ଆକାଶବାଣୀର ଭୂମିକା ବିଷୟରେ କହିଥିଲେ। ମାଇଁ ଭାରତ ଝାରଖଣ୍ଡର ରାଜ୍ୟ ନିର୍ଦ୍ଦେଶିକା ଲଲିତା କୁମାରୀ ଯୁବ ସଂସଦ, ବିବିଧ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ଏବଂ ପରୀକ୍ଷାମୂଳକ ଶିକ୍ଷା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ରାଞ୍ଚି ୟୁନିଟର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ଅଧୀକ୍ଷକ ସାରିକ ଉମର ଏବଂ ଆଇସିଏଆର-ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରୀ ଏଗ୍ରିକଲଚରର ପ୍ରମୁଖ ବୈଜ୍ଞାନିକ ଡ଼କ୍ଟର ନିରନ୍ତର ପ୍ରସାଦ ଯଥାକ୍ରମେ ନିଶାଦ୍ରବ୍ୟ ନିୟନ୍ତ୍ରଣ ଏବଂ କୃଷି ନବସୃଜନ ସମ୍ବନ୍ଧୀୟ ପଦକ୍ଷେପ ଉପରେ ସୂଚନା ଶେୟାର କରିଥିଲେ। ବୈଠକରେ ଆକାଶବାଣୀ ରାଞ୍ଚିର ଜାଭିୟର୍ କାଣ୍ଡୁଲାନା, ଦୂରଦର୍ଶନ ରାଞ୍ଚିର ସୁଧୀର କୁମାର ଏବଂ ୟୁଆଇଡ଼ିଏଆଇର ଅବଦୁଲ କଲାମ ଅନସାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଭାରତୀୟ ରେଳବାଇର ପ୍ରଥମ ହାଇଡ୍ରୋଜେନ ଟ୍ରେନ୍



## ଲାଗିଛି ୧୨୦୦ ହର୍ସପାୱାରର ଇଞ୍ଜିନ୍

ଭାରତୀୟ ରେଳବାଇ ଏହାର ଟ୍ରେନରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ଶତାବ୍ଦୀ, ରାଜଧାନୀ ଏବଂ ବନ୍ଦେ ଭାରତ ଭଳି ହାଇସ୍ପିଡ୍ ଟ୍ରେନ ପରେ ଭାରତ ଖୁବ୍ ଶୀଘ୍ର ଏଭଳି ଟେକ୍ନୋଲୋଜି ଆପଣେଇବାକୁ ଯାଉଛି ଯାହା ଦେଶର ରେଳ ବ୍ୟବସ୍ଥାକୁ ପରିବେଶ ଅନୁକୂଳ ଏବଂ ଆଧୁନିକ କରିବ । ଭାରତୀୟ ରେଳବାଇ ଏହାର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍ ଲଞ୍ଚ କରିବାକୁ ଯାଉଛି ଯାହା ଶୂନ୍ୟ ପ୍ରଦୂଷଣ, କମ୍ ଶବ୍ଦ ଏବଂ ଉନ୍ନତ ଶକ୍ତି ସହିତ ସାରା ଦେଶରେ ଚାଲିବ ।

ଭାରତୀୟ ରେଳବାଇ ହାଇଡ୍ରୋଜେନ ହେରିଟେଜ ପ୍ରୋଜେକ୍ଟ ଅଧୀନରେ ବହୁ ପରିମାଣରେ ହାଇଡ୍ରୋଜେନ ଟ୍ରେନକୁ ସାମିଲ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି । ରେଳବାଇ ପର୍ଯ୍ୟାୟକ୍ରମେ ମୋଟ ୩୫ଟି ହାଇଡ୍ରୋଜେନ୍ ଟ୍ରେନ୍ ଚଳାଚଳ କରିବ । ଭାରତରେ ଏହି ହାଇଡ୍ରୋଜେନ ରେଳ ହରିୟାଣାର ଜିନ୍ଦ ଏବଂ ସୋନିପତ ମଧ୍ୟରେ ପ୍ରାୟ ୮୯ କିଲୋମିଟର ଦୂରତା ଅତିକ୍ରମ କରିବ ।

ଭାରତୀୟ ରେଳବାଇ ଅନୁଯାୟୀ, ଏହି ରେଳ ପ୍ରାୟ ୨୬୦୦ ଯାତ୍ରୀ କ୍ଷମତା ସହିତ ବିଶ୍ୱର ସର୍ବବୃହତ ହାଇଡ୍ରୋଜେନ ରେଳ ମଧ୍ୟରୁ ଗୋଟିଏ ହେବ । ଚେନ୍ନାଇସ୍ଥିତ ଇଣ୍ଟିଗ୍ରାଲ୍ କ୍ୟାରେଜ୍ ଫ୍ୟାକ୍ଟ୍ରି (ଆଇସିଏଫ୍)ରେ ଭାରତୀୟ ରେଳବାଇ ହାଇଡ୍ରୋଜେନ୍ ଚାଳିତ ଟ୍ରେନର ପରୀକ୍ଷଣ ସଫଳତାର ସହ ଶେଷ କରିଛି । ହାଇଡ୍ରୋଜେନ ଚାଳିତ ଟ୍ରେନ ବିକଶିତ କରିବାରେ ଭାରତ ବିଶ୍ୱର ପଞ୍ଚମ ଦେଶ ହେବ । ପୂର୍ବରୁ ଚୀନ୍, ସ୍ୱିଡେନ୍, ଫ୍ରାନ୍ସ ଏବଂ ଜର୍ମାନୀରେ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍ ବ୍ୟବହାର କରାଯାଉଥିଲା ।

ଭାରତର ସବୁଠାରୁ ଆଧୁନିକ ଟ୍ରେନ ହେଉଛି ବନ୍ଦେ ଭାରତ । କିନ୍ତୁ ଯଦି ଆମେ ବନ୍ଦେ ଭାରତ ଏବଂ ହାଇଡ୍ରୋଜେନ ଟ୍ରେନର ତୁଳନା କରିବା, ତେବେ ଉଭୟ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ଏବଂ ଟେକ୍ନୋଲୋଜିର ଟ୍ରେନ୍ । ବନ୍ଦେ ଭାରତ ଇଲେକ୍ଟ୍ରିକ, ଆଧୁନିକ ସୁବିଧା ଏବଂ ଦ୍ରୁତ ଗତିରେ ଚାଲିଥାଏ । ଯେତେବେଳେ କି ହାଇଡ୍ରୋଜେନ ଟ୍ରେନ୍ ଉନ୍ନତ ପରିବେଶ, ଶୂନ୍ୟ ପ୍ରଦୂଷଣ, କମ୍ ଶବ୍ଦ ଏବଂ ଉନ୍ନତ ଶକ୍ତି ଦକ୍ଷତା ସହିତ ଚାଲିବ ।

ଭାରତୀୟ ରେଳବାଇର ଏହି ନୂଆ ହାଇଡ୍ରୋଜେନ ଟ୍ରେନରେ ୧,୨୦୦ ହର୍ସପାୱାରର ଇଞ୍ଜିନ ଲାଗିଛି । ଯାହା ଏହାକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ହାଇଡ୍ରୋଜେନ ଚାଳିତ ଟ୍ରେନରେ ପରିଣତ କରିଛି। ଏହା କେବଳ ଭାରତର ଇଞ୍ଜିନିୟରିଂ କ୍ଷମତାର ଏକ ବଡ଼ ପ୍ରଦର୍ଶନ ନୁହେଁ । ମିଳିଥିବା ସୂଚନା ମୁତାବକ, ହାଇଡ୍ରୋଜେନ ଟ୍ରେନର ଟିକେଟର ମୂଲ୍ୟ ଅଧିକ ହେବ ନାହିଁ । ପ୍ରତ୍ୟେକ ଟ୍ରେନ୍ ପାଇଁ ପ୍ରାୟ ୮୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏହାର ପରିଚାଳନା ପାଇଁ ଆବଶ୍ୟକ ଗ୍ରାଉଣ୍ଡ ଇନ୍ଫ୍ରାଷ୍ଟ୍ରକଚର ପାଇଁ ପ୍ରାୟ ୭୦ କୋଟି ଟଙ୍କା ଖର୍ଚ୍ଚ ହେବ।

# ପାଦ ଫାଟିବା ଦେଇଥାଏ ଏହିସବୁ ଲକ୍ଷଣ

## ଜାଣନ୍ତୁ ସମ୍ପୂର୍ଣ୍ଣ ତଥ୍ୟ



ପାଦ ଫାଟିବା ଏକ ସାଧାରଣ କଥା । କିନ୍ତୁ ଅବହେଳା କରିବାଯୋଗ୍ୟ ନୁହେଁ । ନଚେତ ଏହା ଅନେକ ସମୟରେ ବିପଦ ସୃଷ୍ଟି କରିପାରେ । ବେଳେ ବେଳେ ଏହା ସ୍ୱାସ୍ଥ୍ୟ ସହିତ ଜଡିତ ସମସ୍ୟା ସମ୍ପର୍କରେ ସଙ୍କେତ ଦେଇଥାଏ । ପାଦ ଫାଟିବାର ସମସ୍ୟା ଶୀତ ଋତୁ, ଅତ୍ୟଧିକ ଶୁଷ୍କ ପରିବେଶ, ଦୀର୍ଘ ସମୟ ଠିଆ ହୋଇ କାମ କରିବା, ଖାଲି ପାଦରେ ଚାଲିବା, ଶରୀରରେ ଜଳର ଅଭାବ କିମ୍ବା ଚର୍ମର ଯଥେଷ୍ଟ ଆର୍ଦ୍ରତା ନ ରହିବା ଭଳି ବିଭିନ୍ନ କାରଣରୁ ହୋଇପାରେ । କିନ୍ତୁ ଏଥିପ୍ରତି ଅବହେଳା କରିବା ମଧ୍ୟ ଉଚିତ୍ ନୁହେଁ । ଖାସ୍ କରି ମଧୁମେହ, ଥାଇରଏଡ୍ ସମସ୍ୟା କିମ୍ବା କିଛି ଚର୍ମରୋଗ ଥିବା ବ୍ୟକ୍ତିଙ୍କ ମଧ୍ୟରେ ପାଦ ଫାଟିବା ଭଳି ସମସ୍ୟା ଅଧିକ ଦେଖାଯାଏ । ତେଣୁ ପାଦର ମଧ ଯତ୍ନ ନିଶ୍ଚୟ ନିଅନ୍ତୁ ।

ପାଦରେ ହେଉଥିବା ଯନ୍ତ୍ରଣାକୁ ଆମେ ସବୁବେଳେ ଜାଣିବା ପରେ ମଧ୍ୟ ଅଣଦେଖା କରିଦେଇଥାଉ। କିନ୍ତୁ ଏହା ବିଭିନ୍ନ ରୋଗର ସଙ୍କେତ ଦେଇଥାଏ । ହାଇ କୋଲେଷ୍ଟ୍ରଲର ଲକ୍ଷଣ ଗୋଡରେ ମଧ ଦେଖାଯାଏ । ଯଦି ଆପଣ ଠିକ୍ ସମୟରେ ଏଥିପ୍ରତି ଧ୍ୟାନ ନଦିଅନ୍ତି ତେବେ ଆଗକୁ ଯାଇ ସମସ୍ୟା ସୃଷ୍ଟି କରିପାରେ । ତେବେ ଏହି ଲକ୍ଷଣଗୁଡିକୁ ଅଣଦେଖା କରନ୍ତୁନାହିଁ । ନଚେତ ଆପଣ ହୃଦଘାତର ଶିକାର ହେବା ସହ ଉଚ୍ଚ ରକ୍ତଚାପ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କେବଳ ଏତିକି ନୁହେଁ ଆପଣଙ୍କ ଶରୀରରେ ଅନେକ ପ୍ରକାରର ରୋଗ ମଧ ଦେଖାଦେଇଥାଏ ।

ଯଦି ଯନ୍ତ୍ରଣାକୁ ଠିକ୍ ସମୟରେ ଉପଚାର କରାନଯାଏ, ତେବେ ଅଧିକ ସମସ୍ୟା ଦେଖାଯାଇପାରେ । କାରଣ ପେରିଫେରଲ ଆର୍ଟରୀ ଡିସଅର୍ଡର ଏମିତି ଏକ ରୋଗ, ଯାହା ଅନ୍ୟ ଲକ୍ଷଣ କାରଣରୁ ହୁଏ ନାହିଁ । ପାଦରେ ଯନ୍ତ୍ରଣା, ହୃଦ ରୋଗର ପ୍ରାରମ୍ଭିକ ଲକ୍ଷଣ ଭାବେ ମନାଯାଏ । ତେଣୁ ପାଦରେ ଯନ୍ତ୍ରଣା, ଓଜନ ଲାଗିବା, ଜଳାପୋଡା ଲକ୍ଷଣକୁ କେବେ ବି ଅଣଦେଖା କରନ୍ତୁ ନାହିଁ । ତେବେ ଆସନ୍ତୁ ଏହା ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ଜାଣିବା ।

ଶୀତ ଦିନେ ପାଦ ଥଣ୍ଡା ହୋଇଯିବା ଏକ ସାଧାରଣ କଥା । କିନ୍ତୁ ଯଦି ଖରାଦିନେ ମଧ ଏହା ଦେଖିବାକୁ ମିଳେ ତେବେ ଆପଣ ଜାଣନ୍ତୁ ଯେ ଆପଣଙ୍କ ଶରୀରରେ କିଛି ସମସ୍ୟା ରହିଛି । ଯାହା ହାଇ କୋଲେଷ୍ଟ୍ରଲର ଲକ୍ଷଣ ହୋଇପାରେ । ଏଭଳି ପରିସ୍ଥିତିରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଏଥିସହିତ ହାଇ କୋଲେଷ୍ଟ୍ରଲ ଯୋଗୁଁ ପାଦକୁ ହେଉଥିବା ରକ୍ତ ସଞ୍ଚାଳନ ଉପରେ ମଧ ପ୍ରଭାବ ପଡିଥାଏ । ରକ୍ତ ଅଭାବ ଯୋଗୁଁ ପାଦର ଚର୍ମ ଏବଂ ନଖର ରଙ୍ଗ ବଦଳିବାକୁ ଆରମ୍ଭ କରିଥାଏ ।

ଏହା ବ୍ୟତୀତ ଅନେକ ଲୋକ ରାତିରେ ଶୋଇବା ସମୟରେ ଗୋଡ ଫାଟିଯାଇଥାଏ। ଯାହା ହାଇ କୋଲେଷ୍ଟ୍ରଲର ଏକ ସାଧାରଣ ସଙ୍କେତ । ପାଦ ବ୍ୟତୀତ ଗୋଇଠି ପାଦ ଅଙ୍ଗୁଳିରେ ମଧ ଫାଟ ଦେଖାଯାଏ ଯାହାର ପ୍ରଭାବ ନିଦ ଉପରେ ପଡିଥାଏ ।



ଏମିତି ଅନେକ ପୌରାଣିକ କାହାଣୀ ରହିଛି, ଯାହା ଆଜି ବି ଅନେକ ଲୋକ ଜାଣିନାହାଁନ୍ତି । ଦିନେ ବଡ଼ଠାକୁର ଜଗନ୍ନାଥ, ବଳଭଦ୍ର ଲକ୍ଷ୍ମୀଙ୍କ କୋପର ଶିକାର ହୋଇଥିଲେ ବୋଲି ଆମେ ସାଧାରଣତଃ ସମସ୍ତେ ଜାଣିଛେ । ହେଲେ ବିଷ୍ଣୁଙ୍କ ଅଭିଶାପ ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ଉପରେ ମଧ ପଡ଼ିଥିଲା । ଯାହା ବିଷ୍ଣୁ ପୁରାଣରେ ବର୍ଣ୍ଣିତ ରହିଛି।

ବିଷ୍ଣୁ ପୁରାଣ କାହାଣୀ ଅନୁସାରେ ଥରେ ବିଷ୍ଣୁଙ୍କୁ ଧରାପୃଷ୍ଠରେ ବୁଲିବାକୁ ଇଛା ହେଲା । ଧରାପୃଷ୍ଠରେ ବୁଲି ତାଙ୍କ ଭକ୍ତମାନଙ୍କ ଜନଜୀବନକୁ ନିକଟରୁ ଦେଖିବାକୁ ଚାହାଁନ୍ତି ବୋଲି ବିଷ୍ଣୁ ଲକ୍ଷ୍ମୀଙ୍କୁ କହିଥିଲେ । ଭଗବାନ ବିଷ୍ଣୁଙ୍କର ଏହି କଥା ଦେବୀ ଲକ୍ଷ୍ମୀଙ୍କ ଉତ୍ସାହକୁ ବଢାଇଦେଇଥିଲା । ଯାହା ଦ୍ୱାରା ମା ଲକ୍ଷ୍ମୀ ମଧ ଧରାପୃଷ୍ଠରେ ବିଷ୍ଣୁଙ୍କ ସହିତ ବୁଲିବାକୁ ଇଚ୍ଛା ପ୍ରକାଶ କରିଥିଲେ । ହେଲେ ଭଗବାନ ବିଷ୍ଣୁ ଧରିତ୍ରୀପୃଷ୍ଠକୁ ଯିବା ପୂର୍ବରୁ ମା' ଲକ୍ଷ୍ମୀଙ୍କୁ କିଛି ସତର୍କ କରାଇଥିଲେ । ଦୂରରୁ ରହି ପ୍ରକୃତିକୁ ଦେଖିବାକୁ ଏବଂ କୌଣସି ଜିନିଷକୁ ସ୍ପର୍ଶ ନକରିବାକୁ ଭଗବାନ ବିଷ୍ଣୁ ମା' ଲକ୍ଷ୍ମୀଙ୍କୁ ବାରଣ କରିଥିଲେ। ଦେବୀ ଲକ୍ଷ୍ମୀ ମଧ ଭଗବାନ ବିଷ୍ଣୁଙ୍କ ପରାମର୍ଶକୁ ସ୍ବୀକାର କରିଥିଲେ ।

ଯେତେବେଳେ ଦେବୀ ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କ ସହ ଧରାପୃଷ୍ଠକୁ ଆସି ଅବତରଣ କରିଥିଲେ ସେତେବେଳେ ବର୍ଷା ଋତୁ ଆଗମନ କରିସାରିଥିଲା । ଯାହା ଫଳରେ ପରିବେଶ ଖୁବ୍ ସୁନ୍ଦରମୟ ହୋଇଉଠିଥିଲା । ପ୍ରକୃତିର ଏଭଳି ଦୃଶ୍ୟ ଦେବୀ ଲକ୍ଷ୍ମୀ ଙ୍କୁ ପ୍ରସନ୍ନ କରିଥିଲା । ବୁଲୁ ବୁଲୁ ଚଞ୍ଚଳା ଦେବୀ ଏକ ସୁନ୍ଦର ବଗିଚାରେ ପହଞ୍ଚିଥିଲେ। ଯେଉଁଠି ଗୋଲାପ ଫୁଲ ଉପରେ ମାତାଙ୍କର ନଜର ପଡିଥିଲା । ଏତେ ସୁନ୍ଦର ଗୋଲାପ ଫୁଲ ଦେଖି ଲକ୍ଷ୍ମୀ ମନ୍ତ୍ରମୁଗ୍ଧ ହୋଇଗଲେ । ଗୋଲାପକୁ ଛିଣ୍ଡାଇ ତାର ସୁଗନ୍ଧର ଆନନ୍ଦ ନେବାକୁ ଲାଗିଲେ ମା' ଲକ୍ଷ୍ମୀ ।

ଯେତେବେଳେ ଭଗବାନ ବିଷ୍ଣୁ ଦେବୀ ଲକ୍ଷ୍ମୀଙ୍କ ହାତରେ ଗୋଲାପ ଫୁଲ ଦେଖିଲେ ସେତେବେଳେ ତାଙ୍କ ଉପରେ କ୍ରୋଧ ପ୍ରକାଶ କରିଥିଲେ । ଏଥିସହ ବିଷ୍ଣୁ ଭଗବାନ ଲକ୍ଷ୍ମୀଙ୍କୁ କହିଲେ ଯେ, ''ଦେବୀ ମୁଁ ତୁମକୁ ଧରିତ୍ରୀଲୋକରେ କୌଣସି ଜିନିଷ ଛୁଇଁବାକୁ ବାରଣ କରିଥିଲି । ହେଲେ ତୁମେ ମୋ କଥାକୁ ଅଣଦେଖା କରି ଗୋଲାପକୁ ଛିଣ୍ଡାଇଦେଲ। ତୁମେ ଜାଣ ଏହି ବଗିଚା ମୋର ଜଣେ ଭକ୍ତଙ୍କର । ଯିଏ ଏହିଥିରୁ ନିଜର ଜୀବିକା ନିର୍ବାହ କରନ୍ତି ।'' ବିଷ୍ଣୁଙ୍କର ଏଭଳି କଥା ଶୁଣି ମା ଲକ୍ଷ୍ମୀ ଅହଂକାର କଣ୍ଠ ସ୍ବରରେ କହିଥିଲେ ଯେ, ପ୍ରଭୁ ଆପଣ ବିନା କାରଣରେ ଏତେ କ୍ରୋଧିତ ହେଉଛ । ଏହା ମୂଲ୍ୟହୀନ ନୁହେଁ । ଏହା କେବଳ ଏକ ଫୁଲ । ଏହି ବଗିଚା ଏବଂ ଫୁଲ ଜଗତକୁ ଧନ ଏବଂ ସମୃଦ୍ଧି ପ୍ରଦାନ କରୁଥିବା ଦେବୀଙ୍କ ତୁଳନାରେ କିଛି ନୁହେଁ । ଯଦି ତୁମେ ଇଚ୍ଛା କର, ମୁଁ ତୁମର ଏହି ଭକ୍ତଙ୍କୁ ପ୍ରଚୁର ଧନରେ ବୃଷ୍ଟି କରିବି ।''

ଦେବୀ ଲକ୍ଷ୍ମୀଙ୍କ ଏଭଳି କଥା ଶୁଣି ଭଗବାନ ବିଷ୍ଣୁ କ୍ରୋଧିତ ହୋଇଗଲେ । ଫଳରେ ଲକ୍ଷ୍ମୀଙ୍କୁ ବୁଝାଇବା ପାଇଁ ବିଷ୍ଣୁ ତାଙ୍କୁ ଅଭିଶାପ ଦେଇଥିଲେ । ସେ ତାଙ୍କୁ ଅଭିଶାପ ଦେଇ କହିଲେ ଯେ ଯେଉଁ ଧନ ଏବଂ ସମୃଦ୍ଧି ଉପରେ ସେ ଏତେ ଗର୍ବ କରୁଥିଲେ ତାହା ତାଙ୍କୁ ପରିତ୍ୟାଗ କରିବ, ତାଙ୍କୁ କନିଷ୍ଠ ଛାଡିଦେବ । ଅଭିଶାପ ଥିଲା ଯେ, ସେହି ମାଳୀ ଘରକୁ ଯିବେ ଏବଂ ସବୁକିଛିର ମୂଲ୍ୟ ବୁଝିବାକୁ ତାଙ୍କ ସଂଘର୍ଷକୁ ଅତି ପାଖରୁ ଦେଖିବେ ।

ଭଗବାନ ବିଷ୍ଣୁଙ୍କ ଅଭିଶାପ ପ୍ରଭାବରେ ଦେବୀ ଲକ୍ଷ୍ମୀ ଏକ ଛୋଟ ଝିଅରେ ପରିଣତ ହୋଇଗଲେ । କନ୍ୟା ରୂପ ହୋଇ ବଗିଚାରେ ଠିଆ ହୋଇ କାନ୍ଦିବାକୁ ଲାଗିଲେ। ଯେତେବେଳେ ବଗିଚାରେ ମାଳି ଆସି ପହଞ୍ଚିଲେ ସେତେବେଳେ ଝିଅକୁ କାନ୍ଦୁଥିବାର ଦେଖିଲେ । ମାଳିର ଛୁଆ ପିଲା ନ ଥିବାରୁ ତାଙ୍କୁ ଝିଅ କରି ଘରକୁ ନେଇଗଲେ। ତାଙ୍କ ସ୍ତ୍ରୀ ମଧ ଖୁବ୍ ଖୁସି ହୋଇଗଲେ । ଏହା ପରେ, ମାଳିର ଭାଗ୍ୟ ବଦଳିଗଲା। ଦେବୀ ଲକ୍ଷ୍ମୀ ଟଙ୍କା ଏବଂ କଠିନ ପରିଶ୍ରମର ମୂଲ୍ୟ ବୁଝିବା ଆରମ୍ଭ କରିବା ସହିତ, ମାଳିର ଆୟ ବୃଦ୍ଧି ପାଇବାକୁ ଲାଗିଲା। ଅଭିଶାପ ଶେଷ ହେବା ମାତ୍ରେ, ବିଷ୍ଣୁଙ୍କ ଭକ୍ତ ଆଶୀର୍ବାଦ ପାଇଲେ, ଏବଂ ଦେବୀ ଲକ୍ଷ୍ମୀ ଏକ ଶିକ୍ଷା ପାଇଲେ। ଅଭିଶାପ ଶେଷ ହେବା ମାତ୍ରେ, ଭଗବାନ ବିଷ୍ଣୁ ମାଳିର ଘରକୁ ଆସିଲେ, ସମଗ୍ର କାହାଣୀ କହିଲେ ଏବଂ ଦେବୀ ଲକ୍ଷ୍ମୀଙ୍କୁ ତାଙ୍କ ସହିତ ବୈକୁଣ୍ଠକୁ ନେଇଗଲେ ।

# ଲକ୍ଷ୍ମୀଙ୍କୁ ଅଭିଶାପ ଦେଇଥିଲେ ଭଗବାନ ବିଷ୍ଣୁ

## ସେଥିପାଇଁ ମା' ହୋଇଯାଇଥିଲେ କାଙ୍ଗାଳ



# ପାଦରେ ପାଉଁଜି ପିନ୍ଧି ବାହା ହେଲେ ଅମୀର ଖାନ୍

ବଲିଉଡ୍ ସୁପରଷ୍ଟାର ଆମିର ଖାନ୍ ରବିବାର ତୃତୀୟ ବିବାହ କରିଛନ୍ତି । ବାନ୍ଧବୀ ଗୌରୀ ସ୍ପ୍ରାଟଙ୍କୁ ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି । ଆମିରଙ୍କ ବାନ୍ଦ୍ରାସ୍ଥିତ ଘରେ ଏହି ବିବାହ ସମାରୋହ ଅନୁଷ୍ଠିତ ହୋଇଥିଲା । ବିବାହ ସରିବା ପରେ ମଧ ଚର୍ଚ୍ଚା କମିନାହିଁ।

ତୃତୀୟ ବିବାହରେ ଆମିର ଅଫ ହ୍ବାଇଟ କଲର ଧୋତି କୁର୍ତ୍ତାରେ ନଜର ଆସିଛନ୍ତି । ତାଙ୍କ କୁର୍ତ୍ତା ବହୁତ ସୁନ୍ଦର ଦେଖାଯାଉଛି । ଆମିର ନିଜର ୱେଡିଂ ଲୁକ୍ ବହୁତ ସିମ୍ପଲ ରଖିଥିବା ବେଳେ ଗୋଡ଼ରେ ରୁପାର ପାଉଁଜି ପିନ୍ଧିଥିବାର ଦେଖିବାକୁ ମିଳିଛନ୍ତି । ଆମିରଙ୍କ ପାଉଁଜି ଦେଖି ସମସ୍ତେ ବହୁତ ପ୍ରଶଂସା କରିଛନ୍ତି । ଆମିର ବିବାହ ସରିବା ପରେ ଅତିଥିମାନଙ୍କୁ ଛାଡିବାକୁ ବାହାରକୁ ଆସିଥିଲେ । ଏହି ସମୟରେ ତାଙ୍କ ପାଦରେ ପାଉଁଜି ଦେଖିବାକୁ ମିଳିଥିଲା ।

ବିବାହରେ ଦମ୍ପତିଙ୍କ ପରିବାର ସଦସ୍ୟ, କିଛି ଘନିଷ୍ଠ ବନ୍ଧୁ, ପରିଜନଙ୍କୁ ମିଶାଇ ପ୍ରାୟ ୧୫୦ ଜଣ ଅତିଥି ସାମିଲ ହୋଇଥିଲେ । ଏହି ଅବସରରେ ଆମିରଙ୍କ ତିନି ପିଲା ଜୁନୈଦ ଖାନ୍, ଇରା ଖାନ୍, ଆଜାଦ ରାଓ ଖାନ୍ ଏବଂ ଗୌରୀଙ୍କ ୭ ବର୍ଷୀୟ ପୁଅଙ୍କୁ ଦେଖିବାକୁ ମିଳିଥିଲା । ଏହାଛଡ଼ା ବ୍ୟବସାୟୀ ମୁକେଶ ଅମ୍ବାନି, ଫିଲ୍ମ ନିର୍ମାତା ଆଶୁତୋଷ ଗୋୱାରିକର, ପୂର୍ବତନ କ୍ରିକେଟର ଇରଫାନ ପଠାନ୍, ଏମଏନଏସ୍ ମୁଖ୍ୟ ରାଜ୍ ଠାକ୍ରେ, ସଙ୍ଗୀତକାର ପ୍ରସୂନ ଯୋଶୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

ସୂଚନାଥାଉକି, ୧୯୮୬ରେ ଆମିର ରୀନା ଦତ୍ତଙ୍କୁ ପ୍ରଥମ ବିବାହ କରିଥିଲେ । ୨୦୦୨ରେ ଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିଲା । ପରେ ୨୦୦୫ରେ ସେ କିରଣ ରାଓଙ୍କୁ ବିବାହ କରିଥିଲେ । ସେହି ବିବାହ ୧୫ ବର୍ଷ ତିଷ୍ଠିଥିଲା ।

ଆମିର ଏବଂ ଗୌରୀ ପରସ୍ପରକୁ ଦୀର୍ଘ ୨୫ ବର୍ଷ ହେଲା ଜାଣନ୍ତି । ଗୌରୀ ଜଣେ ଫ୍ୟାସନ ପ୍ରଫେସନାଲ । ଗୌରୀ ବେଙ୍ଗାଲୁରୁରେ ଜନ୍ମିତ ୱେଲନେସ୍ ଏବଂ ବିୟୁଟି ଉଦ୍ୟୋଗୀ । ସେ : ସାଲୁନର ପାର୍ଟନର ଏବଂ ନିର୍ଦ୍ଦେଶକ । ଗୌରୀ ଲଣ୍ଡନର କଳା ବିଶ୍ୱବିଦ୍ୟାଳୟରେ ଫ୍ୟାଶନ, ଷ୍ଟାଇଲିଂ ଏବଂ ଫଟୋଗ୍ରାଫି ଅଧ୍ୟୟନ କରିଛନ୍ତି । ତାଙ୍କର ଏକ ୬ ବର୍ଷର ପୁଅ ରହିଛି ।





# କିପରି କଟିବ ଆଜିର ଦିନ

୮ ଜୁଲାଇ ୨୦୨୬

**ମେଷ:** ବ୍ୟବସାୟ, ପରିବହନ, ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ହାସଲ କରିବେ। ପରିବାରରେ ଅନ୍ୟ କାହାର କଥା ମିଶିବ ନାହିଁ। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ:** ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଭଲ ରହିବ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ:** ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନରହିଲେ ସମସ୍ୟା ଆସିପାରେ। ବିବାଦୀୟ ଘଟଣାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ।

**କର୍କଟ:** ଶିଳ୍ପ, ବାଣିଜ୍ୟ ପାଇଁ ଦିନଟି ଭଲ ରହିବ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ମହିଳାମାନେ କର୍ମତତ୍ପର ହେବେ ଓ ଯତ୍ନବାନ ହେବେ।

**ସିଂହ:** ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ପାଇପାରିବେ। ବହୁଦିନରୁ ଖୋଜୁଥିବା ଜିନିଷ ନିକଟରୁ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ସମୟ ବିତିବ।

**କନ୍ୟା:** ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଅନୁଭବ କରିବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଦିନଟି ଭଲରେ କଟିବ।

**ତୁଳା:** ପରିବାର ମଧ୍ୟରୁ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ ଓ ପ୍ରାଚୁର୍ଯ୍ୟ ପାଇବେ। ପୂର୍ବ ଶତ୍ରୁତାକୁ ନେଇ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବିଛା:** ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ।

**ଧନୁ:** ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ । କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ମକର:** ସାମାଜିକ ସ୍ତରରେ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଓ ଦୂରଯାତ୍ରାର ସୁଯୋଗ ମଧ ପାଇବେ। ବୃତ୍ତି, ବାଣିଜ୍ୟ, ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରରେ ଛୋଟ ଘଟଣାକୁ ଗୁରୁତ୍ୱ ଦିଅନ୍ତୁନି।

**କୁମ୍ଭ:** ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବନି। କିନ୍ତୁ ସାମୟିକ ଭାବରେ ପୁତ୍ରକନ୍ୟାଙ୍କ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ:** ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଅନୁଭବ କାରଣରୁ ମନ ଖୁସି ରହିବ। ବିବାଦୀୟ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ଅନୁଚିନ୍ତା**

ଏ ଜଗତ ବିଶ୍ୱନିୟନ୍ତାଙ୍କର । ଜୀବ ତାଙ୍କର ଅଂଶ । ଜୀବ ଶୁଦ୍ଧ, ଜଗତ ଶୁଦ୍ଧ । ଶୁଦ୍ଧକୁ ଅଶୁଦ୍ଧ କରନାହିଁ ।

## ସମ୍ପାଦକୀୟ

# ଆମେରିକାରୁ ଏଲ୍‌ପିଜି ଆମଦାନୀ

ପଶ୍ଚିମ ଏସିଆ ସଂଘର୍ଷ ମଧ୍ୟରେ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ (ଏଲ୍‌ପିଜି) ଆମଦାନୀରେ ବିବିଧତା ଆପଣାଇଥିଲା ଭାରତ । ଏହି ବିବିଧତା ଆପଣାଇ ନଥିଲେ ଭାରତୀୟ ଉପଭୋକ୍ତା ଆହୁରି ହଇରାଣ ହୋଇଥାନ୍ତେ । ଏଲ୍‌ପିଜି ଆମଦାନୀ ପାଇଁ ଉପସାଗରୀୟ କ୍ଷେତ୍ର ଉପରେ ନିର୍ଭରତା ହ୍ରାସ କରିବାକୁ ପଡ଼ିବ, ଏହା ଠିକ୍ ଭାବେ ବୁଝି ଯାଇଥିଲା ଭାରତ । ଭାରତକୁ ନିଜର ଆବଶ୍ୟକତାର ପ୍ରାୟ ୯୦ ପ୍ରତିଶତ ଏଲ୍‌ପିଜି ଆମଦାନୀ ପାଇଁ ଉପସାଗରୀୟ କ୍ଷେତ୍ର ଉପରେ ନିର୍ଭର କରିବାକୁ ପଡ଼ୁଥିଲା। କ୍ରିସଲ (କ୍ରେଡ଼ିଟ ରେଟିଂ ଇନ୍‌ଫର୍ମେସନ ସର୍ଭିସେସ ଅଫ୍ ଇଣ୍ଡିଆ ଲିମିଟେଡ଼)ର ଏକ ରିପୋର୍ଟ ଅନୁଯାୟୀ, ଏପ୍ରିଲ ୨୦୨୬ରୁ ଭାରତ ପାଇଁ ଆମେରିକା ହୋଇଯାଇଛି ସବୁଠାରୁ ବଡ଼ ଏଲ୍‌ପିଜି ଯୋଗାଣକାରୀ ରାଷ୍ଟ୍ର। ଭାରତର ମୋଟ୍ ଆମଦାନୀରେ ଆମେରିକାର ଭାଗିଦାରୀ ପ୍ରାୟ ତିନି ଭାଗରୁ ଏକ ଭାଗରେ ପହଞ୍ଚି ଯାଇଛି । ଗତ ଫେବ୍ରୁଆରୀରେ ଭାରତର ଏଲ୍‌ପିଜି ଆମଦାନୀରେ ଆମେରିକାର ଭାଗିଦାରୀ ଥିଲା ମାତ୍ର ୮ ପ୍ରତିଶତ। ଏହି ପରିବର୍ତ୍ତନକୁ ଭାରତ ଓ ଆମେରିକା ମଧ୍ୟରେ ୨୦୨୫ ଶେଷ ଭାଗରେ ହୋଇଥିବା ୨୨ ଲକ୍ଷ ଟନ୍ ବାର୍ଷିକ ଏଲ୍‌ପିଜି ଆମଦାନୀ ରାଜିନାମାର ପୂରା ସମର୍ଥନ ମିଳିଛି । ୨୦୨୫ରେ ହୋଇଥିବା ଏହି ରାଜିନାମା ଅନୁଯାୟୀ ଭାରତ ନିର୍ଦ୍ଦିଷ୍ଟ ପରିଣାମର କୁକିଂ ଗ୍ୟାସ ୨୦୨୬ରେ ଆମଦାନୀ କରିବା କଥା । ରାଜିନାମାର ତିନି ଚାରି ମାସ ପରେ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିଲା ସଂଘର୍ଷପୂର୍ଣ୍ଣ ସ୍ଥିତି।

> **ଆମେରିକାରୁ ୨୦୨୫ରେ ୮ % ଏଲ୍‌ପିଜି ଆମଦାନୀ କରିଥିଲା ଭାରତ । ଗତ ଫେବ୍ରୁଆରୀରେ ଏହା ବୃଦ୍ଧି ପାଇ ୧୨ %ରେ ପହଞ୍ଚିଥିବାବେଳେ ଜୁନ୍‌ରେ ଏହା ପହଞ୍ଚିଯାଇଥିଲା ୬୫ %ରେ ।**

ଇରାନ ଉପରେ ଭୟଙ୍କର ଆକ୍ରମଣ କରିଥିଲେ ଆମେରିକା ଓ ଇସ୍ରାଏଲ । ଅବରୋଧ ହୋଇଥିଲା ହର୍ମୁଜ ପ୍ରଣାଳୀ । ଏହି ସମୁଦ୍ର ମାର୍ଗ ଦେଇ ପରିବହନ ଖୁବ୍ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଭାରତ ଆମେରିକାରୁ ଅଧିକ ଏଲ୍‌ପିଜି ଆମଦାନୀ କରିବାକୁ ପଦକ୍ଷେପ ଗ୍ରହଣ କରିଥିଲା । ପଦକ୍ଷେପ ମଧ୍ୟ ସଫଳ ହୋଇଥିଲା। ବୈଶ୍ୱିକ କମଡ଼ିଟି କାର୍ଗୋ ଓ ସପ୍ଲାଇ ଉପରେ ନଜର ରଖୁଥିବା କେପ୍‌ଲର ଡାଟା ଅନୁଯାୟୀ, ୨୦୨୫ରେ ପ୍ରାୟ ୮ ପ୍ରତିଶତ ଏଲ୍‌ପିଜି ଭାରତ ଆମଦାନୀ କରିଥିଲା ଆମେରିକାରୁ । କିନ୍ତୁ ୨୦୨୬ ଜାନୁଆରୀରେ ଏହା ୧୨ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଫେବ୍ରୁଆରୀରେ ଆହୁରି ବୃଦ୍ଧି ପାଇ ୧୩ ପ୍ରତିଶତରେ ପହଞ୍ଚିଥିଲା । ମାର୍ଚ୍ଚରେ କିନ୍ତୁ ଲମ୍ଫଡିଆଁ ମାରିଥିଲା ଏହି ଆମଦାନୀ, ପହଞ୍ଚି ଯାଇଥିଲା ୩୭ ପ୍ରତିଶତରେ । ପୁଣି ବଢ଼ିଚାଲିଥିଲା ଆମେରିକାରୁ ଭାରତର ଏଲ୍‌ପିଜି ଆମଦାନୀ । ଏପ୍ରିଲରେ ଏହା ଆହୁରି ବୃଦ୍ଧି ପାଇ ୪୦ ପ୍ରତିଶତରେ ପହଞ୍ଚି ଥିବାବେଳେ ମେ'ରେ ୫୫ ପ୍ରତିଶତରେ ଓ ଜୁନ୍‌ରେ ୬୫ ପ୍ରତିଶତରେ ପହଞ୍ଚି ଯାଇଥିଲା । ପଶ୍ଚିମ ଏସିଆ ସଂଘର୍ଷ ପରେ ଭାରତର ଉର୍ଜା ଆମଦାନୀରେ ଏକ ବଡ଼ ରାଷ୍ଟ୍ର ଭାବେ ଉଭା ହୋଇଥିଲା ଆମେରିକା । ଏହି ସମୟରେ ମଧ୍ୟ ଭାରତ ଏଲ୍‌ପିଜି ପାଇଁ ନାଇଜେରିଆ, ଆର୍ଜେଣ୍ଟିନା ଓ ମାଲେସିଆ ସହ ଯୋଗାଯୋଗରେ ରହିଥିଲା। ଏବେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଆମେରିକାରୁ ଏଲ୍‌ପିଜି ଆମଦାନୀ ପାଇଁ ଅଧିକ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ । କାରଣ ପଶ୍ଚିମ ଏସିଆର ସଂଘର୍ଷ ସ୍ଥିତିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି ବୋଲି କୁହାଯାଇପାରିବ ନାହିଁ, କୌଣସି ମୁହୂର୍ତ୍ତରେ କିଛି ବି ଘଟିପାରେ ।



କ୍ରିସଲ ପକ୍ଷରୁ କୁହାଯାଇଛି ଯେ, ପଶ୍ଚିମ ଏସିଆ ସଂଘର୍ଷ କାରଣରୁ ସାରା ବିଶ୍ୱରେ ଏଲ୍‌ପିଜି ଦାମ୍ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଭାରତର ଆମଦାନୀ ପାଇଁ ବେଞ୍ଚମାର୍କ 'ସାଉଦି ଅରାମକୋ କଣ୍ଟ୍ରାକ୍ଟ ପ୍ରାଇସ୍' ଫେବ୍ରୁଆରୀ ଓ ଜୁନ୍ ମଧ୍ୟରେ ୪୬ ପ୍ରତିଶତ ବୃଦ୍ଧି ପାଇଥିଲା । ଏହାର ମୁଖ୍ୟ କାରଣ ଥିଲା ସପ୍ଲାଇରେ ଅଚାନକ ସୃଷ୍ଟି ହୋଇଥିବା ବାଧା। ଦିଲ୍ଲୀରେ ୧୪.୨ କିଗ୍ରାର ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ଫେବ୍ରୁଆରୀ ଓ ଜୁନ୍ ମଧ୍ୟରେ ବଢ଼ିଯାଇଥିଲା ୧୦ ପ୍ରତିଶତ ଏବଂ ୧୯ କିଗ୍ରାର କମର୍ସିଆଲ ସିଲିଣ୍ଡର ଦାମ୍ ୭୯ ପ୍ରତିଶତରୁ ଅଧିକ ବଢ଼ିଯାଇଥିଲା । ରିପୋର୍ଟ ଅନୁଯାୟୀ, ଘରୋଇ କୁକିଂ ଗ୍ୟାସ ଦାମ୍‌ରେ ମାମୁଲି ବୃଦ୍ଧି କାରଣରୁ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକର 'ଅଣ୍ଡର-ରିକଭରୀ'ରେ ମଧ୍ୟ ବୃଦ୍ଧି ହୋଇଥିଲା । କାରଣ କ୍ରୟ ମୂଲ୍ୟ ଖୁଚୁରା ଦାମ୍‌ଠାରୁ ବଢ଼ିଥିଲା ଦ୍ରୁତ ଗତିରେ । ପଶ୍ଚିମ ଏସିଆରେ ସମ୍ପୂର୍ଣ୍ଣ ଭାବେ ଶାନ୍ତି ବଜାୟ ରହିବା ପରେ ଏବଂ ହର୍ମୁଜ ପ୍ରଣାଳୀରେ ସୃଷ୍ଟି ହେଉଥିବା ଗୋଳମାଳିଆ ପରିସ୍ଥିତିରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିବା ପରେ ହିଁ ଏଲ୍‌ପିଜି ମୂଲ୍ୟ ସ୍ଥିର ହୋଇଯିବ ବୋଲି ଆଶା କରାଯାଉଛି । କିନ୍ତୁ ପ୍ରଶ୍ନ ହେଉଛି, ଏହା କେବେ ହେବ ଓ ସେପର୍ଯ୍ୟନ୍ତ କ'ଣ ଭାରତ ଚୁପ୍ ହୋଇ ବସିରହିବା ଠିକ୍ ହୋଇଥାନ୍ତା କି ! କଠୋର ସମୟରେ ସଠିକ୍ ନିଷ୍ପତ୍ତି ନେବା ଆବଶ୍ୟକ ଏବଂ ଭାରତ ଏହା ହିଁ କରିଛି ।

# ଭିଡ଼ ହିଂସା : ଆଇନର ଭୟ କମୁଛି ନା ସମାଜର ଧୈର୍ଯ୍ୟ ଭାଙ୍ଗୁଛି !



ସୌମ୍ୟ ରଞ୍ଜନ ଦାଶ

ଗତ କିଛି ବର୍ଷ ଧରି ଓଡ଼ିଶାରେ ଅପରାଧ ଚିନ୍ତାଜନକ ରୂପ ନେଉଛି। ଚୋରି, ହତ୍ୟା, ଲୁଟ, ନିର୍ଯାତନା ଓ ସଂଘବଦ୍ଧ ଆକ୍ରମଣ ଭଳି ଘଟଣା ନିୟମିତ ଖବରରେ ପରିଣତ ହୋଇଯାଇଛି। କିନ୍ତୁ ଏହିସବୁ ଅପରାଧ ମଧ୍ୟରୁ ଯେଉଁ ପ୍ରବୃତ୍ତି ଆଜି ସମାଜ ପାଇଁ ସବୁଠୁ ଭୟଙ୍କର ସଙ୍କେତ ଦେଉଛି, ସେହି ହେଉଛି ଭିଡ଼ ହିଂସା। ଏହା କେବଳ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଘଟୁଥିବା ଅପରାଧ ନୁହେଁ ଏହା ସମଗ୍ର ସମାଜର ମାନସିକତାର ଏକ ଭୟାବହ ପରିବର୍ତ୍ତନର ପ୍ରତିଫଳନ। ଯେତେବେଳେ କିଛି ଲୋକ ଏକାଠି ହୋଇ କ୍ରୋଧ, ସନ୍ଦେହ କିମ୍ବା ପ୍ରତିଶୋଧ ଭାବନାରେ ଆଇନକୁ ନିଜ ହାତକୁ ନେଇ ଜଣେ ମଣିଷକୁ ପିଟି ପିଟି ମାରିଦିଅନ୍ତି, ସେତେବେଳେ ଏହା କେବଳ ହତ୍ୟା ହୋଇ ରହେନାହିଁ– ସଭ୍ୟ ସମାଜ ପାଇଁ ଏକ କଳଙ୍କ ହୋଇଯାଏ।

ସମ୍ପ୍ରତି ଭୁବନେଶ୍ୱର ନିକଟ ବାଲିଅନ୍ତା ଅଞ୍ଚଳର ଘଟଣା ହେଉ କିମ୍ବା ବ୍ରହ୍ମପୁରରେ ଘଟିଥିବା ସଂଘବଦ୍ଧ ଆକ୍ରମଣ, ଏହି ସବୁ ଘଟଣା ଦେଖାଉଛି ଯେ ଲୋକମାନଙ୍କ ମଧ୍ୟରେ କ୍ରୋଧ ଓ ଅସହିଷ୍ଣୁତା ଏତେ ବଢ଼ିଯାଇଛି ଯେ ସେମାନେ ଆଇନ ଓ ନ୍ୟାୟ ପ୍ରକ୍ରିୟାକୁ ଅପେକ୍ଷା କରିବାକୁ ମଧ୍ୟ ଇଚ୍ଛା କରୁନାହାନ୍ତି। ବାଲିଅନ୍ତାରେ ସନ୍ଦେହ ଓ ଉତ୍ତେଜନାରେ ଜଣେ ବ୍ୟକ୍ତିଙ୍କୁ ଘେରି ମାଡ଼ ମରାଯିବା ରାଜ୍ୟକୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ସେହିପରି ବ୍ରହ୍ମପୁରରେ ଘଟିଥିବା ଭିଡ଼ ଆକ୍ରମଣ ମଧ୍ୟ ପ୍ରମାଣ କରିଥିଲା ଯେ ଆଜି ଲୋକମାନେ ମୁହୂର୍ତ୍ତକର ରାଗରେ ମଣିଷତ୍ୱ ଭୁଲି ଯାଉଛନ୍ତି। ସବୁଠୁ ଭୟଙ୍କର କଥା ହେଉଛି, ଅନେକ ସମୟରେ ଲୋକମାନେ ଘଟଣାକୁ ରୋକିବା ପରିବର୍ତ୍ତେ ମୋବାଇଲରେ ଭିଡିଓ କରିବା। ଏହା ସମାଜର ସମ୍ବେଦନଶୀଳତା କେତେ ହ୍ରାସ ପାଇଛି, ତାହାର ଏକ ଭୟଙ୍କର ଚିତ୍ର।

ଭିଡ଼ ହିଂସାର ସବୁଠୁ ବଡ଼ କାରଣ ହେଉଛି ମନୁଷ୍ୟର ଭିତରେ ବଢୁଥିବା ଅସହିଷ୍ଣୁତା। ଆଜିର ସମାଜରେ ଧୈର୍ଯ୍ୟ କମିଯାଉଛି ଓ କ୍ରୋଧ ତୁରନ୍ତ ବିସ୍ଫୋରଣ ହେଉଛି। ସାମାନ୍ୟ ବିବାଦ ମଧ୍ୟ ହତ୍ୟାରେ ପରିଣତ ହେଉଛି। ପୂର୍ବରୁ ଲୋକମାନେ ଝଗଡ଼ା ହେଲେ ଗାଁର ବଡ଼ମାନଙ୍କର, ପୋଲିସ କିମ୍ବା ଆଇନର ସହାୟତା ନେଉଥିଲେ। କିନ୍ତୁ ଏବେ ଏକ ପ୍ରବୃତ୍ତି ସୃଷ୍ଟି ହେଉଛି ଯେ ସଜା ଆମେ ନିଜେ ଦେବୁ। ଏହି ମାନସିକତା ହିଁ ଭିଡ଼ ହିଂସାକୁ ଜନ୍ମ ଦେଉଛି।

ସୋସିଆଲ୍ ମିଡିଆ ଓ ଅପପ୍ରଚାର ମଧ୍ୟ ଏହି ପ୍ରବୃତ୍ତିକୁ ବଢ଼ାଇଦେଉଛି। ଆଜି ଗୋଟିଏ ଭୁଲ ଖବର କିମ୍ବା ଗୁଜବ କେବଳ କିଛି ମିନିଟରେ ଶତାଧିକ ଲୋକଙ୍କ ପାଖରେ ପହଞ୍ଚିଯାଉଛି।

> **ଭିଡ଼ ହିଂସା କେବଳ ଆଇନ ଶୃଙ୍ଖଳାର ସମସ୍ୟା ନୁହେଁ, ଏହା ସମାଜର ମାନସିକ ଅସୁସ୍ଥତାର ଚିହ୍ନ**

ଅନେକ ସମୟରେ କୌଣସି ଘଟଣାର ସତ୍ୟତା ଯାଞ୍ଚ ନ କରି ଲୋକମାନେ ଉତ୍ତେଜିତ ହୋଇଯାନ୍ତି। ଶିଶୁ ଚୋର ସନ୍ଦେହ, ଚୋରି ସନ୍ଦେହ କିମ୍ବା ସାଧାରଣ ବିବାଦକୁ ନେଇ ମଧ୍ୟ ଲୋକମାନେ ଆକ୍ରମଣ କରୁଛନ୍ତି। ଏହା ଦେଖାଉଛି ଯେ ସମାଜରେ ଯୁକ୍ତିବୋଧ ଠାରୁ ଉତ୍ତେଜନା ଅଧିକ କାମ କରୁଛି।

ଆଉ ଗୋଟିଏ ବଡ଼ କାରଣ ହେଉଛି ଆଇନର ଭୟ କମିଯିବା। ଯେତେବେଳେ ଅପରାଧୀମାନେ ଦେଖୁଛନ୍ତି ଯେ ଅନେକ ମାମଲା ବର୍ଷ ବର୍ଷ ଧରି ଚାଲୁଛି, ଶାସ୍ତି ବିଳମ୍ବରେ ମିଳୁଛି କିମ୍ବା କେହି ଆଇନର ଫାଙ୍କରୁ ବାହାରିଯାଉଛନ୍ତି, ସେତେବେଳେ ସେମାନଙ୍କ ମନରେ ଭୟ କମିଯାଏ। ଭିଡ଼ ହିଂସାରେ ଅନେକ ଲୋକ ଜଡ଼ିତ ଥିବାରୁ ଅନେକ ସମୟରେ ବ୍ୟକ୍ତିଗତ ଦାୟିତ୍ୱ ମଧ୍ୟ ସ୍ପଷ୍ଟ ହୋଇପାରେନାହିଁ। ଫଳରେ ଅପରାଧୀମାନେ ଭାବନ୍ତି ଯେ ସେମାନେ ସହଜରେ ବଞ୍ଚି ଯିବେ। ଏହି ମନୋଭାବ ସମାଜ ପାଇଁ ଅତ୍ୟନ୍ତ ହାନିକାରକ।

ପରିବାର ଓ ସାମାଜିକ ମୂଲ୍ୟବୋଧର ଅବକ୍ଷୟ ମଧ୍ୟ ଏହାର ଏକ କାରଣ। ପୂର୍ବରୁ ଛୋଟବେଳୁ ଲୋକମାନଙ୍କୁ ସହନଶୀଳତା, ମାନବିକତା ଓ ଆଇନ ପ୍ରତି ସମ୍ମାନ ଶିଖାଯାଉଥିଲା। କିନ୍ତୁ ଆଜିର ପିଢ଼ି ଅନେକ ସମୟରେ ରାଗ, ହିଂସା ଓ ତୁରନ୍ତ ପ୍ରତିଶୋଧକୁ ଶକ୍ତି ଭାବେ ଦେଖୁଛି। ସିନେମା, ୱେବ୍ ସିରିଜ୍ ଏବଂ ସୋସିଆଲ୍ ମିଡିଆରେ ହିଂସାକୁ ଯେପରି ପ୍ରଦର୍ଶନ କରାଯାଉଛି, ତାହା ମଧ୍ୟ ଯୁବପିଢ଼ିର ମନୋଭାବକୁ ପ୍ରଭାବିତ କରୁଛି। ଯେତେବେଳେ ସମାଜରେ ହିଂସାକୁ ସାଧାରଣ ଭାବେ ନିଆଯିବା ଆରମ୍ଭ ହୁଏ, ସେତେବେଳେ ଭିଡ଼ ହିଂସା ଭଳି ଘଟଣା ବଢ଼ିବା ସ୍ୱାଭାବିକ।

ଏହି ସମସ୍ୟାର ସମାଧାନ କେବଳ ପୋଲିସ କାର୍ଯ୍ୟାନୁଷ୍ଠାନରେ ସମ୍ଭବ ନୁହେଁ। ଏହା ପାଇଁ ସମାଜ, ସରକାର ଓ ପ୍ରଶାସନ–ସମସ୍ତଙ୍କୁ ଏକସାଥିରେ କାମ କରିବାକୁ ପଡ଼ିବ। ପ୍ରଥମେ ଆଇନର କଠୋର ପ୍ରୟୋଗ ଆବଶ୍ୟକ। ଭିଡ଼ ହିଂସାରେ ଜଡିତ ଲୋକମାନଙ୍କୁ ଶୀଘ୍ର ଚିହ୍ନଟ କରି କଠୋର ଶାସ୍ତି ଦିଆଯିବା ଦରକାର। ଯେପର୍ଯ୍ୟନ୍ତ ଅପରାଧୀମାନଙ୍କ ମନରେ ଆଇନର ଭୟ ସୃଷ୍ଟି ହେବନାହିଁ, ସେପର୍ଯ୍ୟନ୍ତ ଏହି ପ୍ରବୃତ୍ତି ରୋକାଯାଇପାରିବନି।

ଦ୍ୱିତୀୟତଃ, ପୋଲିସ ଓ ପ୍ରଶାସନକୁ ଅଧିକ ସକ୍ରିୟ ହେବାକୁ ପଡ଼ିବ। ଅନେକ ସମୟରେ ସ୍ଥାନୀୟ ସ୍ତରରେ ଉତ୍ତେଜନା ବଢୁଥିବା ସତ୍ତ୍ୱେ ତୁରନ୍ତ ପଦକ୍ଷେପ ନିଆଯାଏନାହିଁ। ଗୁଜବ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ପ୍ରଚାର ହେଉଥିବା ଭୁଲ ସୂଚନା ଉପରେ କଠୋର ନଜର ରଖିବା ଦରକାର। ଲୋକମାନଙ୍କୁ ମଧ୍ୟ ସଚେତନ କରିବା ଆବଶ୍ୟକ ଯେ କୌଣସି ଖବରକୁ ସତ୍ୟ ଯାଞ୍ଚ ନ କରି ବିଶ୍ୱାସ କରିବା ଭୟଙ୍କର ପରିଣାମ ଆଣିପାରେ।

ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ମାନବିକତା ଓ ନାଗରିକ ଦାୟିତ୍ୱର ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ସମାଜରେ କିପରି ଏକ ସଚେତନ ଓ ଦାୟିତ୍ୱଶୀଳ ନାଗରିକ ଭାବେ ରହିବାକୁ ହୁଏ, ତାହା ଶିଖାଯିବା ଆବଶ୍ୟକ। ଅଭିଭାବକମାନେ ସନ୍ତାନମାନଙ୍କୁ ଧୈର୍ଯ୍ୟ, ସହନଶୀଳତା ଓ ମଣିଷତ୍ୱର ମୂଲ୍ୟ ବୁଝାଇବା ଦରକାର।

କୁହାଯାଇପାରେ ଯେ ଭିଡ଼ ହିଂସା କେବଳ ଆଇନ ଶୃଙ୍ଖଳାର ସମସ୍ୟା ନୁହେଁ। ଏହା ସମାଜର ମାନସିକ ଅସୁସ୍ଥତାର ଚିହ୍ନ। ଯେତେବେଳେ ଲୋକମାନେ ଆଇନ ଉପରେ ଭରସା ହରାଇ ନିଜେ ନ୍ୟାୟ କରିବାକୁ ଆରମ୍ଭ କରନ୍ତି, ସେତେବେଳେ ସଭ୍ୟ ସମାଜର ଭିତ୍ତି କମ୍ପିଯାଏ। ଓଡ଼ିଶା ସବୁବେଳେ ଶାନ୍ତି, ସହନଶୀଳତା ଓ ସାମାଜିକ ସମନ୍ୱୟର ମାଟି ଭାବେ ପରିଚିତ ଥିଲା। ଏହି ମାଟିରେ ଯଦି ଭିଡ଼ ହିଂସା ଭଳି ପ୍ରବୃତ୍ତି ବଢ଼ିବାକୁ ଲାଗେ, ତେବେ ଏହା ଆମ ସମାଜ ପାଇଁ ଗଭୀର ବିପଦର ସଙ୍କେତ। ସମୟ ଆସିଛି ଆମେ ନିଜକୁ ପ୍ରଶ୍ନ କରିବାର–ଆମେ କି ସଭ୍ୟ ସମାଜ ଭାବେ ଆଗକୁ ବଢୁଛୁ, ନା କ୍ରୋଧ ଓ ହିଂସାର ଅନ୍ଧକାରକୁ ଫେରିଯାଉଛୁ।

ମୋ: ୮୮୯୫୯୫୨୩୧୫

# ସିନ୍ଧୁ ନଦୀ ଜଳ ଚୁକ୍ତି



ଆର୍ତ୍ତତ୍ରାଣ ରାଉତ

ଏକବିଂଶ ଶତାବ୍ଦୀର ବଦଳୁଥିବା ଭୂ-ରାଜନୀତି, ଜଳବାୟୁ ପରିବର୍ତ୍ତନର ସଙ୍କଟ ଏବଂ ଆଞ୍ଚଳିକ ସୁରକ୍ଷା ପରିପ୍ରେକ୍ଷୀରେ ସିନ୍ଧୁ ନଦୀ ଜଳ ଚୁକ୍ତିନାମା ଏବେ ଭାରତ ପାଇଁ କୂଟନୈତିକ ଓ ରଣନୈତିକ ଆହ୍ୱାନ ଭାବେ ଉଭା ହୋଇଛି । ଏହି ଚୁକ୍ତି ଅନୁଯାୟୀ, ସିନ୍ଧୁ ନଦୀ ପ୍ରଣାଳୀର ୩ଟି ପଶ୍ଚିମ ନଦୀର ପ୍ରାୟ ୮୦ ପ୍ରତିଶତ ଜଳରାଶି ପାକିସ୍ତାନକୁ ଆବଣ୍ଟନ କରାଯାଇଛି । ଭାରତ କେବଳ ଘରୋଇ ବ୍ୟବହାର, କୃଷି ଏବଂ ସୀମିତ ପରିମାଣର ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଏହି ଜଳ ବ୍ୟବହାର କରିପାରିବ, ଯାହା ଭାରତର ବିକାଶମୂଳକ ଆକାଂକ୍ଷାକୁ ସୀମିତ କରିଛି।

ଆଜିର ସମୟରେ ଭାରତ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଜଳବାୟୁ ପରିବର୍ତ୍ତନ। ହିମାଳୟର ଗ୍ଲେସିୟର ତରଳିବା କାରଣରୁ ନଦୀଗୁଡ଼ିକରେ ଜଳ ପ୍ରବାହ ଅନିୟମିତ ହେଉଛି। ଭାରତ ଯେତେବେଳେ ଜାମ୍ମୁ-କାଶ୍ମୀରର ବିକାଶ ପାଇଁ କିଶନଗଙ୍ଗା କିମ୍ବା ରତଲେ ଭଳି ବୈଧ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରୁଛି, ପାକିସ୍ତାନ ସେଥିରେ ଅଯଥା ବୈଷୟିକ ଆପତ୍ତି ଉଠାଉଛି । ଅପରପକ୍ଷରେ ଚୀନ ସିନ୍ଧୁ ନଦୀର ଉତ୍ସ ଅଞ୍ଚଳରେ ବଡ଼ ବନ୍ଧ ନିର୍ମାଣ କରି ଭୂ-ରାଜନୈତିକ ଜଟିଳତାକୁ ଆହୁରି ବଢ଼ାଇ ଦେଇଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସୀମାପାର ଆତଙ୍କବାଦ ଏବଂ ଭାରତର ସାର୍ବଭୌମତ୍ୱ। ପୂର୍ବରୁ ଉରି ଆକ୍ରମଣ ପରେ ଭାରତ କହିଥିଲା ଯେ ରକ୍ତ ଓ ପାଣି ଏକାସଙ୍ଗେ ବହିପାରିବ ନାହିଁ । ୨୨ ଅପ୍ରେଲ, ୨୦୨୫ ରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ଜାମ୍ମୁ-କାଶ୍ମୀରର ପହଲଗାମସ୍ଥିତ ବୈସାରଣ ଘାଟିରେ ନିରୀହ ପର୍ଯ୍ୟଟକମାନଙ୍କ ଉପରେ ବର୍ବରୋଚିତ ଆକ୍ରମଣ କରିଥିଲେ, ଯେଉଁଥିରେ ୨୬ ଜଣ ନିର୍ଦ୍ଦୋଷ ନାଗରିକ ପ୍ରାଣ ହରାଇଥିଲେ । ସମ୍ପ୍ରତି ପାକିସ୍ତାନର ଏଭଳି କ୍ରମାଗତ ଶତ୍ରୁତା ଯୋଗୁଁ ଭାରତ ସରକାର ୧୯୬୦ର ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି । ପାକିସ୍ତାନ ସୀମାପାର ଆତଙ୍କବାଦ ସମ୍ପୂର୍ଣ୍ଣ ଓ ସ୍ଥାୟୀ ଭାବେ ବନ୍ଦ ନ କରିବା ପର୍ଯ୍ୟନ୍ତ ଏହି ଚୁକ୍ତିର କୌଣସି ବୈଧତା ରହିବ ନାହିଁ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିଛି ।

ନିଷ୍କର୍ଷ: ବର୍ତ୍ତମାନ ସମୟର ସ୍ଥିତିକୁ ଦୃଷ୍ଟିରେ ରଖି ଭାରତକୁ ଏକ ଦୃଢ଼ ଜଳ-କୂଟନୀତି ବଜାୟ ରଖିବାକୁ ହେବ । ଜଳ ସୁରକ୍ଷା ହିଁ ଭବିଷ୍ୟତର ଜାତୀୟ ସୁରକ୍ଷା। ସୁତରାଂ ଭାରତୀୟ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି, ତଜ୍ଜନିତ ଜଳ ଚାହିଦାରେ ବୃଦ୍ଧି, ଜଳ ବ୍ୟବହାର ଧାରାରେ ପରିବର୍ତ୍ତନ ତଥା ଜଳବାୟୁ ପରିବର୍ତ୍ତନ ସଙ୍କଟ ପ୍ରଭୃତି କାରଣରୁ ସିନ୍ଧୁ ନଦୀ ଜଳ ଚୁକ୍ତିର ସମ୍ପୂର୍ଣ୍ଣ ପୁନଃ ସମୀକ୍ଷା, ସଂଶୋଧନ ଏବଂ ସମୟୋପଯୋଗୀ ନବୀକରଣ ଏକାନ୍ତ ଆବଶ୍ୟକ। ପହଲଗାମ ଆକ୍ରମଣ ପରେ ଭାରତର ବଦଳିଥିବା କଠୋର ଆଭିମୁଖ୍ୟ ହିଁ ବଦଳୁଥିବା ଭୂ-ରାଜନୀତିରେ ଦେଶର ସାର୍ବଭୌମତ୍ୱ ଓ ଅର୍ଥନୈତିକ ସ୍ଥିତିକୁ ସୁରକ୍ଷିତ କରିପାରିବ।

ମୋ: ୯୩୩୭୮୩୪୪୧୧

# ଭାରତର ଗ୍ରାମୀଣ ବିକାଶରେ ଏକ ନୂତନ ସୂର୍ଯ୍ୟୋଦୟ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଭାରତ ବର୍ଷର ଗ୍ରାମୀଣ ଅର୍ଥନୀତି ଏବଂ ଶ୍ରମିକ କଲ୍ୟାଣ ଇତିହାସରେ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଛି, ଯେଉଁଠାରେ ଦୀର୍ଘ ଦୁଇ ଦଶନ୍ଧି ଧରି ଚାଲି ଆସିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ମନରେଗା)ର ସ୍ଥାନ ନେଇଛି ସମୟୋପଯୋଗୀ 'ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ୍ (ଗ୍ରାମୀଣ), ବା 'ଭିବି-ଜୀ ରାମ୍‌ଜୀ' (VB-G RAM G) ଆଇନ ୨୦୨୫। ଯାହା ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହୋଇଛି ଏବଂ ଏହା କେବଳ ଏକ ଆଇନର ପରିବର୍ତ୍ତନ ନୁହେଁ, ବରଂ ଗ୍ରାମୀଣ ଭାରତର ବିକାଶ ପଥରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିବେଚିତ ହେଉଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହା ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ବେତନଯୁକ୍ତ କର୍ମନିଯୁକ୍ତିର ସୁନିଶ୍ଚିତ ପ୍ରଦାନ କରିବା ସହ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିପାଇଁ ଚଳିତ ଆର୍ଥିକ ବର୍ଷରେ ୯୫,୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ମନରେଗାର ୧୦୦ଦିନର ନିଯୁକ୍ତି ବ୍ୟବସ୍ଥାକୁ ୨୫ଦିନ ବୃଦ୍ଧି କରି ୧୨୫ ଦିନ କରିବା ପଛରେ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ପରିବାରଗୁଡିକର ଆୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା। ଫଳରେ ସେମାନେ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ସ୍ୱପ୍ନରେ ସାମିଲ ହୋଇପାରିବେ। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସ୍ପଷ୍ଟ କରିଛନ୍ତି ଯେ, କୌଣସି ଜଣେ ହେଲେ ଯୋଗ୍ୟ ଗ୍ରାମୀଣ ଶ୍ରମିକ ଯେପରି କାମ ବିନା ଗୋଟିଏ ଦିନ ମଧ୍ୟ ନ ରୁହନ୍ତି, ତାହା ହିଁ ଏହି ନୂତନ ଆଇନର ମୂଳ ଲକ୍ଷ୍ୟ। ଯାହାପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳଗୁଡିକ ସହ ମିଶି ସମସ୍ତ ପ୍ରଶାସନିକ, ଆର୍ଥିକ ଏବଂ ବୈଷୟିକ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଛି। ଏହି ନୂତନ ବ୍ୟବସ୍ଥାରେ ସ୍ୱଚ୍ଛତା, ସମୟାନୁବର୍ତୀ ମଜୁରି ପୈଠ ଏବଂ ଉତ୍ତରଦାୟିତ୍ୱ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଇଛି। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଯୋଗାଇ ଦିଆଯାଇ ନ ପାରେ, ତେବେ ଶ୍ରମିକମାନଙ୍କୁ ବେକାରୀ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା ମଧ୍ୟ ଏହି ଆଇନରେ ରହିଛି। ଯାହା ଶ୍ରମିକଙ୍କ ଅଧିକାରକୁ ଅଧିକ ସୁଦୃଢ଼ କରିବ।

ଏହି ନୂତନ ଆଇନର କାର୍ଯ୍ୟକାରିତା ଦ୍ୱାରା ଶ୍ରମିକଙ୍କ ମଜୁରି ବୃଦ୍ଧି ଓ ଗ୍ରାମାଞ୍ଚଳରେ ସ୍ଥାୟୀ ସମ୍ପତ୍ତି ନିର୍ମାଣ ହେବା ସହ ଗ୍ରାମୀଣ ଭିତ୍ତିଭୂମି ମଜଭୁତ ହେବ। ଯାହା ଆଗାମୀ ଦିନରେ ଅର୍ଥନୈତିକ ଅଭିବୃଦ୍ଧିର ବାର୍ତାବହ ହେବ। ସରକାର ଦୃଢ଼ ପ୍ରତିଜ୍ଞ, କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ଗ୍ରାମାଞ୍ଚଳର ପ୍ରତ୍ୟେକ ଶ୍ରମିକଙ୍କ ହାତକୁ କାମ ଦେବା ସରକାରଙ୍କ ପ୍ରାଥମିକତା ରହିବ। ପୁରୁଣା ଆଇନରେ ଅନେକ ସମୟରେ ମଜୁରି ପୈଠରେ ବିଳମ୍ବ ଏବଂ କାର୍ଯ୍ୟ ଯୋଗାଣରେ ଅନିଶ୍ଚିତତା ଦେଖାଦେଉଥିଲା। ମାତ୍ର ଭିବି-ଜୀ ରାମଜୀ ଆଇନ ସେହି ସମସ୍ତ ସମସ୍ୟାକୁ ଦୂର କରି ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ବ୍ୟବସ୍ଥା ଭାବେ ଉଭା ହୋଇଛି। ଯାହା ଗ୍ରାମୀଣ ଭାରତରେ ପରିବର୍ତ୍ତନର ନୂତନ ସୂର୍ଯ୍ୟୋଦୟ ଆଣିବ। ନୂଆ ଆଇନ ଗ୍ରାମାଞ୍ଚଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଶ୍ରମିକ ଏବଂ ପଛୁଆ ବର୍ଗର ଲୋକଙ୍କ ପାଇଁ ସୁରକ୍ଷା କବଚ ଭାବରେ କାର୍ଯ୍ୟ କରିବ। ଦାଦନ ଖଟିବା ପାଇଁ ଶ୍ରମିକଙ୍କ ସ୍ଥାନାନ୍ତରଣକୁ କିଛି ମାତ୍ରାରେ କମାଇବାରେ ଏହି ଆଇନ ସହାୟକ ହେବ। କାରଣ ଏଠାରେ ସେମାନଙ୍କୁ ନିଜ ଗାଁରେ ରହି କାର୍ଯ୍ୟ ଓ ବେତନ ପାଇବାର ସୁବିଧା ମିଳିବ।

୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଗ୍ରାମୀଣ ଅର୍ଥନୀତିର ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ନୂତନ ଆଇନ ଏକ ଦୃଢ଼ ସୋପାନ ସଦୃଶ। ସରକାର ସ୍ପଷ୍ଟ କରିଛନ୍ତି ଯେ ଚାଲୁଥିବା ସମସ୍ତ କାର୍ଯ୍ୟ ଅବ୍ୟାହତ ରହିବ ଏବଂ ଏହି ନୂତନ ଆଇନରେ ସେଗୁଡିକୁ ଅନ୍ତର୍ଭୁକ୍ତ କରାଯିବ। ବୈଷୟିକ ଦୃଷ୍ଟିକୋଣରୁ ଦେଖିଲେ ଏହି ଆଇନରେ ଡିଜିଟାଲ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି, ଯାହାଦ୍ୱାରା ହିତାଧିକାରୀଙ୍କ ଖାତାକୁ ସିଧାସଳଖ ମଜୁରି ପହଞ୍ଚିବା ସହ ଦୁର୍ନୀତ ସମ୍ଭାବନାକୁ ଶୂନ୍ୟ କରିବା ତୃଣମୂଳ ସ୍ତରରେ ପଞ୍ଚାୟତିଗୁଡିକର ଭୂମିକାକୁ ଅଧିକ ସକ୍ରିୟ କରାଯିବ, ଯାହାଦ୍ୱାରା ଗ୍ରାମାଞ୍ଚଳର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ ଚୟନ କରାଯାଇ ପାରିବ। ଭିବି-ଜି ରାମଜୀ ଆଇନ କେବଳ କର୍ମନିଯୁକ୍ତି ଦିଏ ନାହିଁ, ଏହା ଗ୍ରାମାଞ୍ଚଳରେ ସମ୍ପତ୍ତି ସୃଷ୍ଟି କରେ। ଯେପରିକି ଜଳ ସଂରକ୍ଷଣ, ରାସ୍ତା ନିର୍ମାଣ ଓ କୃଷି ଭିତ୍ତିଭୂମିର ବିକାଶ, ଯାହାଦ୍ୱାରା ଗାଁର ଦୀର୍ଘକାଳୀନ ବିକାଶ ସମ୍ଭବ ହୋଇପାରିବ। କେନ୍ଦ୍ର ସରକାରଙ୍କ ଏହି ସାହସିକ ପଦକ୍ଷେପକୁ ଦେଶର ବିଭିନ୍ନ ପ୍ରାନ୍ତରେ ସ୍ୱାଗତ କରାଯାଉଛି। ଶ୍ରମିକମାନଙ୍କ ମଧ୍ୟରେ ଏହି ଆଇନ ନେଇ ବେଶ ଉତ୍ସାହ ଦେଖିବାକୁ ମିଳୁଛି, କାରଣ ୧୨୫ଦିନର କାମ ସେମାନଙ୍କ ପାଇଁ ବର୍ଷସାରା ଆର୍ଥିକ ନିରାପତ୍ତାର ବଡ ଭରସା। ସମୟର ପରିବର୍ତ୍ତନ ସହ ଆଇନର ପରିବର୍ତ୍ତନ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା, ମାତ୍ର ଏହି ପରିବର୍ତ୍ତନ ଯେପରି ଜନହିତକର ହେବ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଭିବି-ଜି ରାମ ଜୀ।



> **ଭିବି-ଜୀ ରାମ ଜୀ ଆଇନ ଗ୍ରାମୀଣ ଭାରତର ଭାଗ୍ୟ ବଦଳାଇବାରେ ଏକ ବଳିଷ୍ଠ ପଦକ୍ଷେପ ହେବ । ଏହା ଶ୍ରମିକଙ୍କୁ ଗରିବୀରୁ ମୁକ୍ତ କରିବା ସହ ଦେଶର ବିକାଶ ଯାତ୍ରାରେ ସେମାନଙ୍କୁ ସମାନ ଭାଗୀଦାର କରିବ ।**

ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ବାର୍ତ୍ତା ସ୍ପଷ୍ଟ। ଯେଉଁଥିରେ ସେ କହିଛନ୍ତି ଯେ ସରକାର ସମ୍ପୂର୍ଣ୍ଣ ସଜାଗ ଏବଂ କୌଣସି ପରିସ୍ଥିତିରେ ଯୋଗ୍ୟ ଶ୍ରମିକ ରୋଗାରରୁ ବଞ୍ଚିତ ହେବେ ନାହିଁ। ଏହି ଆଇନର ସଫଳ ରୂପାୟନ କେବଳ ସରକାରୀ ସ୍ତରରେ ସୀମିତ ନୁହେଁ, ଏଥିରେ ଜନସାଧାରଣ ଏବଂ ସ୍ଥାନୀୟ ପ୍ରଶାସନର ସହଯୋଗ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଏହି ଆଇନର କାର୍ଯ୍ୟକାରିତା ସହିତ ଗ୍ରାମୀଣ ଭାରତରେ ନୂତନ ଅର୍ଥନୈତିକ ସୁଯୋଗର ଦ୍ୱାର ଖୋଲିବ ଏବଂ ଆଗାମୀ ଦିନରେ ଏହା ଭାରତକୁ ବିକଶିତ ରାଷ୍ଟ୍ର କରିବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ନୂତନ ଆଇନର ସଫଳତା ପାଇଁ ସରକାରଙ୍କ ପକ୍ଷରୁ ନିରନ୍ତର ମନିଟରିଂ ଓ ଇଭାଲୁଏସନ୍ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଫଳରେ ଯଦି କୌଣସି ସମସ୍ୟା ଦେଖାଦିଏ, ତେବେ ତୁରନ୍ତ ତାହାର ସମାଧାନ କରାଯାଇପାରିବ। ଶେଷରେ, ଭିବି-ଜୀ ରାମଜୀ ଆଇନ ଗ୍ରାମୀଣ ଭାରତର ଭାଗ୍ୟ ବଦଳାଇବାରେ ଏକ ବଳିଷ୍ଠ ପଦକ୍ଷେପ ହେବ। ଯାହା ଶ୍ରମିକଙ୍କୁ ଗରିବୀରୁ ମୁକ୍ତ କରିବା ସହ ଦେଶର ବିକାଶ ଯାତ୍ରାରେ ସେମାନଙ୍କୁ ସମାନ ଭାଗୀଦାର କରିବ। ଏହି ଯାତ୍ରାର ଫଳାଫଳ ଆଗାମୀ ଦିନରେ ନିଶ୍ଚିତ ଭାବରେ ଗ୍ରାମୀଣ ଭାରତର ଚିତ୍ର ବଦଳାଇ ଦେବ।

ମୋ: ୯୪୩୭୯୯୪୩୭୯

# ଜୀଇବାର କଳା

**ଅମୃତ ଫଳ**

ସୁଚରିତା ନାମ୍ନୀ ଜଣେ ମହିଳା ରହୁଥିଲେ। ସେ ସବୁବେଳେ ଖୁସିରେ ରହିଥିଲେ। ତାଙ୍କ ପଡ଼ୋଶୀମାନେ ସର୍ବଦା ଆଶ୍ଚର୍ଯ୍ୟ ହେଉଥିଲେ। ସେ କେମିତି ଏତେ ଖୁସିରେ ରହିପାରୁଛନ୍ତି। କିଛି ଝିଅପିଲା ମିଶି ଦିନେ ତାଙ୍କ ପାଖକୁ ଯାଇ ସୁଚରିତାଙ୍କୁ ଏହି କଥା ପଚାରିଲେ । ସୁଚରିତା ତାଙ୍କ ଜୀବନୀ କଥା କହିଲେ ମୋ ସ୍ୱାମୀ ହଠାତ୍ ଚାଲିଗଲେ ମୁଁ ଖୁବ୍ ଭାଙ୍ଗି ପଡ଼ିଲି, ମୁଁ ଭାବିଲି ମୋ ଜୀବନରେ କେବେ ଆଉ ଖୁସି ଆସିବନି । ମୋର ସବୁ ଚାଲିଗଲା। ମୁଁ କେବଳ କାନ୍ଦୁଥିଲି। କିଛିଦିନ ପରେ ଭାବିଲି ପିଲାଙ୍କ ପାଇଁ ତ ମୋତେ ବଞ୍ଚିବାକୁ ପଡ଼ିବ। ଜୀବନ ତ ଦୁଃଖ ଏବଂ ସୁଖକୁ ନେଇ ଚାଲିବ। ପ୍ରତିଦିନ ମୁଁ ଉଠିଲେ ଭାବେ ମୋ ସ୍ୱାମୀ ତ ଆଉ ଫେରିବେନି। ମୁଁ ଜୀବନକୁ କିଛି ଭିନ୍ନ ଦୃଷ୍ଟିରେ ଦେଖିବା ଦରକାର। ମୁଁ ସ୍ଥିର କଲି ଖୁସି ତ ପସନ୍ଦର କଥା। ତେଣୁ ଖୁସିରେ ବଞ୍ଚିବା ପାଇଁ ଖୁସିକୁ ହିଁ ପସନ୍ଦ କଲି । ଦୁଃଖରେ ରହିଲେ ମଧ୍ୟ ମୁଁ ଛୋଟଛୋଟ ଖୁସିର ଉତ୍ସ ଖୋଜିଥାଏ। ପ୍ରତ୍ୟେକ ପରିସ୍ଥିତିରେ ଜୀବନକୁ ଆମେ କେମିତି ଦେଖନ୍ତି ତାହା ଉପରେ ଆମ ଖୁସି ନିର୍ଭର କରେ। ଯେତେ ଖରାପ ସମୟ ଆସିଲେ ମଧ୍ୟ ଖରାପ ସମୟ ସବୁଦିନ ପାଇଁ ରହିବନାହିଁ। ଆମେ ଖୁସିରେ ରହିବାକୁ ଚାହିଁଲେ ହିଁ ଆମେ ଖୁସିରେ ରହିପାରିବା। ସୁଚରିତା ଝିଅମାନଙ୍କୁ କହିଲେ ଆମ ପାଖରେ କ'ଣ ଅଛି, ଆମ ସହିତ କ'ଣ ଘଟିଛି, କ'ଣ ଘଟୁଛି, ତାହା ନୁହେଁ ବରଂ ଜୀବନକୁ ଆମେ କେମିତି ଦେଖୁଛନ୍ତି। ତାହା ମୁଖ୍ୟ ସୁଚରିତାଙ୍କ କଥା ଝିଅମାନେ ଯାଇ ପଡ଼ୋଶୀଙ୍କୁ କହିଲେ। ଜୀବନରେ ଦୁଃଖୀ ଥିବା ଲୋକ ତାଙ୍କ ପାଖକୁ ଆସି ବହୁତ ଖୁସି ହୋଇ ଯାଉଥିଲେ। କାରଣ ସେ ଶିଖାଉଥିଲେ ଜୀବନ ଜୀଇଁବାର କଳା ।

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

### ବିଦ୍ୟାଳୟ ଟ୍ୟୁବ୍‌ୱେଲରୁ ବାହାରୁଥିବା କାଦୁଅ ପାଣି ପିଉଛନ୍ତି

# ଛାତ୍ରଛାତ୍ରୀ ଓ ପ୍ରସ୍ତୁତ ହେଉଛି ମଧ୍ୟାହ୍ନ ଭୋଜନ



ପାପଡାହାଣ୍ଡି,୭।୭(ନି.ପ୍ର): ପାପଡାହାଣ୍ଡି ବ୍ଲକ ସିରିସୀ ପଞ୍ଚାୟତ ଅନ୍ତର୍ଗତ ସୋରିଷପଦର ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଥିବା ଏକମାତ୍ର ଟ୍ୟୁବ୍‌ୱେଲରୁ କାଦୁଅ ମିଶା ପାଣି ବାହାରୁଛି । ଏହି ବିଦ୍ୟାଳୟରେ ବର୍ତ୍ତମାନ ଶିଶୁବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୦ ଜଣ ଛାତ୍ର ଛାତ୍ରୀ ପାଠପଢୁଥିବା ବେଳେ ପରିସରରେ ଥିବା ଅଙ୍ଗନବାଡିର ୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ପାନୀୟ ଜଳ ଏବଂ ମଧ୍ୟାହ୍ନ ଭୋଜନ ପାଇଁ ଏହି ଜଳ କିପରି ବ୍ୟବହାର କରୁଛନ୍ତି ତାହା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରିଛି। ସୋରିଷପଦର ଗ୍ରାମରେ ଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣରେ ବିଦ୍ୟାଳୟକୁ ପାନୀୟ ଜଳ ଆସୁନଥିବା ବେଳେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଏବଂ ପାନୀୟ ଜଳ ପାଇଁ ବିଦ୍ୟାଳୟ ଠାରୁ ଅଧକିଲୋମିଟର ଦୂରରେ ଥିବା ଗ୍ରାମର ସର୍ବସାଧାରଣଙ୍କ ପାଇଁ ଥିବା ଟ୍ୟୁବ୍‌ୱେଲ ଉପରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବା ଦେଖିବାକୁ ମିଳୁଛି । ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରୁଥିବା ବେଳେ ସୋରିଷପଦର ବିଦ୍ୟାଳୟରେ କାହିଁକି ଛାତ୍ରଛାତ୍ରୀ କାଦୁଅ ପାଣି ବ୍ୟବହାର କରିବେ ବୋଲି ବୁଦ୍ଧିଜୀବୀ ଏବଂ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ଏ ସମ୍ପର୍କରେ ପାପଡାହାଣ୍ଡି ଆରଡବ୍ଲୁଏସଏସ ଜେଇ ପଣ୍ଡା ବାବୁଙ୍କୁ ଏହି ବିଷୟରେ ପଚାରିବାରୁ ସେ ବର୍ଷା ଦିନ ଆରମ୍ଭରେ ପ୍ରାୟ ସମସ୍ତ ସ୍ଥାନରେ ପାଣି ଟିକେ ଗୋଳିଆ ବାହାରିବ କିନ୍ତୁ ଏହି ବିଦ୍ୟାଳୟରେ ଅଧିକ କାଦୁଅ ମିଶା ପାଣିବାହାରୁ ଥିବା ଖବର ଶୁଣି ବୁଧବାର ବିଦ୍ୟାଳୟକୁ ଯାଇ ପରିସ୍ଥିତି ଦେଖି ଦରକାର ପୋଡିଲେ ତୁରନ୍ତ ୱାସ କରାଯିବ ବୋଲି କହିଛନ୍ତି।

### ପ୍ରଶାସନ ଘର ଭାଙ୍ଗିବା ପରେ ଚିନ୍ତାରେ

# ରୋଗାଗ୍ରସ୍ତ ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ



ଦଶପଲ୍ଲା,୭।୭(ନି.ପ୍ର): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ପଞ୍ଚାୟତର ସ୍ୱର୍ଗତ ଦୟାନିଧି ସାହୁଙ୍କ ପୁତ୍ର ବିଦ୍ୟାଧର ସାହୁ (୫୫ ବର୍ଷ) ସୋମବାର ଦିନ ମୃତ୍ୟୁବରଣ କରିଛନ୍ତି। ତେବେ ସୂଚନା ଅନୁସାରେ ଗତ ୪୦ ବର୍ଷ ଧରି ମଧ୍ୟଖଣ୍ଡ ଡାକ୍ତରଖାନା ପାର୍ଶ୍ୱରେ ଘର କରି ନିଜର ଜୀବନ ଯାପନ କରିଆସୁଥିଲେ। ମୁଲ ଲାଗି ଘର ଚଳାଇବା ତାଙ୍କର ଥିଲା ଏକ ମାତ୍ର ରୋଜଗାର ପନ୍ଥା। ତେବେ ଗତ କିଛି ଦିନ ପୂର୍ବରୁ ସେ ପାକସ୍ଥଳୀ ରୋଗରେ ପୀଡିତ ଥିଲେ। ଅର୍ଥ ଅଭାବରୁ ଅଧିକ ଚିକିତ୍ସା କରିବା ପାଇଁ ସମ୍ବଳ ତାଙ୍କର ନ ଥିଲା। ଅନ୍ୟ ପକ୍ଷରେ ସେ ୪୦ ବର୍ଷ ଧରି ରହୁଥିବା ଘରଟି ମଧ୍ୟଖଣ୍ଡ ଡାକ୍ତରଖାନାର ନୂତନ ଘର ନିର୍ମାଣ ଉଦ୍ଦେଶ୍ୟରେ ନୋଟିସ କରାଯାଇ ବିଦ୍ୟାଧରଙ୍କ ଘର ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଥିଲା। ଏପଟେ ରୋଗର ଦାଉ ସାଧିବା ସହିତ ଘର ଭାଙ୍ଗିବା ଚିନ୍ତାରେ ଆଖି ବୁଜିଲେ ବିଦ୍ୟାଧର। ସୂଚନା ମୁତାବକ ଘର ଭାଙ୍ଗିବା ପରେ ସେ ଦଶହରା ପଡିଆ ପାଖରେ ଏକ ପରିତ୍ୟକ୍ତ ଘରେ ରହୁଥିଲେ। ତେବେ ଡାକ୍ତରଖାନାର ନୂତନ ଗୃହ ନିର୍ମାଣ ନିମନ୍ତେ ବିଦ୍ୟାଧରଙ୍କ ଘର ଭଙ୍ଗାଗଲା,ମାତ୍ର ପ୍ରଶାସନ ପକ୍ଷରୁ କୌଣସି କ୍ଷତିପୂରଣ ମିଳିଲା ନାହିଁ। ଦେଖାଯାଉ ବିଦ୍ୟାଧରଙ୍କ ମୃତ୍ୟୁପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା।

## ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ

ଦଶପଲ୍ଲା,୭।୭(ନି.ପ୍ର): ଦଶପଲ୍ଲା ବ୍ଲକ୍ ଘୋଳାହାଣ୍ଡି ପଞ୍ଚାୟତ ନାର୍ଦିଗୋଛା ଗ୍ରାମରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଗ୍ରାମକୁ ସଂଯୋଗ କରୁଥିବା ପୋଲର ପ୍ରମୁଖ ଭାଗ ଭୁଶୁଡ଼ି ପଡିଛି। ଫଳରେ ମୁଖ୍ୟ ରାସ୍ତା ସହ ଆଖପାଖ ଗ୍ରାମ ଗୁଡିକର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଯିବା ସହିତ ଜରୁରୀକାଳୀନ ଚିକିତ୍ସା ସେବା, ଚାଷକାର୍ଯ୍ୟ ଏବଂ ଦୈନନ୍ଦିନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବା ପାଇଁ ଗ୍ରାମବାସୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଆଗକୁ ଆହୁରି ବର୍ଷା ହେଲେ ପରିସ୍ଥିତି ଅଧିକ ସଂଗୀନ ହେବା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ଭଙ୍ଗା ପୋଲର ମରାମତି କରି ଯୋଗାଯୋଗ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା ଉପରେ ଗୁରୁତ୍ୱ



ଜୟପୁର,୭।୭(ନି.ପ୍ର): ଜୟପୁର ସଦର ମହକୁମାରେ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ମଙ୍ଗଳବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ସବ୍ୟସାଚୀ ଜେନା, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗଦବା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପୂର୍ତ୍ତ, ପିଏଚ୍‌ଡି ଅଗ୍ନିଶମ, ପୋଲିସ ବିଭାଗର ଅଧିକାରୀ ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ଦଇତାପତିମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଦୀର୍ଘ ଦୁଇ ବର୍ଷ ପରେ ନୂତନ ରଥ ନିର୍ମାଣ କରାଯାଉଛି। ୪୦ ଫୁଟ ଉଚ୍ଚ ବିଶିଷ୍ଟ ଏହି ରଥକୁ ଆସନ୍ତା ୧୨ ଜୁଲାଇ ସୁଦ୍ଧା ହସ୍ତାନ୍ତର କରିବାକୁ କାରିଗରମାନେ ପ୍ରତିବଦ୍ଧ ଥିବାବେଳେ ଏହାର ଗୁଣାତ୍ମକ ମାନ ଓ ସୁରକ୍ଷା ଯାଞ୍ଚ ଦାୟିତ୍ୱ ରାସ୍ତା ଓ କୋଠାବାଡ଼ି ବିଭାଗକୁ ପ୍ରଦାନ କରାଯାଇଛି। ରଥଯାତ୍ରା ଦିନ ସହର ମଧ୍ୟକୁ ଚାରିଚକିଆ ଯାନ ପ୍ରବେଶ ନିଷିଦ୍ଧ ରହିବ। ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରି ବ୍ୟାପକ ପ୍ରଚାର କରିବା ସହ ରଥଦାଣ୍ଡରେ ଭିଡ଼ ନିୟନ୍ତ୍ରଣ ଏବଂ ଆଇନ-ଶୃଙ୍ଖଳା ବଜାୟ ରଖିବାକୁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି। ରଥ ଉପରେ କେବଳ ୨୫ ଜଣ ଦଇତାପତି ଓ ସ୍ୱେଚ୍ଛାସେବକଙ୍କୁ ରହିବାକୁ ଅନୁମତି ମିଳିବ। ଜନସମାଗମକୁ ଦୃଷ୍ଟିରେ ରଖି ୫ଟି ହାଇମାଷ୍ଟ ଲାଇଟ, ୨ଟି ଜେନେରେଟର, ୬ଟି ହାଲୋଜେନ ଲାଇଟ ଏବଂ ୧୦ଟି ଫୋକସ୍ ଲାଇଟ ବ୍ୟବସ୍ଥା କରାଯିବ। ସେହିପରି ସ୍ୱାସ୍ଥ୍ୟସେବା ପାଇଁ ୨ଟି ଆମ୍ବୁଲାନ୍ସ, ଜଣେ ଆୟୁଷ ଡାକ୍ତର ଓ ସ୍ୱତନ୍ତ୍ର ମେଡିକାଲ ଟିମ୍ ନିୟୋଜିତ ରହିବେ। ଅଗ୍ନିଶମ ବିଭାଗକୁ ରଥ ପଛରେ ଅଗ୍ନିନିର୍ବାପକ ଯାନ ସହ ପ୍ରସ୍ତୁତ ରହିବାକୁ କୁହାଯାଇଥିବାବେଳେ ପିଏଚ୍‌ଡି ବିଭାଗକୁ ପ୍ରମୁଖ ସ୍ଥାନଗୁଡ଼ିକରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ରଥଯାତ୍ରା ଅବସରରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ସହରର ସମସ୍ତ ସାର୍ବଜନୀନ ଶୌଚାଳୟର ପରିଚ୍ଛନ୍ନତା ଓ ଆବଶ୍ୟକ ନାଗରିକ ସୁବିଧା ସୁନିଶ୍ଚିତ କରିବାକୁ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଥିଲା।

### ବିଭିନ୍ନ ସମସ୍ୟା, ଅନିୟମିତତା ଓ ଅବହେଳା ଅଭିଯୋଗ

# ବ୍ଲକ ଆଗରେ ବିଜେଡିର ଅନିର୍ଦ୍ଦିଷ୍ଟ ଗଣ ଧାରଣା



ଆସିକା,୭।୭(ନି.ପ୍ର): ଆସିକା ବ୍ଲକରେ ବିଭିନ୍ନ ସମସ୍ୟା ଓ ଅନିୟମିତତାକୁ ନେଇ ବିଜେଡି ପକ୍ଷରୁ ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ ଗଣ ଧାରଣା ଆରମ୍ଭ ହୋଇଛି । ଆସିକା ବ୍ଲକ ସରପଞ୍ଚ ୟୁନିୟନ ସଭାପତି ଭବାନୀ ଶଙ୍କର ମଲିକଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା, ସରପଞ୍ଚ ଏବଂ ପଞ୍ଚାୟତ ସମିତି ସଭ୍ୟମାନେ ଆସିକା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଧାରଣାରେ ବସିଥିଲେ । ଧାରଣାରେ ବସିଥିବା ନେତାମାନେ ଅଭିଯୋଗ କରିଛନ୍ତି ଯେ ଗତ ୨ ବର୍ଷ ଧରି ବ୍ଲକ ସ୍ତରୀୟ ସାଧାରଣ ମିଟିଂ ହୋଇନାହିଁ । ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇପାରୁନାହିଁ । ବ୍ଲକରେ ସ୍ଥାୟୀ ବିଡିଓ ନିଯୁକ୍ତି ନହେବା ଯୋଗୁଁ ପ୍ରଶାସନିକ କାମରେ ବ୍ୟାପକ ବିଳମ୍ବ ହେଉଛି। ସାଧାରଣ ଲୋକେ ହଇରାଣ ହେଉଥିବା ବେଳେ ଜନପ୍ରତିନିଧିମାନେ ମଧ୍ୟ ଉପଯୁକ୍ତ ସହଯୋଗ ପାଇ ପାରୁନାହାନ୍ତି । ସେହିପରି ପୂର୍ବରୁ ହୋଇଥିବା ଉନ୍ନୟନ ମୂଳକ କାମର ବିଲ ମଧ୍ୟ ଏଯାଏଁ ମିଳିନାହିଁ । ଏହାକୁ ନେଇ ଠିକାଦାର ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଭିନ୍ନ ଯୋଜନାର ଫଣ୍ଡରେ ଖୋଲାଖୋଲି ଭାବେ ଅନିୟମିତତା ଚାଲିଛି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି । ଧାରଣାରେ ସାମିଲ ହୋଇଥିବା ଜିଲ୍ଲା ପରିଷଦ ସଭ୍ୟ କହିଲେ ଯେ ପ୍ରଶାସନର ଏହି ଉଦାସୀନତା ଯୋଗୁଁ ଗ୍ରାମାଞ୍ଚଳର ଉନ୍ନୟନ ଠପ ହୋଇଯାଇଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । ତେଣୁ ବାଧ୍ୟ ହୋଇ ସେମାନେ ଆନ୍ଦୋଳନର ରାସ୍ତା ଧରିଛନ୍ତି । ସରପଞ୍ଚ ୟୁନିୟନ ସଭାପତି ଭବାନୀ ଶଙ୍କର ମଲିକ କହିଛନ୍ତି, ଆମର ମୁଖ୍ୟ ଦାବି ହେଲା ତୁରନ୍ତ ସ୍ଥାୟୀ ବିଡିଓ ନିଯୁକ୍ତି, ବକେୟା ବିଲ ପ୍ରଦାନ, ଫଣ୍ଡର ସ୍ୱଚ୍ଛତା ସହ ତଦନ୍ତ ଏବଂ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ। ପ୍ରଶାସନ ଯଦି ପଦକ୍ଷେପ ନେବେ ନାହିଁ, ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ।


**AFFIDAVIT**

By virtue of an affidavit No.1910, Dt.07.07.2026, sworn before the Executive Magistrate, Bhadrak, I, LAXMI KANT BRAHMA, S/o-Sanyasi Charan Brahma, At/Po-Baro, Ps-Tihidi, Dist-Bhadrak-756130, declare that I have changed the name of my minor daughter from L S RIYANSHI BRAHMA (old name) to L S PRIYANSHI BRAHMA (new name). Henceforth, she will be known as L S PRIYANSHI BRAHMA for all purposes.

Laxmi Kant Brahma
Deponent

**NOTICE**

By virtue of an affidavit No.1580, Dt. 06.07.2026, sworn before Executive Magistrate Khordha, I, Ajay Kumar Sahoo, Address. At-Mali Sahi, Gurujanga, Po- Gurujanga, Ps/Dist-Khordha, Pin-752055, declare that I have changed the name of my minor son from Bubu Sahoo (old name) to Ayush Kumar Sahoo (new name) . Henceforth, he will be known as Ayush Kumar Sahoo for all purposes.

Ajay Kumar Sahoo
Deponent

**NOTICE**

By virtue of an affidavit sworn before Notary Public, Berhampur, dated 01.07.2026 I, Kabita Mallick, Address- Village:-Tamangi, P.O:-Tamangi, PS:- Balliguda, District:- Kandhamal, Pin Code:- 762021, Odisha, declare that I have changed the name of my son from PRABITRA MALLICK to PABITRA MALLICK. Henceforth, he shall be known as PABITRA MALLICK for all purposes.

Kabita Mallick

**NOTICE**

By virtue of an affidavit sworn before Notary Public, Berhampur, dated 07.07.2026, I, Naresh Pradhan, Address Village:- Mundargam, Po:- Kudutuli, Ps:-K.Nuagaon, Dist:- Kandhamal, Odisha, Pin Code:- 762102, declare that I have changed the name of my daughter from P.RETCHEEL to P.DEEPSHIKHA RANI. Henceforth, she shall be known as P.DEEPSHIKHA RANI for all purposes.

Naresh Pradhan

**NOTICE**

By virtue of an affidavit sworn before Notary Public, Berhampur, dated 04.07.2026, I, Ramya Ranjan Digal, Address: Village:- Sisapanga, Po:- Lamugia, Ps:- Raikia, Dist:- Kandhamal, Odisha, Pin Code:-762101, declare that I have changed the name of my son from REZUL DIGAL to ASHISH DIGAL. Henceforth, he shall be known as ASHISH DIGAL for all purposes.

Ramya Ranjan Digal

**AFFIDAVIT**

By virtue of an affidavit SL No.704, Dt.25.06.2026, sworn before the Executive Magistrate, Baripada, Mayurbhanj, I, Sri Kusha Hansda, 54yrs, S/o-Late Laxman Hansda, At/Po-Baunsdiha, Ps-Thakurmunda, Dist-Mayurbhanj, Pin-757038, declare that my daughter's actual name is Susmita Hansda but in Aadhar Card No. 5630 4440 1853 her name has been wrongly mentioned as Susanta Hansda and mobile number as 8053240436 instead of 7683916674 . Hence, this affidavit is to be produced before the concerned Aadhar authority for necessary correction of her name as Susmita Hansda and mobile number as 7683916674.

Kusha Hansda
Deponent


## ଏସ୍‌ଆଇଆର୍ ସଚେତନତା କାର୍ଯ୍ୟକ୍ରମ ସହିତ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା



ଭଞ୍ଜନଗର,୭।୭(ନି.ପ୍ର): ଆଜି ୧୨୩-ଭଞ୍ଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ବ୍ଲକର ବିଡି ପୁରସ୍ଥିତ ଟିଏସ୍‌ଡି ମହାବିଦ୍ୟାଳୟର ନିର୍ବାଚନ ସାକ୍ଷରତା କ୍ଲବ (ଇଏଲସି ) ପକ୍ଷରୁ ମଙ୍ଗଳବାର ଏସ୍‌ଭିଇଇପି ଜରିଆରେ ସ୍ୱତନ୍ତ୍ର ସଘନ ସଂସୋଧନ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଜିଲ୍ଲାପାଳ ତଥା ର୍ନିବାଚନ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ) ଉମାଶଙ୍କର ବେହେରା ଅଧ୍ୟକ୍ଷତାକରି ଏସ୍‌ଆଇଆର୍-୨୦୨୬ର ଉଦ୍ଦେଶ୍ୟ, ଭୋଟର ତାଲିକାରେ ଯୋଗ୍ୟ ମତଦାତାଙ୍କ ନାମ ଅନ୍ତର୍ଭୁକ୍ତି, ତ୍ରୁଟି ସଂଶୋଧନ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୁବପିଢ଼ିର ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ ମତଦାତା ଭାବେ ନିଜ କର୍ତ୍ତବ୍ୟ ପାଳନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ଆହ୍ୱାନ ଜଣାଯାଇଥିଲା।

ଏହି ଅବସରରେ କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିବାବେଳେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍-୨୦୨୬) ପ୍ରକ୍ରିୟା, ଚିଠା ଭୋଟର ତାଲିକାରେ ନିଜ ନାମ ଯାଞ୍ଚ, ଦାବି ଓ ଆପତ୍ତି ଦାଖଲ କେନ୍ଦ୍ର ସମ୍ପର୍କିତ ସୂଚନା ଏବଂ ଏସ୍‌ଆଇଆର୍‌ର ଅନ୍ୟାନ୍ୟ ଦିଗ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ ସହ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାଗୀଦାର ହେବା ସହ ଯୋଗ୍ୟ ମତଦାତା ଭାବେ ନିଜର କର୍ତ୍ତବ୍ୟ ପାଳନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମେରେ ଡେପୁଟୀ କଲେକ୍ଟର (ଇଲେକ୍ସନ) ଭଞ୍ଜନଗର ରଚିତା ମହାପାତ୍ର, ଜଗନ୍ନାଥପ୍ରସାଦ ତହସିଲଦାର ତଥା ସହକାରୀ ର୍ନିବାଚନ ପଞ୍ଜୀକରଣ ଅଧିକାରୀ (ଏଇଆର୍‌ଓ) ଅଶୋକ କୁମାର ମୁଦୁଲି, ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଦାଦା ବଟି ମାଗିବା ଯୋଜନା ୪ ଗିରଫ, ୨ପିସ୍ତଲ ଜବତ



ଭଞ୍ଜନଗର,୭।୭(ନି.ପ୍ର): ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ଦାଦା ବଟି ମାଗିବା ପାଇଁ ଯୋଜନା କରିବା ଅଭିଯୋଗରେ ୪ ଜଣକୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଏଥିସହ ସେମାନଙ୍କ ଠାରୁ ଦୁଇଟି ପିସ୍ତଲ ଓ ୨ ରାଉଣ୍ଡ ଗୁଳି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପିଣ୍ଟୁ ସେଠୀ, ଅନୀଲ ସାଇଁ, ବାଳକୃଷ୍ଣ ବିଷୋୟୀ ଓ ସୁବାଷ ଚନ୍ଦ୍ର ପାଢ଼ୀ। ଭଞ୍ଜନଗର ଏସଡିପିଓ ଡ. ଦୀପକ କୁମାର ମିଶ୍ର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ସମୟରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସ ଆଇ ସମୀର କୁମାର ସେଠୀ, ଲକ୍ଷ୍ମୀଧର ମାହାନ୍ତି, ଏଏସଆଇ ରୁଦ୍ରପ୍ରତାପ କହଁର, ହାବିଲଦାର ଦିଲ୍ଲୀପ କୁମାର ରାଉତ, କନଷ୍ଟେବଳ ସନ୍ତୋଷ କୁମାର ନାୟକ, ଗୃହରକ୍ଷୀ ପି. ହେମନ୍ତ କୁମାର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

ଘଟଣାରୁ ପ୍ରକାଶ ଯେ ଅଭିଯୁକ୍ତମାନେ ମଳସାପଦର ରାସ୍ତାରେ କାହାକୁ ଦାଦା ବଟି ମାଗିବା ପାଇଁ ଯୋଜନା କରିଥିଲେ। ଏନେଇ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ଏହି ଘଟଣାରେ ଭଞ୍ଜନଗର ଥାନା କେସ ନମ୍ବର ୬୪୩/୨୬ରେ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଘୋଷଣା**

ନଥି IX (A) -10/2026 - 318 ତା। 09.06.2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ପଣ୍ଡୁଆ ଥାନା- ଆନନ୍ଦପୁର ତହସିଲ- ଆନନ୍ଦପୁର, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୦.୦୮୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government ) ଏତଦ୍‌ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମିଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ, ଆନନ୍ଦପୁର ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଂଚଳ/ ସହରାଂଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟ ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ପଣ୍ଡୁଆ | ଗ୍ରାମାଂଚଳ | ସଂଲଗ୍ନ | ସଂଲଗ୍ନ | ୧.୧୨୦ | ୦.୦୮୦ | ସଂଲଗ୍ନ |
| | | | | | ମୋଟ | ୧.୧୨୦ | ୦.୦୮୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କଙ୍କ ଆଦେଶକ୍ରମେ
ସ୍ୱା/- (ବିଶାଳ ସିଂ)
ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ - ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ
ଥାନାନଂ-୧୧୯
ମୌଜା- ପଣ୍ଡୁଆ
ଥାନା -ଆନନ୍ଦ ପୁର
ତହସିଲ-ଆନନ୍ଦ ପୁର
ଜିଲ୍ଲା- କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ | ପ୍ରଜା ର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅର୍ଜନ ରକବା (ଏକର) |
|---|---|---|---|---|---|---|
| ୧ | ୧୭୩/ ୫୫ | ବିଜୟ କୁମାର ରାମ , ସନ୍ତୋଷ କୁମାର ରାମ , ପି- ଗଙ୍ଗାଧର ରାମ ଜା- ତାମୁଲି , ବା-ଫକିରପୁର | ୩୭୮ | ଶାରଦ ଏକ | ୦.୩୬୦ | ୦.୦୩୦ |
| ୨ | ୧୭୩/ ୯୦ | ଦୁର୍ଯ୍ୟୋଧନ ଜେନା ପି- ଗୋବିନ୍ଦ ଜେନା ,ଜା- ଲକ୍ଷ୍ମିନାରାୟଣ ଗୁଲା , ବା- ବଳଦୁଆଁ | ୩୭୯ | ଶାରଦ ତିନି | ୦.୭୬୦ | ୦.୦୫୦ |
| | | | | ସର୍ବ ମୋଟ- | ୧.୧୨୦ | ୦.୦୮୦ |

ସ୍ୱା/-
ଭୁ-ଅର୍ଜନ ଅଧିକାରୀ, କେନ୍ଦୁଝର
ଭୁଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

Caption No : 24001/268/2627

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଘୋଷଣା**

ନଥି IX (A) -13/2026 - 336 ତା। 09.06.2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କ୍ଲଷ୍ଟର-"XIX" ଅଧିନରେ ପୁରୁଣାଘାଟି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ ପାଇଁ ଏକ ସଂଯୋଗକାରୀ ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ସତଙ୍ଗି, ଥାନା- ଆନନ୍ଦପୁର, ତହସିଲ- ଆନନ୍ଦପୁର, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୦.୦୬୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government ) ଏତଦ୍‌ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- କ୍ଲଷ୍ଟର- "XIX" ଅଧିନରେ ପୁରୁଣାଘାଟି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ପାଇଁ ଏକ ସଂଯୋଗକାରୀ ରାସ୍ତା ନିର୍ମାଣ ନିମନ୍ତେ ।
୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ନିର୍ବାହୀ ଯନ୍ତ୍ରୀ, ବୃହତ୍ ଉଠାଜଳସେଚନ ବିଭାଜନ, କେନ୍ଦୁଝର ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- କ୍ଲଷ୍ଟର-"XIX" ଅଧିନରେ ପୁରୁଣାଘାଟି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ ପାଇଁ ଏକ ସଂଯୋଗକାରୀ ରାସ୍ତା ନିର୍ମାଣ ନିମନ୍ତେ ।
୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ -ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ, ଆନନ୍ଦପୁର ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଂଚଳ/ ସହରାଂଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟ ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ସତଙ୍ଗି | ଗ୍ରାମାଂଚଳ | ସଂଲଗ୍ନ | ସଂଲଗ୍ନ | ୦.୨୬୦ | ୦.୦୬୦ | ସଂଲଗ୍ନ |
| | | | | | ମୋଟ | ୦.୨୬୦ | ୦.୦୬୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କଙ୍କ ଆଦେଶକ୍ରମେ
ସ୍ୱା/- (ବିଶାଳ ସିଂ)
ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ- କ୍ଲଷ୍ଟର-"XIX" ଅଧିନରେ ପୁରୁଣାଘାଟି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ପାଇଁ ଏକ ସଂଯୋଗକାରୀ ରାସ୍ତା ନିର୍ମାଣ
ମୌଜା- ସତଙ୍ଗି
ଥାନା -ଆନନ୍ଦପୁର
ତହସିଲ -ଆନନ୍ଦପୁର
ଜିଲ୍ଲା - କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ | ପ୍ରଜା ର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅର୍ଜନ ରକବା (ଏକର) |
|---|---|---|---|---|---|---|
| ୧ | ୧୭ | ଚନ୍ଦ୍ରମଣି ଗୁରା ହୋ ପି- ବନ୍ଧୁଆ କୋହ୍ଲ, ଜମଦାର ହୋ ପି- ବଚା ହୋ ଜା- କୋହ୍ଲ,ବା- ନିଜଗାଁ | ୧୫ | ଶାରଦ ଦୁଇ | ୦.୨୬୦ | ୦.୦୬୦ |

ସ୍ୱା/-
ଭୁ-ଅର୍ଜନ ଅଧିକାରୀ, କେନ୍ଦୁଝର
ଭୁଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

Caption No : 24001/267/2627

### ୩୦ କୋଟି ଖର୍ଚ୍ଚ ପରେ ବି ଅନ୍ଧାରରେ ଚାନ୍ଦିପୁର ବିଚ୍

# ମେରାଇନ୍ ଡ୍ରାଇଭ୍ ପାଲଟିଛି ଘାସଜଙ୍ଗଲ



ବାଲେଶ୍ୱର,୭।୭(ନି.ପ୍ର): ତଟ ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲେ ମଧ୍ୟ ବାଲେଶ୍ୱର ଚାନ୍ଦିପୁର ବେଳାଭୂମିର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ନିମ୍ନମାନର କାମ ଓ ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ପ୍ରକଳ୍ପ ଏବେ ଧୂଳିସାତ୍ ହୋଇଯାଇଛି। ପ୍ରାୟ ୨ କିମି ଦୈର୍ଘ୍ୟ ମେରାଇନ୍ ଡ୍ରାଇଭ୍‌ରେ ଏବେ ପର୍ଯ୍ୟଟକଙ୍କ ପାଇଁ କିଛି ବି ନାହିଁ। ପଥର ବନ୍ଧ ନିର୍ମାଣ ହୋଇଥିଲେ ମଧ୍ୟ ସମଗ୍ର ସମୁଦ୍ର କୂଳ ଏବେ ଘାସବଣରେ ପରିଣତ ହୋଇଛି। ଅର୍ଦ୍ଧ ନିର୍ମିତ ମେରାଇନ୍ ଡ୍ରାଇଭ୍ ରାସ୍ତା ଏବେ ଜଙ୍ଗଲ ପାଲଟି ଯାଇଛି ଏବଂ ରାତିରେ ଉପକୂଳ ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧକାର ହୋଇଯାଉଛି। ଫଳରେ ସନ୍ଧ୍ୟା ପରେ ପର୍ଯ୍ୟଟକମାନେ ସେଠାକୁ ଯିବାକୁ ଭୟ କରୁଛନ୍ତି। କ'ଣ ଥିଲା ଯୋଜନା, କ'ଣ ହେଲା ସ୍ଥିତି କିଛି ବର୍ଷ ତଳେ ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟରେ ଚାନ୍ଦିପୁରରେ ତଟ ସୁରକ୍ଷା କାମ ଆରମ୍ଭ ହୋଇଥିଲା। ୧.୭ କିମି ପଥର ବନ୍ଧ ଉପରେ ମେରାଇନ୍ ଡ୍ରାଇଭ୍, ପର୍ଯ୍ୟଟକଙ୍କ ବସିବା ବ୍ୟବସ୍ଥା, ଗାଡି ପାର୍କିଂ ଓ ସବୁଜୀକରଣର ଡିଜାଇନ୍ ପ୍ରସ୍ତୁତ ହୋଇଥିଲା। ୨୦୨୦ ମସିହାରେ କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇ ପାରିନଥିଲା। ଯାହା କାମ ହୋଇଥିଲା ତାହା ମଧ୍ୟ ଏବେ ନଷ୍ଟ ହୋଇଗଲାଣିଛ ଅଧିକାଂଶ ସ୍ଥାନରେ ମେରାଇନ୍ ଡ୍ରାଇଭ୍ ଧସି ବଡ ବଡ ଗାତ ହୋଇଯାଇଛି। ପେଭର ବ୍ଲକ ଉପରେ ଘାସ ଓ ଛୋଟ ଗଛ ବଢି ସମ୍ପୂର୍ଣ୍ଣ ଜଙ୍ଗଲ ଭଳି ଦେଖା ଯାଉଛି। ପଥର ପ୍ୟାଚିଂ ମଧ୍ୟରେ ଫାଙ୍କ ଦେଖାଯାଉଛି। ପଥର ପଛପଟେ ପାଣି ଜମି ରହିବାରୁ ଚାରିପାଖ ଲୁଣା ଜମି ପରି ଲାଗୁଛି। ସମୁଦ୍ର କୂଳର ଶେଷ ଭାଗରେ ତ ପାଣି ବି ଦେଖାଯାଉନାହିଁ। ସ୍ଥାନୀୟଙ୍କ ଅଭିଯୋଗ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟନ-ନିର୍ଭର ବ୍ୟବସାୟୀମାନେ ଠିକାଦାରଙ୍କ ମନମାନି ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ନା ଉପକୂଳ ସୁରକ୍ଷିତ ହୋଇପାରିଛି, ନା ଚାନ୍ଦିପୁରର ସୌନ୍ଦର୍ଯ୍ୟ ବଢିଛି। ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ସହ ମେରାଇନ୍ ଡ୍ରାଇଭ୍ ର ପୁନଃନିର୍ମାଣ ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ପର୍ଯ୍ୟଟନ ଅଧିକାରୀ ଦାୟିତ୍ୱରେ ଥିବା ଅମ୍ଳାନ ନାୟକ କହିଛନ୍ତି, ପୂର୍ବରୁ ହୋଇଥିବା କାମ ଇରିଗେସନ୍ ବିଭାଗ କରିଥିଲା। ଏବେ ପର୍ଯ୍ୟଟନ ବିଭାଗକୁ ୧.୬୫ କୋଟି ଟଙ୍କାର ନୂଆ ପ୍ରକଳ୍ପ ଆସିଛି। ଏଥିରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କାମ ହେବ। ଓଡିଶା କୋଷ୍ଟାଲ ଜୋନ୍ ମ୍ୟାନେଜମେଣ୍ଟ ଅଥୋରିଟିର ଅନୁମୋଦନ ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଆର୍ ଆଣ୍ଡ ବି ବିଭାଗକୁ କାମ ଦିଆଯାଇଛି। ତେବେ ନୂଆ ପ୍ରକଳ୍ପ କେବେ ଆରମ୍ଭ ହେବ ଏବଂ ଚାନ୍ଦିପୁର ପୁଣି ତାର ପୂର୍ବ ରୂପ ଫେରିପାଇବ କି ନାହିଁ ତାକୁ ନେଇ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶା ଓ ଆଶଙ୍କା ଲାଗି ରହିଛି।

### ଭୂତକୋଠରେ ପରିଣତ ପୁରାତନ ପାନ୍ଥଶାଳା

# ପର୍ଯ୍ୟଟକଙ୍କ ବଦଳରେ ରହୁଛି କବାଡ଼ି ସାମଗ୍ରୀ



ଧାମନଗର,୭।୭(ନି.ପ୍ର): ଧାମନଗର ଏନଏସି ଅନ୍ତର୍ଗତ ଜୟନଗର ଛକ ନିକଟରେ ଥିବା ପୁରାତନ ପାନ୍ଥଶାଳା ଆଜି ନିଜ ଅସ୍ତିତ୍ୱ ବଞ୍ଚାଇବା ପାଇଁ ସଂଘର୍ଷ କରୁଛି। ପର୍ଯ୍ୟଟକ ଓ ଯାତ୍ରୀମାନଙ୍କ ବିଶ୍ରାମ ପାଇଁ ନିର୍ମିତ ଏହି ସରକାରୀ ଗୃହ ବର୍ତ୍ତମାନ ଅବହେଳା, ଅବ୍ୟବସ୍ଥା ଓ ପ୍ରଶାସନିକ ଉଦାସୀନତାର ପ୍ରତୀକ ପାଲଟିଛି। ସ୍ଥାନୀୟ ଲୋକଙ୍କ ଭାଷାରେ ଏହା ଏବେ ଏକ ଭୂତକୋଠୀ। ପ୍ରାୟ ୨୭ ବର୍ଷ ପୂର୍ବେ ପର୍ଯ୍ୟଟନ ବିଭାଗ ଦ୍ୱାରା ନିର୍ମିତ ଏହି ପାନ୍ଥଶାଳା ସେତେବେଳେ ଧାମନଗର ଅଞ୍ଚଳର ପର୍ଯ୍ୟଟନ ବିକାଶର ଏକ ବଡ଼ ପଦକ୍ଷେପ ବୋଲି ବିବେଚିତ ହୋଇଥିଲା। ତତ୍କାଳୀନ ବିଧାୟକ ମାନସ ରଞ୍ଜନ ମଲ୍ଲିକଙ୍କ ପ୍ରୟାସରେ ନିର୍ମିତ ଏହି ଭବନଟି ଲକ୍ଷ୍ୟ ଅନୁଯାୟୀ କେବେ ବି ସାଧାରଣ ଲୋକଙ୍କ ସେବାରେ ଆସିପାରିନାହିଁ। ବରଂ ବାରମ୍ବାର ମରାମତି ନାମରେ ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ ଏହାର ବାସ୍ତବ ଚିତ୍ରରେ କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଯାଇନାହିଁ ବୋଲି ସ୍ଥାନୀୟ ମହଲରେ ଅଭିଯୋଗ ଉଠିଛି। ଭଦ୍ରକ-ଯାଜପୁରକୁ ସଂଯୋଗ କରୁଥିବା ପ୍ରମୁଖ ସଡ଼କ କଡ଼ରେ ଥିବା ଏହି ପାନ୍ଥଶାଳାର ବର୍ତ୍ତମାନର ଦୃଶ୍ୟ ଅତ୍ୟନ୍ତ ଦୟନୀୟ। ପର୍ଯ୍ୟଟକଙ୍କ ରହଣି ସ୍ଥଳ ହେବା ପରିବର୍ତ୍ତେ ଏହା ଘାସ ଲଟାରେ ପରିପୂର୍ଣ୍ଣ ସହ ଭଙ୍ଗା ଗାଡ଼ିର ଯନ୍ତ୍ରାଂଶ ଓ ବିଭିନ୍ନ କବାଡ଼ି ସାମଗ୍ରୀର ଗୋଦାମରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ଧାମନଗର ଅଞ୍ଚଳର ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳ ଯଥା ଖାନକା ସରିଫ, ବାବା ଆଖଣ୍ଡଳମଣି ପୀଠ, ଗୋହିରାଟିକିରି ଏବଂ ସହିଦ ନଗର ପର୍ଯ୍ୟଟନ ସ୍ଥଳୀକୁ ପ୍ରତିବର୍ଷ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସୁଥିବା ବେଳେ ସେମାନଙ୍କ ରହଣି ଓ ବିଶ୍ରାମ ପାଇଁ ଏହି ପାନ୍ଥଶାଳା ନିର୍ମାଣ କରାଯାଇଥିଲା। ମାତ୍ର ଦୀର୍ଘଦିନର ଅବହେଳା ଯୋଗୁଁ ଏହା ତାହାର ଉଦ୍ଦେଶ୍ୟ ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। କିଛି ମାସ ପୂର୍ବେ ଯୁଗ୍ମ ଜନ ଶୁଣାଣିରେ ଅଭିଯୋଗ ପରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପାନ୍ଥଶାଳା ପରିଦର୍ଶନ କରି ଏହାର ପୁନରୁଦ୍ଧାର ଓ କାର୍ଯ୍ୟକ୍ଷମ କରିବା ପାଇଁ ଆଶ୍ୱାସନ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ସେହି ଘୋଷଣାର କୌଣସି ଦୃଶ୍ୟମାନ ପ୍ରଭାବ ପଡ଼ିନାହିଁଛ ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶାସନ ପ୍ରତି ନିରାଶା ବଢ଼ିଚାଲିଛି। ଅଞ୍ଚଳବାସୀଙ୍କ ମତରେ, ଏହି ବିଶାଳ ସରକାରୀ ପରିସରକୁ ଆଧୁନିକ ଢଙ୍ଗରେ ବିକଶିତ କରାଗଲେ ଏହା ଧାମନଗରର ଏକ ଗୁରୁତ୍ୱପୂର୍ଣ୍ଣ ଜନଉପଯୋଗୀ କେନ୍ଦ୍ରରେ ପରିଣତ ହୋଇପାରିବଛ ପାନ୍ଥଶାଳାର ପୁନରୁଦ୍ଧାର ସହ ଏଠାରେ ଏକ ଆଧୁନିକ ବିବାହ ମଣ୍ଡପ, ସୁନ୍ଦର ପୁଷ୍ପ ଉଦ୍ୟାନ ଏବଂ ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସୁବିଧା ସୃଷ୍ଟି କରିବାକୁ ଦାବି ଜୋର ଧରିଛି। ସରକାରୀ ଅର୍ଥରେ ନିର୍ମିତ ଏହି ମୂଲ୍ୟବାନ ସମ୍ପତ୍ତି ଆଉ କେତେଦିନ ଅବହେଳାର ଶିକାର ହୋଇ ପଡ଼ିରହିବ ? ମରାମତି ନାମରେ ଖର୍ଚ୍ଚ ହୋଇଥିବା ଅର୍ଥର ପ୍ରକୃତ ହିସାବ କିଏ ଦେବ ? ଏବଂ କେବେ ଏହି ପାନ୍ଥଶାଳା ପୁଣିଥରେ ଲୋକଙ୍କ ସେବାରେ ଫେରିବ ? ଏହି ପ୍ରଶ୍ନ ଏବେ ଧାମନଗରବାସୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କଡ଼ାକଡ଼ି

ଦାରିଙ୍ଗବାଡି,୭।୭(ନି.ପ୍ର): କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ପୋଲିସ୍ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କଡ଼ାକଡ଼ି କରାଯାଇଛି। ଥାନା ଆଇ ଆଇ ସି ବିଜୟ କୁମାର ହାଇବୁରୁଙ୍କ ନିର୍ଦ୍ଦେଶ ରେ ଏ ଏସ ଆଇ ରାଜେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସୁରକ୍ଷା କର୍ମୀ ସାମିଲ ହୋଇ ସ୍ଥାନୀୟ ସେଣ୍ଟ ଯୋହନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଛକ ନିକଟରେ ଗାଡ଼ି ମୋଟର ଯାଞ୍ଚ କରିଥିଲେ, ବିନା ହେଲମେଟରେ ଗାଡିଚଳନା, ନିଶା ସେବନ କରି ଗାଡ଼ି ଚାଳନା, ସିଟ୍ ବେଲ୍ଟ ଆଦି ଯାଞ୍ଚ କରାଯାଇ ଥିବା ବେଳେ ଅମାନିଆଙ୍କ ଠାରୁ ସିଧା ସଳଖ ଚାଲାଣ କଟାଯାଇ ଥିଲା ।

## ୧୩ ଗୋରୁ ଉଦ୍ଧାର ୨ ଗାଡ଼ି ଜବତ

ବୋଲଗଡ,୭।୭(ନି.ପ୍ର): ବୋଲଗଡ ପୋଲିସ ଆଜି ଭୋରରୁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ମାଣିକଗୋଡା ଦଳେଇସାହି ଠାରୁ ବେଆଇନ ଗୋରୁ ଚାଲାଣ ବେଳେ ୧୩ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ଗୋଟିଏ ପିକଅପ ଭ୍ୟାନ ଓ ଗୋଟିଏ ସ୍ୱିଫ୍ଟ ଡିଜାୟାର କାର ଜବତ କରିଛନ୍ତି। ଗୋରୁ ବେପାରୀମାନେ ବେଆଇନ ଭାବରେ ଗୋ ଚାଲାଣ କରୁଥିଲେ। ହେଲେ ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ କେଶ ନଂ ୩୧୩/୨୬ରେ ଏକ ମାମଲା ରୁଜୁକରି ତଦନ୍ତ କରୁଛନ୍ତି। ଉଦ୍ଧାର ଗୋରୁଙ୍କୁ ବୋଲଗଡ ଧ୍ୟାନ ଫାଉଣ୍ଡେସନ ଗୋଶାଳା ରେ ଛାଡି ଦିଆଯାଇଛି। ଥାନା ନିରୀକ୍ଷକ ସୁକାନ୍ତ ଦଳେଇଙ୍କ ନିର୍ଦ୍ଦେଶରେ ଏଏସଆଇ ଉମାଶଙ୍କର ନାୟକ କନେଷ୍ଟବଳ ଅରୁଣ ପ୍ରହରାଜ ଗୃହରକ୍ଷୀ ତରୁଣ ସାହୁ ରବି ବେହେରା ପ୍ରମୁଖ ଚଢ଼ାଉରେ ସହଯୋଗ କରିଥିଲେ। ଅଭିଯୁକ୍ତ ମାନେ ହେଲେ ଶେଖ ନିଜାମ ପିତା କାସିମ ଖାନ କେନ୍ଦୁପଲ୍ଲୀ ଓ ମନସୁର ଅଲ୍ଲୀ ଖାନ ସୁରଜ ପିତା ଅଜମର ଅଲ୍ଲୀ ଖାନ ବୁଚି ଖାନ ଦଳେଇସାହି ବୋଲି ଜଣାପଡିଛି। ସେମାନଙ୍କର ୬ଜଣ ସହଯୋଗୀ ମଧ୍ୟ ଫେରାର ଅଛନ୍ତି। ଆଗାମୀ ଦିନରେ ବୋଲଗଡ ଅଂଚଳରୁ ଗୋରୁ ବେପାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଥାନା ନିରୀକ୍ଷକ ଶ୍ରୀ ଦଳେଇ ଜଣାଇଛନ୍ତି।

## ବକେୟା ଦରମା ଦାବିରେ ଶ୍ରମିକଙ୍କ ଆନ୍ଦୋଳନ

ବୋଲଗଡ,୭।୭(ନି.ପ୍ର): ବୋଲଗଡ ବ୍ଲକ ଗେଡିଆପଲ୍ଲୀ ଶିଳ୍ପାଞ୍ଚଳ ସ୍ଥିତ ବଜରଙ୍ଗୀ ପ୍ୟାର ଆଣ୍ଡ ମେଟାଲିକ୍ସ କମ୍ପାନୀ ସମ୍ମୁଖରେ ୨୦ଜଣ ଶ୍ରମିକ ଧାରଣାରେ ବସି ରହିଛନ୍ତି ଦୀର୍ଘଦିନ ଧରି ଦରମା ପାଇନଥିବାରୁ ନହିନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ




ପଚାରିବାରୁ ସମସ୍ତ ଅର୍ଥ ନିଯୁକ୍ତ ଠିକାଦାରଙ୍କୁ ପ୍ରଦାନ କରିଛନ୍ତି। ସେ ଶ୍ରମିକମାନଙ୍କୁ ଅର୍ଥ ପ୍ରଦାନ କରିବା ଦାୟିତ୍ୱ ତାଙ୍କର। କମ୍ପାନୀ କର୍ତ୍ତୃପକ୍ଷ କିଛି କରିପାରିବେ ନାହିଁ ବୋଲି ସ୍ପଷ୍ଟ ଜଣାଇଛନ୍ତି। ତେବେ ସମ୍ପୃକ୍ତ ଠିକାଦାରଙ୍କୁ ଏସମ୍ପର୍କରେ ପଚାରିବେ ଓ ଶ୍ରମିକ ମାନଙ୍କ ପ୍ରାପ୍ୟ ଦେବା ପାଇଁ ତାଗିଦ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଫଳରେ ଆନ୍ଦୋଳନ ହଟିଯାଇଛି ସମ୍ପୃକ୍ତ ଠିକାଦାର ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ପିଏମ୍‌ଶ୍ରୀ ବିଦ୍ୟାଳୟରେ ବନ ମହୋତ୍ସବ

କଳାହାଣ୍ଡି,୭।୭(ନି.ପ୍ର): ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ପାଇଁ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ରଛାତ୍ରୀ ଅନ୍ତତଃ ପକ୍ଷେ ଗୋଟିଏ ଲେଖାଏଁ ଚାରା ରୋପଣ କରି ତାର ଯତ୍ନ ନେବାକୁ ସ୍ଥାନୀୟ ପିଏମ୍‌ଶ୍ରୀ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ବନ ମହୋତ୍ସବରେ ପରାମର୍ଶ ଦିଆଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦାଦପୁର ସରପଞ୍ଚ ଗୀତାଞ୍ଜଳି ସାହୁ, ବିଶିଷ୍ଟ ଅତିଥି ଭାବେ




ଛବିଲାଲ ସାହୁ (ପୁରାତନ ଛାତ୍ର ସଂସଦ ସଭାପତି), ବନରକ୍ଷୀ ଭବାନୀଶଙ୍କର, ବନରକ୍ଷୀ ତନୁ ଶବର, ଜ୍ୟୋସ୍ନାମୟୀ ବେହେରା ପ୍ରମୁଖ ଯୋଗଦେଇ ବନମହୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଶିକ୍ଷକ ବଳରାମ ପରିଚ୍ଛା, ରାମ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସ୍ନିଗ୍ଧାଲୀନା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭା ପରେ ଅଧ୍ୟକ୍ଷ ରବି ପ୍ରସାଦ କାନୁନଗୋ ଓ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ବଳରାମ ସାହୁଙ୍କ ନେତୃତ୍ୱରେ ପ୍ଲାକାର୍ଡ ପ୍ରଦର୍ଶନ ଏବଂ ବୃକ୍ଷରୋପଣ କରାଯାଇଥିଲା ।

## ପ୍ରତିକୂଳ ପାଗ ସତ୍ତ୍ୱେ ଠିକ ସମୟରେ ହେଲା ପରୀକ୍ଷା

ନିଆଳି,୭।୭(ନିପ୍ର): ଲଗାଣ ବର୍ଷା ଯୋଗୁ ସବୁଆଡେ ବର୍ଷା ପାଣି। ଜନଜୀବନ ପ୍ରଭାବିତ ହୋଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ସୁରୁଖୁରୁରେ ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୪ର୍ଥରୁ ସପ୍ତମ ଶ୍ରେଣୀର ୨୬ ଛାତ୍ରଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ନୀଳମଣି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଚିତ୍ରା ପଣ୍ଡା ପ୍ରଥମ, ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀ ବିଜୟିନୀ ସାହୁ ଦ୍ୱିତୀୟ ଓ ପ୍ରିୟାଂଶୀ ମହାରଣା ତୃତୀୟ ସ୍ଥାନ ଅଧିକାର ସାର୍ଟିଫିକେଟ ଏବଂ ପୁରସ୍କାର ରାଶି ଗ୍ରହଣ କରିଥିଲେ। କୁଇଜ ପ୍ରତିଯୋଗିତାରେ ଟୋଲା ଗୋପୀନାଥପୁରଆଦର୍ଶ ବିଦ୍ୟାଳୟ ଛାତ୍ର ସିଦ୍ଧାର୍ଥ ପୁଷ୍ପାଳକ ପ୍ରଥମ,



ମନସ୍ୱିନୀ ଷଡ଼ଙ୍ଗୀ ଦ୍ୱିତୀୟ ଓ ସରସ୍ୱତୀ ବିଦ୍ୟାମନ୍ଦିର, ନିଆଳିର ଛାତ୍ରୀ ଲୋପାମୁଦ୍ରା ପ୍ରଧାନ ୩ ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ନିଆଳି ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର, ଲକ୍ଷ୍ମୀ ନାରାୟଣ ବିଦ୍ୟାପୀଠ କସଦାର ବରିଷ୍ଠ ଶିକ୍ଷକ ମଙ୍ଗଳ ପ୍ରସାଦ ମହାପାତ୍ର ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ଗୋପନାଥ ଜୀଉ ବିଦ୍ୟାପୀଠ ସେଳଦାର ଶିକ୍ଷୟିତ୍ରୀ ନଳିନୀପ୍ରଭା ସ୍ୱାଇଁ, ଦୁର୍ଯ୍ୟୋଧନ ଦ୍ୱିବେଦୀ ପ୍ରମୁଖ ଆଶୀର୍ବଚନ ସହିତ ପୁରସ୍କାର ବିତରଣ କରିଥିଲେ। ଥାନା ଅଧିକାରୀ ପିଲାମାନଙ୍କସହିତ ଭାବ ବିନିମୟ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖିଲେ ସରପଞ୍ଚ ସଂଘ ସଭାପତି

# ତଣ୍ଡିକଣା କନ୍ଦଳ ସେତୁ ନିକଟରେ ଦୁର୍ଘଟଣା ପ୍ରତିରୋଧକ ବାଡ଼ ପୁନଃ ସ୍ଥାପନ ହେଉ

କଣ୍ଟାପଡା,୭।୭(ନି.ପ୍ର): ତଣ୍ଡୀକଣା କନ୍ଦଳ ସେତୁ ନିକଟରେ 'ଦୁର୍ଘଟଣା ପ୍ରତିରୋଧକ ବାଡ଼' ପୁନଃ ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀ କୁ ଚିଠି ଲେଖିଲେ ସରପଞ୍ଚ ସଂଘ ଙ୍କ ସଭାପତି ତଥା ବ୍ରାହ୍ମଣ ବାଟି ଗ୍ରାମପଞ୍ଚାୟତ ସରପଞ୍ଚ ସଂଜୟ ରାଉତରାୟ କଣ୍ଟାପଡା ବ୍ଲକ ରାସ୍ତା ଓ ପୂର୍ତ୍ତ ବିଭାଗ ର ଅଡ଼ସପୁର ସିଠାଲୋ ବଛ ସାଇଲୋ ରାସ୍ତାର ୨. ୧୮ କିମି ତଣ୍ଡୀକଣା ନିକଟସ୍ଥ ଲାଗିଥିବା ଦୁର୍ଘଟଣା ପ୍ରତିରୋଧକ ବାଡ଼ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ତଳେ ପଡିଛି। ଏହା ଭାଙ୍ଗିଯିବା ଯୋଗୁଁ ଅନେକ ସମୟରେ ବହୁତ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେବାର ଆଶଙ୍କା ଦେଖା ଯାଇଛି । ମୌସୁମୀ ଋତୁ ଚାଲିଥିବା ଯୋଗୁଁ ନଦୀ ଗର୍ଭ ଫୁଲି ଉଠିଛି ବିନା' ଦୁର୍ଘଟଣା ପ୍ରତିରୋଧକ ବାଡ଼'ନଦୀ ଗର୍ଭରେ ପଡି ବ୍ୟାପକ ଧନ ଜୀବନ ହାନି ହେବାର ଆଶଙ୍କା ଦେଖା ଯାଇଛି। ଏ ସମ୍ବନ୍ଧରେ ବ୍ରାହ୍ମଣବାଟି ସରପଞ୍ଚ ତଥା କଣ୍ଟାପଡା ବ୍ଲକ ସରପଞ୍ଚ ସଙ୍ଘ ସଭାପତି କଟକ ପୂର୍ତ୍ତବିଭାଗ ଡିଭିଜନ ର ଅଧିକ୍ଷଣ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ପତି ଓ ଗୋପାଳପୁର ସବ୍‌ଡିଭିଜନ ବାଲିକୁଦାର ନିର୍ବାହୀ ଯନ୍ତ୍ରୀ ମନୋଜ ମିଞ୍ଜ କୁ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ। ଶ୍ରୀ ରାଉତରାୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ



ପ୍ରକୋଷ୍ଠ ରେ ଅନଲାଇନ ଯୋଗେ ଅଭିଯୋଗ କରିଛନ୍ତି। ଯଦି କୌଣସି ସମାଧାନ ନ ହୁଏ ତେବେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜଧାନୀ ଭୁବନେଶ୍ୱର କଟକ ଓ ଜଗତସିଂହପୁରକୁ ସଂଯୋଗ କରୁଥିବା ଏହା ଏକମାତ୍ର ରାସ୍ତା ହୋଇଥିବା ଯୋଗୁଁ ପ୍ରତ୍ୟହ ହଜାର ହଜାର ଲୋକ ଓ ଗାଡି ଯିବା ଆସିବା କରିଥାଏ ଏହାର ଯଥା ଶୀଘ୍ର ମରାମତି କରିବା ପାଇଁ ସର୍ବ ସାଧାରଣରେ ଦାବି ହୋଇଛି।

## ଆପୋଲୋ ହସ୍ପିଟାଲ୍ସ ଟୋଟାଲ ଆଣ୍ଠୁ ଓ ଟୋଟାଲ ହିପ୍ ରିପ୍ଲେସମେଣ୍ଟରେ ଆଗୁଆ

ରାଉରକେଲା,୭।୭(ନି.ପ୍ର): ଆଣ୍ଠୁ ଏବଂ ନିତମ୍ବ ଅର୍ଥାତ୍ ଟୋଟାଲ ନିଇ ଏବଂ ଟୋଟାଲ ହିପ୍ ରିପ୍ଲସମେଣ୍ଟ କ୍ଷେତ୍ରରେ, ରାଉରକେଲା ଆପୋଲୋ ହସ୍ପିଟାଲ୍ସ ଦୁଇ ପାଦ ଆଗକୁ ବଢିଛି ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଆପୋଲୋ ହସ୍ପିଟାଲ୍ସର ଅର୍ଥୋପେଡିକ୍



ସର୍ଜନ୍ ଡାକ୍ତର ଅଭିନାଶ ଚୌଧୁରୀଙ୍କ ଦ୍ୱାରା ଆଡଭାନ୍ସଡ୍ ଟୋଟାଲ ନିଇ ରିପ୍ଲେସମେଣ୍ଟ ଏବଂ ଟୋଟାଲ ହିପ୍ ରିପ୍ଲେସମେଣ୍ଟ ରାଉରକେଲା ଆପୋଲୋ ହସ୍ପିଟାଲ୍ସରେ ୨୦୨୬ ମାର୍ଚ୍ଚରୁ ୨୦୨୬ ଜୁଲାଇ ୫ ପର୍ଯ୍ୟନ୍ତ ମୋଟ ୧୨ଟି ସର୍ଜରୀ କରାଯାଇଥିଲା ବେଳେ ସେଥିମଧ୍ୟରୁ ଟୋଟାଲ ନିଇ (ଆଣ୍ଠୁ) ୮ଟି ଏବଂ ଟୋଟାଲ ହିପ୍ (ନିତମ୍ବ) ୪ଟି ହୋଇଥିଲା ବେଳେ, ସେଥିରେ ପୂର୍ଣ୍ଣ ସଫଳତା ମିଳିଛି ବୋଲି ସୂଚନା ଦେଇଥିଲେ ଡାକ୍ତର ଅବିନାଶ କୁମାର ଚୌଧୁରୀ। ଏହି କାର୍ଯ୍ୟକ୍ରମ ପଶ୍ଚିମ ଓଡ଼ିଶା ଏବଂ ନିକଟବର୍ତ୍ତୀ ରାଜ୍ୟଗୁଡ଼ିକରେ ବିଶ୍ୱସ୍ତରୀୟ ଅର୍ଥୋପେଡିକ୍ ଯତ୍ନ ଏବଂ ଉନ୍ନତ ଗଣ୍ଠି ପ୍ରତିସ୍ଥାପନ ସେବା ଆଣିବା ପାଇଁ ରାଉରକେଲା ଆପୋଲୋ ହସ୍ପିଟାଲ୍ସ ନିଜର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିବ। ଡକ୍ଟର ଅଭିନାଶ ଚୌଧୁରୀ ଜଟିଳ ପ୍ରକ୍ରିୟା, ରୋଗୀ ଫଳାଫଳ, ସଦ୍ୟତମ ଶଲ୍ୟଚିକିତ୍ସା ଉନ୍ନତି ଏବଂ ଏହି ଅଞ୍ଚଳରେ ଉଚ୍ଚମାନର ଅର୍ଥୋପେଡିକ୍ ଚିକିତ୍ସାର ବର୍ଦ୍ଧିତ ଉପଲବ୍ଧତା ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ, ଅନ୍ୟାନ୍ୟ ହସ୍ପିଟାଲରେ ନିଇ ଓ ହିପ୍ ରିପ୍ଲେସମେଣ୍ଟ ପାଇଁ ଧାତବ ପଦାର୍ଥ ବ୍ୟବହାର ହେଉଥିବା ବେଳେ ଆପୋଲୋ ହସ୍ପିଟାଲ୍ସରେ ଟୋଟାଲ ନିଇ ଏବଂ ହିପ୍ ରିପ୍ଲେସମେଣ୍ଟ ପାଇଁ ସେରାମିକ୍ ବ୍ୟବହାର କରାଯାଉଛି। ଏହାର ଖର୍ଚ୍ଚ ୧.୪୫ ଲକ୍ଷରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେଉଛି। ଗରୀବ ଲୋକଙ୍କ ପାଇଁ ଆୟୁଷ୍ମାନ କାର୍ଡରେ ଏହା ମଧ୍ୟ କରାଯାଇପାରୁଛି। ଟୋଟାଲ ନିଇ ଏବଂ ଟୋଟାଲ ହିପ୍ ରିପ୍ଲେସମେଣ୍ଟରେ ରୋଗୀ ଦୁଇ ଦିନରେ ଚାଲିପାରୁଛି। ରାଉରକେଲା ଆପୋଲୋ ହସ୍ପିଟାଲ୍ସରେ ଯେଉଁ ୧୨ଟି ଟୋଟାଲ ନିଇ ଓ ଟୋଟାଲ ହିପ୍ ରିପ୍ଲେସମେଣ୍ଟ କରାଯାଇଛି, ସେଥିମଧ୍ୟରୁ ଜଣଙ୍କର ବୟସ ୬୫ ବର୍ଷ ଥିଲା ବେଳେ ଆଉ ଜଣଙ୍କର ବୟସ ୭୫ ବର୍ଷ ଥିଲାଛ ଅସ୍ତ୍ରୋପଚାର ପରେ ସେମାନେ ଆଜି ସୁସ୍ଥ ହୋଇ ଚାଲିପାରୁଛନ୍ତି।

## ପାହାଡ଼ ଗୁମ୍ଫାରୁ ୧୭୫ କିଲୋ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୭।୭(ନି.ପ୍ର): ଗଜପତି ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଆଇନ ଶୃଙ୍ଖଳା ଓ ସାଧାରଣଙ୍କ ସୁରକ୍ଷା ପାଇଁ ସମଗ୍ର ଜିଲ୍ଲାରେ ଗଞ୍ଜେଇ ଚାଷ ଓ ଚୋରାଚାଲାଣ ରୋକିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଏହି ଅବସରରେ ଗତକାଲି ଅଡ଼ବା ପୁଲିସ ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ବଚମା ଓ ଭାଲିଆଗୁଡ଼ା ଗ୍ରାମ ମଧ୍ୟବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ଥିବା ଦୁର୍ଗମ ପାହାଡ଼ ପଥର ଗୁମ୍ଫାକୁ ଚଢ଼ଉ କରି ୭ ଗୋଟି ବସ୍ତାରେ ରଖାଯାଇଥିବା ୧୭୫ କିଲୋ ଗଞ୍ଜେଇ ଜବତ କରିଥିଲେ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯାଇଥିବାବେଳେ ଏହାର ଓଜନ ୧୭୫ କିଲୋ ହୋଇଥିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି। ଏହି ଗଞ୍ଜେଇକୁ ବାହାର ରାଜ୍ୟକୁ ଚୋରା ଚାଲାଣ କରିବା ଉଦ୍ଦେଶ୍ୟରେ ପାହାଡ଼ ଶିଖରରେ ଗଚ୍ଛିତ ରଖାଯାଇଥିଲା। ଏନେଇ ଅଡ଼ବା ଥାନାରେ ଏକ ମାମଲା ରୁଜୁ କରାଯାଇ ଏଥିରେ ସମ୍ପୃକ୍ତ ମାଫିଆ ଓ ସହଯୋଗୀଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଥିବା ମଧ୍ୟ ସୂଚନା ମିଳିଛି।

## ତାଲୁକ ଆଇନ ସେବା ସମିତିର ବନ ମହୋତ୍ସବ

ଚିଲିକା,୭।୭(ନି.ପ୍ର): ସୋମବାର ଦିନ ଖୋର୍ଦ୍ଧା ଜିଲ୍ଲା ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଉକ୍ତ କାର୍ଯ୍ୟକ୍ରମ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର ଅଦାଲତର ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଣପୁର ଜେଏମଏଫସି ଇପ୍ସିତା ପ୍ରିୟା ଏକ୍କା ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଭିନ୍ନ ପ୍ରକାରର ଔଷଧୀୟ ତଥା ଉପକାରୀ ଚାରା ଗୁଡିକ ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ପରିଶେଷରେ ଚାରାଗୁଡିକୁ ପୂଜନ ମଧ୍ୟ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର, ବାଣପୁର ଓକିଲ ସଂଘ ସଭାପତି ଜଗନ୍ନାଥ ଭୋଳ, ବିଦ୍ୟାଳୟର ଆଚାର୍ଯ୍ୟ, ଆଚାର୍ଯ୍ୟା, କର୍ମଚାରୀ, ବନ ବିଭାଗ ଅଧିକାରୀ ଏବଂ କୋର୍ଟ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସମ୍ପ୍ରତି ପରିସ୍ଥିତିରେ ବୃକ୍ଷରୋପଣ ଅପରିହାର୍ଯ୍ୟ ହୋଇପଡିଥିବା ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ଦିନକୁଦିନ ପରିବେଶ ଭାରସାମ୍ୟ ସନ୍ତୁଳନ ହରାଉଥିବା ବେଳେ ତାପମାତ୍ରାରେ ପରିବର୍ତ୍ତନ ଘଟୁଛି। ତେଣୁ ଏହାର ଏକମାତ୍ର ବିକଳ୍ପ ହେଉଛି ବୃକ୍ଷରୋପଣ ଏବଂ ଆମ ଭବିଷ୍ୟତ ପିଢ଼ି ମଧ୍ୟ ବୃକ୍ଷରୋପଣ ପ୍ରତି ଯତ୍ନବାନ ହେବା ଦରକାର ବୋଲି ବିଚାରପତି ଶ୍ରୀ ମହାପାତ୍ର କହିଥିଲେ।

# ଗୋଡ଼ିପୋଖରୀ ନିକଟରେ ମଦ ଦୋକାନ ଖୋଲିବା ନେଇ ଜୋରଦାର ବିରୋଧ



ଖୋର୍ଦ୍ଧା,୭।୭(ନି.ପ୍ର): ଖୋର୍ଦ୍ଧା ସହରର ଗୋଡ଼ିପୋଖରୀ ମୁଖ୍ୟ ରାସ୍ତା ନିକଟରେ ପ୍ରସ୍ତାବିତ ମଦ ଦୋକାନ ସ୍ଥାପନକୁ ନେଇ ତୀବ୍ର ବିବାଦ ଦେଖାଦେଇଛି। ଜନବସତିପୂର୍ଣ୍ଣ ଏହି ଅଞ୍ଚଳରେ ବାସଗୃହ, ଦୁଇଟି ମନ୍ଦିର, ବ୍ୟାଙ୍କ, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଶିକ୍ଷାନୁଷ୍ଠାନକୁ ସଂଯୋଗ କରୁଥିବା ବ୍ୟସ୍ତ ରାସ୍ତା ନିକଟରେ ମଦ ଦୋକାନ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଥିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦବେଗ ଓ ଅସନ୍ତୋଷ ବଢ଼ିଛି। ଏହି ପ୍ରସ୍ତାବକୁ ତୁରନ୍ତ ବାତିଲ କରିବା ସହ ସ୍ଥାନୀୟ ମତାମତକୁ ଗୁରୁତ୍ୱ ଦେଇ ପୁନଃବିଚାର କରିବାକୁ ଦାବି କରି ଜିଲ୍ଲାପାଳଙ୍କ ନିକଟରେ ଏକ ବିସ୍ତୃତ ଦାବିପତ୍ର ଦାଖଲ କରାଯାଇଛି।

ଦାବିପତ୍ରରେ କୁହାଯାଇଛି ଯେ, ପ୍ରସ୍ତାବିତ ସ୍ଥାନଟି ଏକ ଘନ ଜନବସତିପୂର୍ଣ୍ଣ ଅଞ୍ଚଳ। ପ୍ରତିଦିନ ଶହ ଶହ ମହିଳା, ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ସାଧାରଣ ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ ଅନେକ ଭକ୍ତ ନିକଟସ୍ଥ ମହାଦେବ ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ଏପରି ସ୍ଥାନରେ ମଦ ଦୋକାନ ଖୋଲାଗଲେ ମଦ୍ୟପଙ୍କ ଅବାଧ ଆସଯିବା, ଅଶୋଭନୀୟ ଆଚରଣ, ଝଗଡ଼ା ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏହା ଫଳରେ ମହିଳାଙ୍କ ସୁରକ୍ଷା, ଛାତ୍ରଛାତ୍ରୀଙ୍କ ଶିକ୍ଷାନୁକୂଳ ପରିବେଶ ଏବଂ ସାଧାରଣ ଜନଜୀବନ ବ୍ୟାହତ ହେବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଦାବିପତ୍ରରେ ଆହୁରି ଦର୍ଶାଯାଇଛି ଯେ, ନିକଟରେ ଥିବା ଦୁଇଟି ମନ୍ଦିର କେବଳ ଧାର୍ମିକ ଆସ୍ଥାର କେନ୍ଦ୍ର ନୁହେଁ, ବରଂ ଏହା ସ୍ଥାନୀୟ ସାମାଜିକ ଓ ସାଂସ୍କୃତିକ ଜୀବନର ମଧ୍ୟ ଅନ୍ୟତମ କେନ୍ଦ୍ରବିନ୍ଦୁ। ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ଏଠାକୁ ଆସୁଥିବାବେଳେ ବର୍ଷସାରା ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ତେଣୁ ମନ୍ଦିର ନିକଟରେ ମଦ ଦୋକାନ ସ୍ଥାପନ ସ୍ଥାନୀୟ ଲୋକଙ୍କ ଧାର୍ମିକ ଭାବାବେଗକୁ ଆଘାତ ଦେବା ସହ ସାମାଜିକ ଅସନ୍ତୋଷର କାରଣ ହୋଇପାରେ ବୋଲି ଦାବି କରାଯାଇଛି। ଅଭିଯୋଗକାରୀ ସରକାରଙ୍କ ନିଶାମୁକ୍ତ ସମାଜ ଗଠନ, ମହିଳା ସଶକ୍ତିକରଣ ଏବଂ ଯୁବପିଢ଼ିଙ୍କ ସୁରକ୍ଷା ଭଳି ନୀତିଗତ ପଦକ୍ଷେପର ଉଲ୍ଲେଖ କରି କହିଛନ୍ତି ଯେ, ଏଭଳି ଜନବସତି ଓ ଧାର୍ମିକ ସ୍ଥାନ ନିକଟରେ ମଦ ଦୋକାନ ଖୋଲିବା ସରକାରଙ୍କ ଜନକଲ୍ୟାଣମୂଳକ ନୀତି ସହ ସଙ୍ଗତିପୂର୍ଣ୍ଣ ନୁହେଁ। ତେଣୁ ପ୍ରସ୍ତାବିତ ଅନୁମତିକୁ ତୁରନ୍ତ ବାତିଲ କରିବା ସହ ପ୍ରଶାସନ ପକ୍ଷରୁ ସ୍ଥଳ ପରିଦର୍ଶନ, ତଦନ୍ତ ଏବଂ ସ୍ଥାନୀୟ ଲୋକଙ୍କ ମତାମତ ସଂଗ୍ରହ କରି ଜନସ୍ୱାର୍ଥ ଅନୁଯାୟୀ ନିଷ୍ପତ୍ତି ନେବାକୁ ସେମାନେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଦାବିପତ୍ରରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଏହାପୂର୍ବରୁ ଖୋର୍ଦ୍ଧା ପୌରପରିଷଦର ୨୦ ନମ୍ବର ୱାର୍ଡ ତଳସାହି ଅଞ୍ଚଳରେ ମଦ ଦୋକାନ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିବା ବେଳେ ମଧ୍ୟ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେଛ ବର୍ତ୍ତମାନ ଗୋଡ଼ିପୋଖରୀ ମୁଖ୍ୟରାସ୍ତା ରେ ପୁଣି ଏଭଳି ପ୍ରସ୍ତାବକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ତୀବ୍ର ହୋଇଥିବାବେଳେ ପ୍ରଶାସନ ଏହା ଉପରେ କିପରି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# କୁହୁଡ଼ିର ଚାଦର ତଳେ କଳିଙ୍ଗା ଘାଟି, ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୋହିତ ପର୍ଯ୍ୟଟକ



ଜି.ଉଦୟଗିରି,୭।୭(ନି.ପ୍ର): ବର୍ଷାର ପ୍ରଥମ ସ୍ପର୍ଶରେ ସବୁଜ ଜଙ୍ଗଲ ପାହାଡ଼ ଉପରେ ବିଛାଇ ହୋଇ ଯାଇଛି କୁହୁଡ଼ିର ଧଳା ଚାଦର । ଶୀତଳ ପବନର ମୃଦୁ ସ୍ପର୍ଶ, ଘଞ୍ଚ ଜଙ୍ଗଲର ନିରବତା ମଧ୍ୟରେ ପାହାଡ଼ ଉପରେ ଭାସମାନ ମେଘର ଅପୂର୍ବ ଦୃଶ୍ୟ। ସେହିଭଳି କନ୍ଧମାଳ ଜିଲ୍ଲାର କଳିଙ୍ଗା ଘାଟିକୁ ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିଛି । କଳିଙ୍ଗା ଘାଟିର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପ୍ରତିଦିନ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିଚାଲିଛି । ବିଭିନ୍ନ ଜିଲ୍ଲା ସହ ପଡ଼ୋଶୀ ରାଜ୍ୟରୁ ଶତାଧିକ ପର୍ଯ୍ୟଟକ କଳିଙ୍ଗା ଘାଟିର ମନୋରମ ଦୃଶ୍ୟ ଉପଭୋଗ କରିବା ସହ ତାର ପରିବେଶ ମଧ୍ୟରେ କିଛି ମୁହୂର୍ତ୍ତ ମନଭରି ବିତେଇବା ପାଇଁ ଛୁଟି ଆସନ୍ତି । କୁହୁଡ଼ିରେ ଢାଙ୍କି ହୋଇଥିବା ପାହାଡ଼ର ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକ ନିଜ ନିଜ କ୍ୟାମେରାରେ କଏଦ କରୁଥିବା ଦେଖିବାକୁ ମିଳିଛି ଝଔ ସକାଳର ସୂର୍ଯ୍ୟକିରଣ କୁହୁଡ଼ିକୁ ଭେଦି ପାହାଡ଼ ଉପରେ ପଡୁଥିବା ଦୃଶ୍ୟ ଏବଂ ସନ୍ଧ୍ୟାର ସେହି ଶୀତଳ ପରିବେଶ ପର୍ଯ୍ୟଟକଙ୍କ ମନରେ ଚିର ସ୍ମୃତି ହୋଇ ରହି ଯାଉଥିବା ପ୍ରକାଶ କରିଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟ ସଙ୍ଗେ ସଙ୍ଗେ କଳିଙ୍ଗା ଘାଟି ଏବେ। ଧୀରେ ଧୀରେ ଓଡ଼ିଶାର ଏକ ପ୍ରମୁଖ ପାହାଡ଼ିଆ ପର୍ଯ୍ୟଟନ ସ୍ଥଳୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଯଦି ସରକାରଙ୍କ ପକ୍ଷରୁ କଳିଙ୍ଗାରେ ଆଧୁନିକ ହିଲ ଭ୍ୟୁ-ପଏଣ୍ଟ, ଯାତ୍ରୀଙ୍କ ପାଇଁ ବିଶ୍ରାମା ଗାର, ସ୍ୱଚ୍ଛ ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାର୍କିଂସ୍ଥଳ, ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା, ପରିଷ୍କାର-ପରିଚ୍ଛନ୍ନତା, ବ୍ୟାପକ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱ ଦିଆଯାଏ ତେବେ କଳିଙ୍ଗା ଘାଟି ଭବିଷ୍ୟତରେ ଦେଶର ଅନ୍ୟତମ ପାହାଡ଼ିଆ ପର୍ଯ୍ୟଟନ ସ୍ଥଳ ଭାବେ ସ୍ୱତନ୍ତ୍ର ପରିଚୟ ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

# ମନ୍ଦିର ନିର୍ମାଣରେ ବାଧା, ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୭।୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଥାନା ଅଧିନ ଦଶିପୁର ଗ୍ରାମର ବିବେକାନନ୍ଦ ଦାଶ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ଦଶିପୁର ଗ୍ରାମରେ ଥିବା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ବିଜେସ୍ଥଳୀରେ ମନ୍ଦିର ନିର୍ମାଣ ନିମନ୍ତେ ଆଳି ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ଅମିନଙ୍କ ଦ୍ୱାରା ସମସ୍ତ ପକ୍ଷଙ୍କ ଉପସ୍ଥିତିରେ ଦଶିପୁର ମୌଜାର ଖାତା ନଂ- ୫୦୭, ପ୍ଲଟ ନମ୍ବର- ୧୨୧୨ ଓ ଏରିଆ ଏ୦.୦୭୧ ଡିସିମିଲ ଜମିର ମାପକରାଯାଇ ଗତ ଜୁନମାସ ୧୧ତାରିଖରେ ଚର୍ତୁପାର୍ଶ୍ୱରେ ବାଉଁଶ ଖିଲ ଚିହ୍ନ ଦିଆଯାଇଥିଲା। ଏହି ମାପରେ କୌଣସି ପକ୍ଷଙ୍କ ଆପତି କିମ୍ବା ଅଭିଯୋଗ ନଥିଲା। କିନ୍ତୁ ସେହି ଦିନ ସନ୍ଧ୍ୟାରେ ଗ୍ରାମର ଶାନ୍ତନୁ ଦାଶ ଓ ତାଙ୍କ ପତ୍ନୀ ପ୍ରିୟଦର୍ଶିନୀ ଦାଶ ମନ୍ଦିର କରାଇନଦେବା ଉଦ୍ଦେଶ୍ୟରେ ଜୋରଜବରଦସ୍ତି ଠାକୁରଙ୍କ ଜମି ମାପକରି ତହସିଲ ଅମିନଙ୍କ ଦ୍ୱାରା ଦିଆଯାଇଥିବା ବାଉଁଶ ଖିଲ ଚିହ୍ନକୁ ଉପାଡି ଦେଇଥିଲେ। ଏ ସମ୍ପର୍କରେ ବିବେକାନନ୍ଦ ଗତ ଜୁନମାସ ୧୨ତାରିଖରେ ରାଜକନିକା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପରେ ଥାନାରୁ ଏଏସଆଇ ସିଂ ବାବୁ ଘଟଣା ସ୍ଥଳକୁ ଯାଇ ସରଜମିନ ତଦନ୍ତ କରି ଫେରି ଆସିଥିଲେ। ବାଉଁଶ ଖିଲ ଉପାଡିଥିବା ଉଭୟ ଶାନ୍ତନୁ ଓ ତାଙ୍କ ପତ୍ନୀ ପ୍ରିୟଦର୍ଶିନୀ ପୋଲିସ ଆଗରେ ସ୍ୱୀକାର କରିଥିଲେ । କିନ୍ତୁ ଥାନା ପକ୍ଷରୁ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଫଳରେ ଗତ ଜୁନମାସ ୨୩ତାରିଖରେ ବିବେକାନନ୍ଦ ମଜୁରିଆ ଲଗାଇ ନିର୍ମାଣାଧିନ ମନ୍ଦିର ଭିତରେ ବାଲି ପୁରାଉଥିବା ବେଳେ ପ୍ରିୟଦର୍ଶିନୀ ଆସି ତାଙ୍କୁ ଗାଳିଗୁଲଜ କରିଥିବା ବେଳେ ଶାନ୍ତନୁ ଓ ତାଙ୍କ ପୁଅ ସେଠାରେ ପହଞ୍ଚି ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କ ନାମରେ ମିଛ କେଶ କରିବାକୁ ଧମକ ଦେଇଥିଲେ। ଏସମ୍ପର୍କରେ ବିବେକାନନ୍ଦ ରାଜକନିକା ଥାନାକୁ ଯାଇ ସେହିଦିନ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ ଅଭିଯୋଗ ଉପରେ ରାଜକନିକା ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ପରଦିନ ବିବେକାନନ୍ଦଙ୍କ ନାମରେ ଅପରପକ୍ଷଙ୍କ ମିଛ ଅଭିଯୋଗ ଉପରେ ମିଥ୍ୟା ମକଦ୍ଦମା କରାଯାଇଥିବା ନେଇ ଥାନା ପକ୍ଷରୁ ତାଙ୍କୁ ସୂଚନା ଦିଆଯାଇଥିଲା। ଚଳିତମାସ ୫ତାରିଖରେ ରାଜକନିକା ଥାନାଧିକାରୀ ତାଙ୍କ ଗ୍ରାମ ଦଶିପୁରକୁ ଯାଇଥିଲେ ମଧ ଏସମ୍ପର୍କରେ ପ୍ରିୟଦର୍ଶିନୀ କିମ୍ବା ତାଙ୍କ ସ୍ୱାମୀ ଶାନ୍ତନୁଙ୍କୁ କିଛିବି ପଚରାଉଚରା କଲେନାହିଁ। ସରକାରୀ ଅମିନଙ୍କ ଦ୍ୱାରା ମାପ କରାଯାଇ ଦିଆଯାଇଥିବା ଚିହ୍ନକୁ ଉପାଡି ଦେଇ ସରକାରୀ ନିୟମକୁ ଉଲ୍ଲଙ୍ଘନ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଓ ବିବେକାନନ୍ଦଙ୍କ ନାମରେ ଥାନା ପକ୍ଷରୁ ଅପରପକ୍ଷଙ୍କ ମିଥ୍ୟା ଅଭିଯୋଗ ଉପରେ କୌଣସି ତଦନ୍ତ କରାନଯାଇ ମିଥ୍ୟା ମାମଲା ରୁଜୁ କରାଯିବା ଘଟଣାର ବିଧିବଦ୍ଧ ତଦନ୍ତ କରାଯିବାକୁ ବିବେକାନନ୍ଦ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜକନିକା ଥାନାକୁ ଏନେଇ ସେ କେତେଥର ଯାଇଛନ୍ତି ତାହା ସି.ସି. ଟିଭି ଫୁଟେଜ୍‌କୁ ଚେକ କଲେ ଜଣାପଡିବ। ଏଠାରେ ସୂଚନା ଯୋଗ୍ୟ ଯେ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ରାଜକନିକା ଥାନାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ମାଡମାରି ଲହୁଲୁହାଣ କରିବା ଓ ମହିଳାଙ୍କୁ ରାସ୍ତା ଉପରେ ଲୁଗାଖୋଲି ବେଇଜ୍ଜତ କରିବା ଭଳି ସଂଗୀନ ଅଭିଯୋଗ ଥାନା କେଶ ନଂ-୨୪୪/୨୦୨୨ ଓ ୩୧୦/୨୦୨୪ରେ ରହିଅଛି।

## ୨.୯୫ କୋଟି ମୂଲ୍ୟର ଅଡିଟୋରିୟମ ସ୍ମାର୍ଟ ଲାଇବ୍ରେରୀର ଭିତ୍ତିପ୍ରସ୍ତର ସ୍ଥାପନ



ଜି.ଉଦୟଗିରି, ୭।୭ (ନି.ପ୍ର): ମାନ୍ୟବର ନଗର ଓ ଗୃହ ନିର୍ମାଣ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଜି.ଉଦୟଗିରି ପାଇଁ ନୂତନ ଭାବେ ୨.୯୫ କୋଟି ମୂଲ୍ୟର ଅଡିଟୋରିୟମ ତଥା ସ୍ମାର୍ଟ ଲାଇବ୍ରେରୀର ଭିତ୍ତି ପ୍ରସ୍ଥର ସ୍ଥାପନ କରାଯାଇଥିଲା । ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥିଙ୍କ ଦ୍ୱାରା ପୁରୁଣା ଟାଉନହଲ ଠାରେ ହେବାକୁ ଥିବା ଏହି ପ୍ରକଳ୍ପର ଭିତ୍ତିପ୍ରସ୍ଥର ଫଳକ ସ୍ଥାପନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ,କାଉନସିଲର ଯାକେଶ ପ୍ରଧାନ, ଦୀପକ ନାୟକ, ନନ୍ଦିତା ପ୍ରଧାନ, ସିଧେଶ୍ୱରୀ ନାୟକ, କୁନ୍ତିମା ମଲ୍ଲିକ,ମୋନାଲିସା ଦଳବେହେରା, ଲକ୍ଷ୍ମୀପ୍ରିୟା ପରିଛା, ସଂଗୀତା ନାୟକ, ନିଶାରାଣୀ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ପରିଷଦ ବୃନ୍ଦ, ସହକାରୀ ଯନ୍ତ୍ରୀ ଓ ସମସ୍ତ କର୍ମ ଚାରୀ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ସହରବାସୀଙ୍କ ବହୁ ଦିନର ଦାବୀ ରହିଥିଲା ଏବଂ ଉକ୍ତ ପ୍ରକଳ୍ପ ଦ୍ୱାରା ସହର ବାସୀ ଉନ୍ନତ ମାନର ସହରୀ ସୁବିଧା ପାଇପାରିବେ ।

## ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳିତ



ବାଲେଶ୍ୱର, ୭।୭ (ନି.ପ୍ର): ପରିବେଶ ସୁରକ୍ଷା ଏବଂ ଜିଲ୍ଲାର ସବୁଜିମା ବୃଦ୍ଧି ଲକ୍ଷ୍ୟରେ ଆଜି ବାଲେଶ୍ୱର ଜିଲ୍ଲା ବନ ବିଭାଗ ପକ୍ଷରୁ ସଦର ବ୍ଲକ୍ ଗୁଡୁ ପଞ୍ଚାୟତର ଶେଖପାଟଣା ଠାରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ - ୨୦୨୬ ମହାସମାରୋହ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକର, ଉପ-ଜିଲ୍ଲାପାଳ ଶିବ ମାଲବ୍ୟ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଦେବବ୍ରତ ସ୍ୱାଇଁ, ସହକାରୀ ବନ ସଂରକ୍ଷକ କଟିନି ସେଠି, ସରପଞ୍ଚ କମଳିନୀ ପାତ୍ର ଏବଂ ବନାଞ୍ଚଳ ଅଧିକାରୀ ମାନ୍ଥାର ଖାଁ ପ୍ରମୁଖ ଯୋଗଦେଇ ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅତିଥିମାନେ କହିଲେ, ଆଗାମୀ ପିଢ଼ିକୁ ପ୍ରଦୂଷଣମୁକ୍ତ ପରିବେଶ ଦେବା ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ରାସ୍ତାଛ ପ୍ରତ୍ୟେକ ନାଗରିକ ଅତି କମରେ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବା ଆବଶ୍ୟକ । କାର୍ଯ୍ୟକ୍ରମରେ ଅତିଥି, ବନ ବିଭାଗ ଅଧିକାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା ଶେଖପାଟଣା ପରିସରରେ ପ୍ରାୟ ୨୦୦ଟି ମୂଲ୍ୟବାନ ବୃକ୍ଷ ଚାରା ରୋପଣ କରାଯାଇଥିଲା । ବନ ବିଭାଗ ପକ୍ଷରୁ ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ଏହି ସ୍ଥାନରେ ମୋଟ ୫୦୦୦ ଚାରା ରୋପଣ କରିବା ପାଇଁ ବିଶେଷ ଯୋଜନା କରାଯାଇଛି । ଜିଲ୍ଲା ବନ ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବିଭାଗର ସମସ୍ତ କର୍ମଚାରୀଙ୍କ ସହ ବହୁ ସଂଖ୍ୟାରେ ଗ୍ରାମବାସୀ ସାମିଲ ହୋଇ ସବୁଜ ଓ ସୁନ୍ଦର ପରିବେଶ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ ।

## ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଚତୁର୍ଥ ଟନେଲ୍‌ରେ ସୁରକ୍ଷାକୁ ନେଇ ପ୍ରଶ୍ନ



ହରଭଙ୍ଗା, ୭।୭ (ନି.ପ୍ର): ବହୁ ପ୍ରତିକ୍ଷୀତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ହରଭଙ୍ଗା ବ୍ଲକ ଅନ୍ତର୍ଗତ ଆଡେନିଗଡ଼ ଗ୍ରାମ ପଞ୍ଚାୟତ ନିକଟରେ ଚାଲିଥିବା ଚତୁର୍ଥ ଟନେଲ୍ ଯାହାକି ଓଡ଼ିଶାର ବୃହତମ ଟନେଲର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁଥିବା ବେଳେ ଠିକା ସଂସ୍ଥା ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇନଥିବା ଅଭିଯୋଗ ଉଠିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ନିର୍ମାଣ ସ୍ଥଳରେ ପର୍ଯ୍ୟାପ୍ତ ସୁରକ୍ଷା ବାଡ଼, ସତର୍କ ସୂଚନା ଫଳକ ଏବଂ ବିପଦପୂର୍ଣ୍ଣ ସ୍ଥାନ ଚିହ୍ନଟ ବ୍ୟବସ୍ଥା ନଥିବାରୁ ଜନଜୀବନ, ଗୃହପାଳିତ ପଶୁ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ଗୁରୁତର ପ୍ରଶ୍ନ ଉଠିଛି । ଗତ କିଛି ଦିନ ହେବଲଘୁଚାପ ଜନିତ ଲଗାଣ ବର୍ଷା ହେବା ଫଳରେ ଟନେଲ୍ ଭିତରେ ପାଣି ପ୍ରବେଶ କରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରବଳ ବର୍ଷାରେ ଟନେଲ୍ ଭିତରେ ମାଟି ଅତଡ଼ା ଖସି ପଡ଼ି ଟନେଲ୍ ଭିତର ଅଂଶ ପୋତି ହୋଇଯାଇଥିବା ଜଣାପଡ଼ିଛି । ଏହି ଘଟଣା ପରେ ନିର୍ମାଣ କାର୍ଯ୍ୟର ସୁରକ୍ଷା ମାନକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି । ଅନ୍ୟପଟେ ଟନେଲ୍ ଉପର ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ ଲାଇନର ଖମ୍ବ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି । ପ୍ରବଳ ବର୍ଷା ଯୋଗୁଁ ମାଟି ଧୋଇଯିବାରୁ ଏହି ଖମ୍ବଗୁଡ଼ିକର ସ୍ଥାୟୀତ୍ୱକୁ ନେଇ ଆଡ଼େନିଗଡ଼ ଓ ତଳଗାଁ ପଂଚାୟତ ପ୍ରାୟ ୭୦ଗୋଟି ଗ୍ରାମ ପାଇଁ ଚିନ୍ତା ବଢ଼ିଛି । କିନ୍ତୁ ଏହି ଗୁରୁତର ସମସ୍ୟା ପ୍ରତି ଠିକା ସଂସ୍ଥା କିମ୍ବା ସମ୍ପୃକ୍ତ ବିଭାଗ ଆବଶ୍ୟକ ପଦକ୍ଷେପ ନେଉନଥିବା ଅଭିଯୋଗ ରହିଛି । ଅନ୍ୟପକ୍ଷରେ ନିଜ ମା' ମାଟି,ଜଙ୍ଗଲ ଓ ଜଳ ସମ୍ପଦକୁ ଏହି ପ୍ରକଳ୍ପ ପାଇଁ ବ୍ୟବହାର କରାଯାଉଥିଲେ ମଧ ସ୍ଥାନୀୟ ଯୁବକମାନଙ୍କୁ ପ୍ରାଥମିକତା ଭିତ୍ତିରେ ନିଯୁକ୍ତି ଦିଆଯାଉନାହିଁ । ଅଧିକାଂଶ କାମରେ ବାହାର ରାଜ୍ୟର ଶ୍ରମିକଙ୍କୁ ନିୟୋଜିତ କରାଯାଉଥିବାରୁ ସ୍ଥାନୀୟ ଶିକ୍ଷିତ ଦକ୍ଷତା ପ୍ରାପ୍ତ ଯୁବକ, ଯୁବତି କ୍ଷୁବ୍ଧ ହୋଇପଡ଼ିଛନ୍ତି । ଠିକା ସଂସ୍ଥା ନିର୍ମାଣ ସ୍ଥଳରେ ତୁରନ୍ତ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ବାଡ଼, ବିପଦପୂର୍ଣ୍ଣ ସ୍ଥାନରେ ସତର୍କ ସୂଚନା ଫଳକ, ୩୩ କେଭି ବିଦ୍ୟୁତ ଖମ୍ବର ସୁରକ୍ଷା ସୁନିଶ୍ଚିତକୁ କେନ୍ଦ୍ର ସରକାର ଓ ରେଳ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ସହିତ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ସାଧାରଣରେ ହୋଇଛି ।

## ପ୍ରସ୍ତାବିତ ମଦ ଦୋକାନ ଖୋଲିବା ନେଇ ଜୋରଦାର ବିରୋଧ

ଖୋର୍ଦ୍ଧା, ୭।୭ (ନି.ପ୍ର): ଖୋର୍ଦ୍ଧା ସହରର ଗୋଡ଼ିପୋଖରୀ ମୁଖ୍ୟ ରାସ୍ତା ନିକଟରେ ପ୍ରସ୍ତାବିତ ମଦ ଦୋକାନ ସ୍ଥାପନକୁ ନେଇ ତୀବ୍ର ବିବାଦ ଦେଖାଦେଇଛି । ଜନବସତିପୂର୍ଣ୍ଣ ଏହି ଅଞ୍ଚଳରେ ବାସଗୃହ, ଦୁଇଟି ମନ୍ଦିର, ବ୍ୟାଙ୍କ, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଶିକ୍ଷାନୁଷ୍ଠାନକୁ ସଂଯୋଗ କରୁଥିବା ବ୍ୟସ୍ତ ରାସ୍ତା ନିକଟରେ ମଦ ଦୋକାନ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଥିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦବେଗ ଓ ଅସନ୍ତୋଷ ବଢ଼ିଛି । ଏହି ପ୍ରସ୍ତାବକୁ ତୁରନ୍ତ ବାତିଲ କରିବା ସହ ସ୍ଥାନୀୟ ମତାମତକୁ ଗୁରୁତ୍ୱ ଦେଇ ପୁନଃବିଚାର କରିବାକୁ ଦାବି କରି ଜିଲ୍ଲାପାଳଙ୍କ ନିକଟରେ ଏକ ବିସ୍ତୃତ ଦାବିପତ୍ର ଦାଖଲ କରାଯାଇଛି । ଦାବିପତ୍ରରେ କୁହାଯାଇଛି ଯେ, ପ୍ରସ୍ତାବିତ ସ୍ଥାନଟି ଏକ ଘନ ଜନବସତିପୂର୍ଣ୍ଣ ଅଞ୍ଚଳ । ପ୍ରତିଦିନ ଶହ ଶହ ମହିଳା, ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ସାଧାରଣ ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ ଅନେକ ଭକ୍ତ ନିକଟସ୍ଥ ମହାଦେବ ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି । ଏପରି ସ୍ଥାନରେ ମଦ ଦୋକାନ ଖୋଲାଗଲେ ମଦ୍ୟପଙ୍କ ଅବାଧ ଆସଯିବା, ଅଶୋଭନୀୟ ଆଚରଣ, ଝଗଡ଼ା ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହା ଫଳରେ ମହିଳାଙ୍କ ସୁରକ୍ଷା, ଛାତ୍ରଛାତ୍ରୀଙ୍କ ଶିକ୍ଷାନୁକୂଳ ପରିବେଶ ଏବଂ ସାଧାରଣ ଜନଜୀବନ ବ୍ୟାହତ ହେବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଦାବୀପତ୍ରରେ ଆହୁରି ଦର୍ଶାଯାଇଛି ଯେ, ନିକଟରେ ଥିବା ଦୁଇଟି ମନ୍ଦିର କେବଳ ଧାର୍ମିକ ଆସ୍ଥାର କେନ୍ଦ୍ର ନୁହେଁ, ବରଂ ଏହା ସ୍ଥାନୀୟ ସାମାଜିକ ଓ ସାଂସ୍କୃତିକ ଜୀବନର ମଧ୍ୟ ଅନ୍ୟତମ କେନ୍ଦ୍ରବିନ୍ଦୁ । ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ଏଠାକୁ ଆସୁଥିବାବେଳେ ବର୍ଷସାରା ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ତେଣୁ ମନ୍ଦିର ନିକଟରେ ମଦ ଦୋକାନ ସ୍ଥାପନ ସ୍ଥାନୀୟ ଲୋକଙ୍କ ଧାର୍ମିକ ଭାବାବେଗକୁ ଆଘାତ ଦେବା ସହ ସାମାଜିକ ଅସନ୍ତୋଷର କାରଣ ହୋଇପାରେ ବୋଲି ଦାବି କରାଯାଇଛି । ଅଭିଯୋଗକାରୀ ସରକାରଙ୍କ ନିଶାମୁକ୍ତ ସମାଜ ଗଠନ, ମହିଳା ସଶକ୍ତିକରଣ ଏବଂ ଯୁବପିଢ଼ିଙ୍କ ସୁରକ୍ଷା ଭଳି ନୀତିଗତ ପଦକ୍ଷେପର ଉଲ୍ଲେଖ କରି କହିଛନ୍ତି ଯେ, ଏଭଳି ଜନବସତି ଓ ଧାର୍ମିକ ସ୍ଥାନ ନିକଟରେ ମଦ ଦୋକାନ ଖୋଲିବା ସରକାରଙ୍କ ଜନକଲ୍ୟାଣମୂଳକ ନୀତି ସହ ସଙ୍ଗତିପୂର୍ଣ୍ଣ ନୁହେଁ । ତେଣୁ ପ୍ରସ୍ତାବିତ ଅନୁମତିକୁ ତୁରନ୍ତ ବାତିଲ କରିବା ସହ ପ୍ରଶାସନ ପକ୍ଷରୁ ସ୍ଥଳ ପରିଦର୍ଶନ, ତଦନ୍ତ ଏବଂ ସ୍ଥାନୀୟ ଲୋକଙ୍କ ମତାମତ ସଂଗ୍ରହ କରି ଜନସ୍ୱାର୍ଥ ଅନୁଯାୟୀ ନିଷ୍ପତ୍ତି ନେବାକୁ ସେମାନେ ଦାବି କରିଛନ୍ତି । ଏହି ପ୍ରସଙ୍ଗରେ ଦାବିପତ୍ରରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଏହାପୂର୍ବରୁ ଖୋର୍ଦ୍ଧା ପୌରପରିଷଦର ୨୦ ନମ୍ବର୍‌ୱାର୍ଡ ତଳସାହି ଅଞ୍ଚଳରେ ମଦ ଦୋକାନ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିବା ବେଳେ ମଧ୍ୟ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେଛ ବର୍ତ୍ତମାନ ଗୋଡ଼ିପୋଖରୀ ମୁଖ୍ୟରାସ୍ତାରେ ପୁଣି ଏଭଳି ପ୍ରସ୍ତାବକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ତୀବ୍ର ହୋଇଥିବାବେଳେ ପ୍ରଶାସନ ଏହା ଉପରେ କିପରି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ଜିଲ୍ଲା ଜନଗଣନା ହସ୍ତପୁସ୍ତିକା ପ୍ରଶିକ୍ଷଣ




କଳାହାଣ୍ଡି, ୭।୭ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ଜନଗଣନା ହସ୍ତ ପୁସ୍ତିକା ପ୍ରସ୍ତୁତି ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣରେ ଡେପୁଟି କଲେକ୍ଟର ତଥା ଡେପୁଟି ଜିଲ୍ଲା ଜନଗଣନା ଅଧିକାରୀ ଲମ୍ବୋଦର ନାଏକ ଉପସ୍ଥିତ ରହି ପ୍ରଶିକ୍ଷଣର ସୁପରିଚାଳନା କରିଥିଲେ । ଜନଗଣନା ଟ୍ରେନର ପ୍ରଶିକ୍ଷକ ସୌରଭ ତିୱାରୀ ଓ ପମ୍ପୁ ସିଂହ ଡିସିଏଚବି ପ୍ରସ୍ତୁତିର ବିଭିନ୍ନ ବୈଷୟିକ ଓ ପ୍ରାୟୋଗିକ ଦିଗ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣରେ ଜିଲ୍ଲାର ସମସ୍ତ ତହସିଲଦାର-କମ୍-ଚାର୍ଜ ଜନଗଣନା ଅଧିକାରୀ, ଅତିରିକ୍ତ ତହସିଲଦାର-କମ୍-ଅତିରିକ୍ତ ଚାର୍ଜ ଜନଗଣନା ଅଧିକାରୀ, ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ (ଆର୍.ଆଇ.), ଅମିନ, ବୈଷୟିକ ସହାୟକ ଓ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣରେ ଡିସିଏଚବିରେ ସମ୍ମିଳିତ ହେବାକୁ ଥିବା ଜିଲ୍ଲାର ଭୌଗୋଳିକ, ସାମାଜିକ, ଆର୍ଥିକ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଭିତ୍ତିଭୂମି ଓ ଅନ୍ୟାନ୍ୟ ସମ୍ବଳ ସମ୍ପର୍କିତ ତଥ୍ୟର ସଠିକ୍ ସଂଗ୍ରହ, ସଂକଳନ ଓ ଯାଞ୍ଚ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା କରାଯାଇଥିଲା । ବକ୍ତାମାନେ କହିଥିଲେ ଯେ, ଜିଲ୍ଲା ଜନଗଣନା ହସ୍ତପୁସ୍ତିକା କେବଳ ଏକ ପରିସଂଖ୍ୟାନ ପୁସ୍ତକ ନୁହେଁ ଏହା ଜିଲ୍ଲାର ସାମଗ୍ରିକ ବିକାଶର ଏକ ପ୍ରମାଣିକ ଦଳିଲଛ ଏଥିରେ ସଂକଳିତ ତଥ୍ୟ ଆଗାମୀ ଦଶ ବର୍ଷ ପାଇଁ ସରକାରଙ୍କ ଉନ୍ନୟନ ଯୋଜନା ପ୍ରସ୍ତୁତି, ନୀତି ନିର୍ଦ୍ଧାରଣ, ସମ୍ବଳର ସୁଚିନ୍ତିତ ବଣ୍ଟନ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟଣରେ ଗୁରୁତ୍ୱପୂର୍ଣ୍ଣ ସହାୟକ ହେବ । ତେଣୁ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ନିର୍ଭୁଲ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରିବାକୁ ଆହ୍ୱାନ କରାଯାଇଥିଲା ।

## ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ନିର୍ମିତ ରାସ୍ତାର ଗୁଣବତ୍ତାକୁ ନେଇ ପ୍ରଶ୍ନ



ବଣାଇ, ୭।୭ (ନି.ପ୍ର): ସରକାରୀ ଅର୍ଥ ବ୍ୟୟରେ ନିର୍ମିତ ରାସ୍ତା କିଛି ମାସ ନ ଯାଉଣୁ ଭାଙ୍ଗିରୁଜି ଯିବା ଘଟଣା ବଣାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ରାଜ୍ୟ ସରକାରଙ୍କ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ନିର୍ମାଣ ହୋଇଥିବା ଏହି କଂକ୍ରିଟ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ କଂକ୍ରିଟ ଉପୁଡ଼ି ପଡ଼ିଥିବାରୁ କାର୍ଯ୍ୟର ଗୁଣବତ୍ତାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ସୂଚନା ଅନୁଯାୟୀ, ବଣାଇଗଡ଼ ବ୍ଲକ ଅନ୍ତର୍ଗତ ଏକ ଗ୍ରାମ ପଞ୍ଚାୟତର ଠାକୁରମାଠାରୁ ପତ୍ରାପାଲି ପର୍ଯ୍ୟନ୍ତ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା । କିନ୍ତୁ କାର୍ଯ୍ୟ ଶେଷ ହେବାର ଅଳ୍ପ ସମୟ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ଦେଖାଦେବା ସହ କଂକ୍ରିଟ ଖସିବା ଆରମ୍ଭ ହୋଇଯାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେବା ସହ ନିର୍ଦ୍ଧାରିତ ମାନଦଣ୍ଡକୁ ପାଳନ କରାଯାଇନଥିଲା । ଏହାର ପରିଣାମ ସ୍ୱରୂପ ରାସ୍ତାଟି ଅଳ୍ପ ସମୟରେ ହିଁ କ୍ଷତିଗ୍ରସ୍ତ ହୋଇଛି । ସରକାରୀ ଅର୍ଥରେ ନିର୍ମିତ ଏଭଳି ପ୍ରକଳ୍ପର ଦୟନୀୟ ସ୍ଥିତି ପ୍ରଶାସନିକ ତଦାରଖ ଓ କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗ୍ରାମବାସୀମାନେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ନିର୍ମାଣ କାର୍ଯ୍ୟରେ କୌଣସି ଅନିୟମିତତା କିମ୍ବା ଅବହେଳା ପ୍ରମାଣିତ ହେଲେ ସମ୍ପୃକ୍ତ ଠିକାଦାର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ସହ କ୍ଷତିଗ୍ରସ୍ତ ରାସ୍ତାର ପୁନଃନିର୍ମାଣ କରାଯିବାକୁ ଦାବି କରିଛନ୍ତି।

## ଋଷିମାଳ ଡିଗ୍ରୀ ମହାବିଦ୍ୟାଳୟରେ ଚାରା ରୋପଣ

ଦାରିଙ୍ଗବାଡି, ୭।୭ (ନି.ପ୍ର): ୭୭ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବାଲିଗୁଡ଼ା ବନ ଖଣ୍ଡ ଅନ୍ତର୍ଗତ ବ୍ରାହ୍ମଣୀଗାଁ ବନାଞ୍ଚଳ ପକ୍ଷରୁ ବନାଞ୍ଚଳ ଅଧିକାରୀ ହରିହର ବେହେରାଙ୍କ ନେତୃତ୍ୱରେ ଋଷିମାଳ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମା'ଙ୍କ ନାମରେ ଗଛଟିଏ ଚରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଋଷିମାଳ ଡିଗ୍ରୀ ମହାବିଦ୍ୟାଳୟ ଅଧିନସ୍ଥ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ଼ କ୍ରସର ମିଳିତ ସହଯୋଗରେ ବନାଞ୍ଚଳ ଅଧିକାରୀ ହରିହର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣର ମହତ୍ତ୍ୱ ଏବଂ ଗୁରୁତ୍ୱ ଓ ସୁରକ୍ଷା ଦିଗରେ ସଚେତନ କରାଇଥିଲେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ଭାସ୍କର ଚରଣ ନାୟକ ନେତୃତ୍ୱରେ ମହାବିଦ୍ୟାଳୟ ପରିସର ସଫା ସୁତୁରା କରାଯାଇ ଜୈବିକ ଖତ ବ୍ୟବହାର କରି ବୃକ୍ଷରୋପଣ କରିବା ପାଇଁ ସଚେତନର ବାର୍ତ୍ତା ପ୍ରଦାନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦେବରାଜ ବଳିୟାରସିଂ , ଇତିହାସ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅକ୍ଷୟ କୁମାର ବେହେରଦଳେଇ ପ୍ରମୁଖ ଯୋଗଦେଇଥିଲେ ।

## ୧୭୫ କିଲୋ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି, ୭।୭ (ନି.ପ୍ର): ଗଜପତି ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଆଇନ ଶୃଙ୍ଖଳା ଓ ସାଧାରଣଙ୍କ ସୁରକ୍ଷା ପାଇଁ ସମଗ୍ର ଜିଲ୍ଲାରେ ଗଞ୍ଜେଇ ଚାଷ ଓ ଚୋରାଚାଲାଣ ରୋକିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି । ଏହି ଅବସରରେ ଗତକାଲି ଅଡ଼ବା ପୁଲିସ ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ବଟମା ଓ ଭାଲିଆଗୁଡ଼ା ଗ୍ରାମ ମଧ୍ୟବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ଥିବା ଦୁର୍ଗମ ପାହାଡ଼ ପଥର ଗୁମ୍ଫାକୁ ଚଢ଼ଉ କରି ୭ ଗୋଟି ବସ୍ତାରେ ରଖାଯାଇଥିବା ୧୭୫ କିଲୋ ଗଞ୍ଜେଇ ଜବତ କରିଥିଲେ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯାଇଥିବା ବେଳେ ଏହାର ଓଜନ ୧୭୫ କିଲୋ ହୋଇଥିଲା । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି । ଏହି ଗଞ୍ଜେଇକୁ ବାହାର ରାଜ୍ୟକୁ ଚୋରା ଚାଲାଣ କରିବା ଉଦ୍ଦେଶ୍ୟରେ ପାହାଡ଼ ଶିଖରରେ ଗଚ୍ଛିତ ରଖାଯାଇଥିଲା । ଏନେଇ ଅଡ଼ବା ଥାନାରେ ଏକ ମାମଲା ରୁଜୁ କରାଯାଇ ଏଥିରେ ସମ୍ପୃକ୍ତ ମାଫିଆ ଓ ସହଯୋଗୀଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଥିବା ମଧ୍ୟ ସୂଚନା ମିଳିଛି ।

## କାକାଙ୍କୁ ହତ୍ୟା ହତ୍ୟା,ଅଭିଯୁକ୍ତ ଗିରଫ



କୋରୁକୋଣ୍ଡା, ୭।୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଞ୍ଚଳରେ ଜମି ବିବାଦକୁ କେନ୍ଦ୍ର କରି ଘଟିଥିବା ଏକ ହତ୍ୟାକାଣ୍ଡର ଅଭିଯୁକ୍ତକୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି । ସୂଚନା ଅନୁଯାୟୀ, ଗତ ୪ ତାରିଖ ରାତି ୧୦.୩୭ ମିନିଟରେ ଓର୍କେଲ ଥାନା ଅନ୍ତର୍ଗତ କାଟାପାଲି ଗାଁର ବାସିନ୍ଦା ଗଙ୍ଗି ମାଡକାମୀ (୩୦) ସ୍ୱାମୀ- ପାଲା ମାଡକାମୀ ଥାନାରେ ହାଜର ହୋଇ ଲିଖିତ ଅଭିଯୋଗ ଦେଇଥିଲେ । ଅଭିଯୋଗରେ ସେ ଉଲ୍ଲେଖ କରିଥିଲେ ଯେ ଜମି ବିବାଦକୁ ନେଇ ଅଭିଯୁକ୍ତ ତାଙ୍କ କାକାଙ୍କୁ ହତ୍ୟା କରିଛି ଅଭିଯୋଗକୁ ଆଧାର କରି ଓର୍କେଲ ପୋଲିସ କେସ୍ ନଂ- ୧୯୬/୨୦୨୬, ଦଫା- ୧୦୩(୧)/୩(୫) ବିଏନଏସ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ଓର୍କେଲ ପୋଲିସ ସୋମବାର ଅର୍ଥାତ ୦୬ ତାରିଖ ଦିନ ଘଟଣାରେ କାଟାପାଲି ଗ୍ରାମର ସମ୍ପୃକ୍ତ ଆଦମା ପଡିଆମୀ(୩୫), ପିତା- ରାମା ପଡିଆମୀକୁ ଗିରଫ କରିଥିଲା । ଡାକ୍ତରୀ ମାଇନା ପରେ ଅଭିଯୁକ୍ତକୁ ମାନ୍ୟବର କୋର୍ଟରେ ହାଜର କରାଯାଇଥିଲା । ଏ ସମ୍ପର୍କରେ ଓର୍କେଲ ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ କହିଛନ୍ତି ଯେ, ମାମଲାର ତଦନ୍ତ ଜାରି ରହିଛି ଏବଂ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

## ଶାନ୍ତିପୂର୍ଣ୍ଣ ରଥଯାତ୍ରା ନେଇ ସମ୍ମିଳିତ ବୈଠକ

ଫୁଲନଖରା, ୭।୭ (ନି.ପ୍ର): ରଥଯାତ୍ରାକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ, ସୁପରିଚାଳିତ ଓ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ପାଳନ କରିବା ଉଦ୍ଦେଶ୍ୟରେ କଟକ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ସଦର ଥାନା ଅଞ୍ଚଳର ବିଭିନ୍ନ ରଥ କମିଟିମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଫୁଲନଖରା-ନିଆଳି ରାସ୍ତାସ୍ଥିତ କୁରାଙ୍ଗ ଶାସନ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ସଂଘର ସଭାପତି ଲଳିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଦର ଥାନା ଅଧୀନରେ ଥିବା କୁରାଙ୍ଗ ଶାସନ, ଉରାଳି, ପ୍ରତାପନଗରୀ, ନୂଆଗଡ଼, ଭାଣପୁର, ଉସୁମା, କଜ୍ଜଳପୁର ସମେତ ବିଭିନ୍ନ ଅଞ୍ଚଳର ରଥଯାତ୍ରା କମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତା, ସମାଜସେବୀ, ବରିଷ୍ଠ ନାଗରିକ, ପ୍ରଶାସନିକ ଅଧିକାରୀ, ପୋଲିସ ବିଭାଗର ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧିମାନେ ଯୋଗଦେଇ ରଥଯାତ୍ରା ପରିଚାଳନାର ବିଭିନ୍ନ ଦିଗ ଉପରେ ଦୀର୍ଘ ସମୟ ଧରି ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ବିଶେଷ ଅତିଥି ଭାବେ ଯୋଗଦେଇଥିବା ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ଓ ଅତିରିକ୍ତ ଆଇଆଇସି ପ୍ରଶାନ୍ତ କୁମାର ପାଣି କମିଶନରେଟ୍ ପୋଲିସ ପକ୍ଷରୁ ରଥଯାତ୍ରା ସମୟରେ ପାଳନ କରାଯିବାକୁ ଥିବା ସମସ୍ତ ନୀତି-ନିୟମ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ । ରଥଯାତ୍ରାରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ଓ ଭକ୍ତମାନେ ସୁରକ୍ଷିତ ଭାବେ ଦର୍ଶନ କରିପାରିବେ, ସେଥିପାଇଁ ସମସ୍ତ ରଥ କମିଟିଙ୍କୁ ପୋଲିସ ସହ ସମନ୍ୱୟ ରକ୍ଷା କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ରଥ କମିଟିରୁ ଅତି କମରେ ୨୦ ଜଣ ସ୍ୱେଚ୍ଛାସେବୀଙ୍କ ତାଲିକା ଶୀଘ୍ର ଥାନାରେ ଦାଖଲ କରିବାକୁ ଆହ୍ୱାନ କରାଯାଇଥିଲା । ପୋଲିସ ପକ୍ଷରୁ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯିବା ସହ ସେମାନେ ଜନସମାଗମ ନିୟନ୍ତ୍ରଣ, ଭକ୍ତଙ୍କୁ ସହଯୋଗ ଏବଂ ଆପତକାଳୀନ ପରିସ୍ଥିତିରେ ପୋଲିସକୁ ସହାୟତା କରିବେ ବୋଲି ସୂଚନା ଦିଆଯାଇଥିଲା । ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମହିଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡ଼ଃ ସୁବାଷ ଚନ୍ଦ୍ର ଗୋଛାୟତ କହିଥିଲେ ଯେ, ରଥଯାତ୍ରା ସମୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ସ୍ଥାପନ କରାଯିବ । ଆବଶ୍ୟକ ଔଷଧ, ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରସ୍ତୁତ ରଖାଯିବ, ଯାହାଫଳରେ କୌଣସି ଜରୁରୀ ପରିସ୍ଥିତିରେ ତୁରନ୍ତ ସେବା ଯୋଗାଇ ଦିଆଯାଇପାରିବ । ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଓ ବିଭିନ୍ନ ରଥ କମିଟିର କର୍ମକର୍ତ୍ତାମାନେ ରଥଯାତ୍ରା ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବିଶେଷକରି ରଥ ଚଳାଚଳ କରୁଥିବା ମୁଖ୍ୟ ରାସ୍ତାଗୁଡ଼ିକର ଜରୁରୀ ମରାମତି, ରାସ୍ତା ଉପରକୁ ଲମ୍ବି ରହିଥିବା ଗଛର ଡାଳ କାଟିବା, ନିମ୍ନଗାମୀ ବିଦ୍ୟୁତ ତାରକୁ ସୁରକ୍ଷିତ ଉଚ୍ଚତାକୁ ସ୍ଥାନାନ୍ତର କରିବା, ରାସ୍ତା ଆଲୋକ ବ୍ୟବସ୍ଥା ସୁଦୃଢ଼ କରିବା, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ଟ୍ରାଫିକ୍ ନିୟନ୍ତ୍ରଣ ଭଳି ବିଷୟ ଉପରେ ବ୍ୟାପକ ଆଲୋଚନା ହୋଇଥିଲାଛ ଉପସ୍ଥିତ ସଦସ୍ୟମାନେ ସମ୍ପୃକ୍ତ ବିଭାଗଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଦାବି କରିଥିଲେ, ଯାହାଦ୍ୱାରା ରଥଯାତ୍ରା ସମୟରେ କୌଣସି ପ୍ରକାର ଦୁର୍ଘଟଣା କିମ୍ବା ଅସୁବିଧା ସୃଷ୍ଟି ନହୁଏ । ବୈଠକରେ ବରିଷ୍ଠ ନାଗରିକ ତଥା ଆଇନଜୀବୀ ଉମାକାନ୍ତ ନନ୍ଦ, ବରିଷ୍ଠ ନାଗରିକ ଇଞ୍ଜିନିୟର ସୁଶାନ୍ତ କୁମାର ତ୍ରିପାଠୀ, ରାଧାରମଣ ସେବାକୁଞ୍ଜ ଜଗନ୍ନାଥ ମନ୍ଦିରର ସଭାପତି ଦିଲୀପ କୁମାର ସ୍ୱାଇଁ, ପ୍ରତାପନଗରୀ ରଥ କମିଟିର ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ରବୀନ୍ଦ୍ରନାଥ ସ୍ୱାଇଁ, ଭବାନୀ ପ୍ରଶାନ୍ତ ମହାନ୍ତି, ପ୍ରଦ୍ୟୁମ୍ନ କୁମାର ପତି, ଶ୍ରୀଧର ମଲ୍ଲିକ, ଗିରିଧାରୀ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ବିଜୟ କୁମାର ମିଶ୍ର, ଉଦୟନାଥ ପ୍ରଧାନ, ନିଆଳି ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ସଦର ବିଧାୟକଙ୍କ ପ୍ରତିନିଧି ନିହାରରଞ୍ଜନ ପଣ୍ଡା, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଦିଲୀପ କୁମାର ପାତ୍ର,ନୂଆଗଡ଼ଗ୍ରାମର ବରିଷ୍ଠ ମୁରବି ବିକ୍ରମ ଶତପଥୀ, ଶୈଳଜାନନ୍ଦ ସାହୁ, ଅଜୟ କୁମାର ବେଉରା, ବଙ୍ଗଳା ପରିଜା, ଗଣେଶ ଚନ୍ଦ୍ର ସାହୁ,ଅଶୋକ ସାହୁ, ବିଜୟ ମିଶ୍ର, ନିରଞ୍ଜନ ମହାନ୍ତି, ବିଜୟ ସାହୁ ପ୍ରମୁଖ ଯୋଗଦେଇ ରଥଯାତ୍ରାର ସଫଳ ଆୟୋଜନ ପାଇଁ ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ ।

# ପ୍ରତିଶ୍ରୁତିରେ ରହିଗଲା ପ୍ରତିଶୃତି , ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

ପାରଳାଖେମୁଣ୍ଡି, ୭।୭ (ନି.ପ୍ର): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ମିନି ଗାଁ ଗୁଡା ଗ୍ରାମବାସୀ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ସରକାରୀ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ, ଦାବିପତ୍ର ଦେବା, ରାସ୍ତାରୋକ କରି ପ୍ରତିବାଦ ଜଣାଇବା ଏବଂ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପାଇବା ପରେ ମଧ୍ୟ ପ୍ରଶାସନ ଅଭିଯୋଗକୁ ଖାତିରି କଲେନାହିଁ । ମିନି ଗାଁର ରାସ୍ତା ସମସ୍ୟାର ସମାଧାନ ନହେବା ଯୋଗୁ ଗ୍ରାମବାସୀ ନିରାଶ ହୋଇ ଅଞ୍ଚଳ ବାସିନ୍ଦା ଶେଷରେ ନିଜେ ହାତକୁ କୋଦାଳ ଖଣତି ଧରି ରାସ୍ତା ନିର୍ମାଣ କରିଛନ୍ତି । ତଥାପି ପ୍ରଶାସନ



ରାସ୍ତା ନିର୍ମାଣ ପାଇଁ କୌଣସି ପଦକ୍ଷେପ ନ ନେବା ଯୋଗୁଁ ଲୋକେ ନିଜ ସମସ୍ୟାର ସମାଧାନ ପାଇଁ ନିଜେ ରାସ୍ତା ତିଆରି କଲେ । ଏହି ସମସ୍ୟା କେବଳ ଗୋଟିଏ ଗ୍ରାମର ଯାତାୟାତ ସମସ୍ୟାର ବିଷୟ ନୁହେଁ ନୁହେଁ ବରଂ ଗ୍ରାମାଞ୍ଚଳର ମୌଳିକ ସୁବିଧା ପାଇଁ ପ୍ରଶାସନିକ ଅବହେଳାର ଏକ ନଗ୍ନ ଉଦାହରଣ ଅଞ୍ଚଳରେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ମିନିଗାଁଗୁଡା ଗ୍ରାମକୁ ରାଜ୍ୟ ରାଜପଥ ସହ ସିଧାସଳଖ ସଡ଼କ ସଂଯୋଗ ନଥିବାରୁ ଦୀର୍ଘଦିନ ଧରି ଗ୍ରାମବାସୀ ଅସହ୍ୟ ଦୁର୍ଦ୍ଦଶା ଭୋଗୁଥିଲେ । ବର୍ଷା ଦିନରେ ଏହି ଗ୍ରାମଟି ପ୍ରାୟତଃ ବିଚ୍ଛିନ୍ନ ହୋଇଯାଉଥିଲା । ଏହି ଗ୍ରାମର ରୋଗୀଙ୍କୁ ହସ୍ପିଟାଲକୁ ନେବା, ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଯାତାୟାତ, ଚାଷୀ ଫସଲ ବଜାରକୁ ନେବା ସହ ପ୍ରତ୍ୟେକ ଦୈନନ୍ଦିନ କାମରେ ଗ୍ରାମବାସୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେମାନେ ବହୁବାର ବ୍ଲକ୍ ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି ଜଣାଇଥିଲେ । ଗ୍ରାମବାସୀଙ୍କ କହିବାନୁସାରେ, ଦୁଇ ଦୁଇଥର ରାସ୍ତାରୋକ ଆନ୍ଦୋଳନ କରାଯାଇଥିଲା । ଆନ୍ଦୋଳନ ବେଳେ ପୂର୍ବତନ ଜିଲ୍ଲାପାଳ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । କିନ୍ତୁ ସେହି ପ୍ରତିଶ୍ରୁତି ପାଳନ କରାଗଲା ନାହିଁ. ତେଣୁ ଗ୍ରାମବାସୀ ମିଳିତ ଭାବେ ଶ୍ରମ ଦାନ କରି ରାସ୍ତାଟି ନିର୍ମାଣ କରିଥିଲେ । ସମୟ ଆସିବ ଆଗକୁ ପଞ୍ଚାୟତ ନିର୍ବାଚନ ସମୟରେ ଭୋଟ ବର୍ଜନ କରିବା ସୂଚନା ବୁଦ୍ଧିଜୀବୀଙ୍କ ଠାରୁ ମିଳିଛି ।

## ଖିରେଇଟାଙ୍ଗିରି ବନ କାର୍ଯ୍ୟାଳୟରେ ଚାରା ବିତରଣ



ପାଟଣା,୭।୭(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବନାଂଚଳ ଅଧୀନ ଖିରେଇଟାଙ୍ଗିରି ବନ କାର୍ଯ୍ୟାଳୟରେ ଚାରା ବିତରଣ କାର୍ଯ୍ୟକ୍ରମର ଉଦ୍ଘାଟନ ହୋଇଯାଇଛି। ଏହି ଅବସରରେ କୃଷକ ନେତା ରାଧାକାନ୍ତ ମହାନ୍ତ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳିକା ପ୍ରମୋଦିନୀ ପାଢ଼ୀ, ବିଶ୍ୱ ବିନାୟକ ସ୍ନାତକ ବିଦ୍ୟାଳୟର ଅଧ୍ୟକ୍ଷ ରବିନାରାୟଣ ମହାନ୍ତ, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ପାତ୍ର, ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ଡଲି ରାଣୀ ସାହୁ ଓ ବନ ବିଭାଗର ପାରାଷ୍ଟାଫ୍ ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଦୁଧିଆଟୁଆ ସାହିର ବସ୍ତିବାସୀଙ୍କୁ ପରିବେଶ ଅନୁକୂଳ ଉନ୍ନତ ଚୁଲା ବଣ୍ଟନ କରାଯାଇଥିଲା। ସେହିପରି ବୃକ୍ଷରୋପଣର ଗୁରୁତ୍ୱ ଉପରେ ସଚେତନ କରାଯିବା ସହ ଅଧିକରୁ ଅଧିକ ଗଛ ଲଗାଇ ପରିବେଶ ସୁରକ୍ଷାରେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ୭୭ତମ ବନ ମହୋତ୍ସବ ପାଳିତ

ଆନନ୍ଦପୁର,୭।୭(ନି.ପ୍ର): କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର ର ଦେଓଗାଁ ବନ୍ୟ ପ୍ରାଣୀ ବନାଂଚଳ ଅଧିନ ଭଗାମୁଣ୍ଡା ସେକ୍ସନ ସ୍ଥିତ ସରକାରୀ ଏସ୍.ଏସ୍.ଡି ଉଚ୍ଚ ବିଦ୍ୟାଳୟ ଠାରେ ୭୭ ତମ ବନମହୋତ୍ସବ ପାଳିତ ହୋଇଯାଇଅଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଡା. ଫକୀର ମୋହନ ନାଏକ, ମାନ୍ୟବର ବିଧାୟକ ତେଲକୋଇ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ, ପ୍ରଶାନ୍ତ କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ, କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର, ଶ୍ରୀଯୁକ୍ତ ପ୍ରବୀର ମୁର୍ମୁ, ସହକାରୀ ବନସଂରକ୍ଷକ, କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର, ଦେଓଗାଁ ବନ୍ୟ ପ୍ରାଣୀ ବନାଞ୍ଚଳର ଭାରପ୍ରାପ୍ତ ଅଧିକାରୀ ସହକାରୀ



ବନସଂରକ୍ଷକ ଉମାକାନ୍ତ ଦାସ ମହୋଦୟ ଯୋଗ ଦେଇଥିଲେ । ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ ପରେ ଉକ୍ତ ହାଇସ୍କୁଲ୍ ପରିସର ଏକ ବନମହୋତ୍ସବ ସଭାର ଆୟୋଜନ କରାଯାଇଥିଲା। ଭଗାମୁଣ୍ଡା ବନପାଳ ଧିରେନ୍ଦ୍ର କୁମାର ପାତ୍ର ସଭା ପରିଚାଳନା କରିଥିଲେ। ଗଛ ଲଗାଇ ପ୍ରକୃତିକୁ ଧ୍ୱଂସ ମୁଖରୁ ରକ୍ଷା କରାଯାଇପରିବ ବୋଲି ଉପସ୍ଥିତ ଅତିଥି ମାନେ ଆଲୋକପାତ କରିଥିଲେ। ଏହି ସଭାରେ ଉକ୍ତ ହାଇସ୍କୁଲ୍‌ର ସମସ୍ତ କର୍ମଚାରୀ ଓ ବିଦ୍ୟାର୍ଥୀ ଯୋଗଦାନ କରିଥିଲେ। ଏତବ୍ୟତୀତ ଦେଓଗାଁ ବନ୍ୟପ୍ରାଣୀ ବନାଞ୍ଚଳର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ମୁଖ୍ୟ ଅତିଥି ପରିବେଶର ସୁରକ୍ଷା ଅପରିହାର୍ଯ୍ୟ ଅଟେ ବୋଲି ଏହି ସଭାରେ ଆଲୋକପାତ କରିଥିଲେ।

# ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କଲେ ବିଧାୟକ

ହାଟଡିହି,୭।୭(ନି.ପ୍ର): ହାଟଡିହି ବ୍ଲକର ଶିବନାରାୟଣପୁର ଗ୍ରାମରେ ପାହାଡ଼ ପାଣି ଆସି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଶତାଧିକ ପରିବାର ପ୍ରଭାବିତ ହୋଇଥିବା ବେଳେ ଅନେକ ଲୋକଙ୍କ ଘରେ ପାଣି ପଶି ଯାଇଥିବାରୁ ଲୋକମାନେ ତିନିଦିନ ହେଲା ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ଏପରିକି ଅନେକ ଲୋକଙ୍କ ରୋଷେଇ ଘରେ ପାଣି ପସିଥିବାରୁ ୩ ଦିନ ହେଲା ରୋଷେଇ କରି ନପାରି ଭୋକ ଉପବାସରେ କାଳ କାଟୁଛନ୍ତି। ଖବର ପାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବଞ୍ଚୋ ପଞ୍ଚାୟତର ଶିବନାରାୟଣପୁର ଗାଁ ରେ ପହଁଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଗାଁ ଲୋକେ ପନି ପରିବା ଚାଷ ଉପରେ ନିର୍ଭର କରୁଥିବା ବେଳେ ଶହ ଶହ ଚାଷୀଙ୍କ



ପନି ପରିବା ଚାଷ ଉଜୁଡି ଯାଇଥିବା ବିଧାୟକଙ୍କୁ ଅବଗତ କରାଇ ଥିଲେ। ସେହିପରି ଅବିଶ୍ରାନ୍ତ ବର୍ଷା ହେବା ଦ୍ୱାରା ପାହାଡ଼ ପାଣି ଆସି ଗାଁରେ ବ୍ୟାପକ କ୍ଷୟକ୍ଷତି କରିଥିବା ଦର୍ଶାଇ ଥିଲେ। ପ୍ରତିବର୍ଷ ଏପରି କ୍ଷୟକ୍ଷତି ହେଉଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଭାକର ଖଣ୍ଡା, ନିତ୍ୟାନନ୍ଦ ବେହେରା, ନନ୍ଦ କିଶୋର ବେହେରା, ଆନନ୍ଦ ଖଣ୍ଡା, ସାଗର ସାହୁ, ବଳରାମ ଘଡେଇ ପ୍ରମୁଖ ବିଧାୟକଙ୍କ ନିକଟରେ ଦାବି ରଖିଥିଲେ। ଭବିଷ୍ୟତରେ କିପରି ଏପରି ସମସ୍ୟା ନହେବ ସେନେଇ ବିଧାୟକ ଜଳସଂପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ ସହକାରୀ ମୁଖ୍ୟଯନ୍ତ୍ରୀଙ୍କ ସହିତ କଥା ହୋଇ ଜଳ ନିଷ୍କାସନର ସୁବ୍ୟବସ୍ଥା କରାଇବା ପାଇଁ ଆଲୋଚନା କରିଥିଲେ। ପାଣି ଘେରରେ ରହି ରୋଷେଇବାସ କରିପାରି ନଥିବା ପରିବାର ଗୁଡିକୁ ବିଧାୟକ ଚୁଡା, ବିସ୍କୁଟ ଆଦି ବଣ୍ଟନ କରିଥିଲେ। ତାଙ୍କ ସହିତ ଜିଲ୍ଲା ଛାତ୍ର ବିଜେଡି ସଭାପତି ଅନରେନ୍ଦ୍ର ଧଳ, ଯୁବ ବିଜେଡି ସମ୍ପାଦକ ଦୀପ୍ତି ରନ ଦାସ, ବିଜେଡି ନେତା ଗୌରାଙ୍ଗ ରଣା, ବିମଳ କିଶୋର ଜେନା, ମୁକେଶ ରାଉତ, ରବୀନ୍ଦ୍ର ଜେନାଙ୍କ ସମେତ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଅସହାୟଙ୍କୁ ସାହାଯ୍ୟର ହାତ ବଢାଇଲେ ସମାଜସେବୀ

ବଅଁରପାଳ, ୭।୭,(ନି.ପ୍ର): ନାମ ଅଜୟ ସାହୁ, ବୟସ କହିଲେ ୬୧ । କ୍ୟାନ୍ସର ରୋଗରେ ଦୀର୍ଘ ବର୍ଷ ଧରି ପୀଡିତ । ଜଣେ ଗରିବ ତଥା ଦିନ ମଜୁରିଆ କାରଣରୁ ଉତ୍ତମ ଚିକିତ୍ସା ପାଇଁ ଆର୍ଥ ସାଜିଛି ପ୍ରତିବନ୍ଧକ । ଉତ୍ତମ ଚିକିତ୍ସା ନ ପାଇ ଘରେ ପଡି ଛଟପଟ ହେଉଛନ୍ତି । ଏହି ଖବର ପାଇ ସହାୟତାର ହାତ ବଢ଼ାଇଛନ୍ତି ବନ୍ଧା ଗ୍ରାମର ସମାଜସେବୀ ଅଭିମନ୍ୟୁ ସାହୁ । ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ ତୁଳସୀପାଳ ପଞ୍ଚାୟତ ଲଙ୍ଗୁଳିଆବେଡା ଗ୍ରାମର ଅଜୟ ସାହୁଙ୍କ ଏହି ଅସୁସ୍ଥତା ଖବର ପାଇ ତାଙ୍କ ଘରେ ପହଞ୍ଚିଥିଲେ ସମାଜସେବୀ ଅଭିମନ୍ୟୁ ସାହୁଙ୍କ ସହ ତାଙ୍କ ଟିମ୍ । ଅଜୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଉତ୍ତମ ଚିକିତ୍ସା ନିମନ୍ତେ ତତକ୍ଷଣାତ ଆର୍ଥିକ ସହାୟତା ୧୦,୦୦୦ ଟଙ୍କା ପ୍ରଦାନ କରିଥିଲେ । ଚିକିତ୍ସା ପାଇଁ ଅର୍ଥ ବାଧକ ହେବନାହିଁ ବୋଲି କହିବା ସହ ପରିବାର ବର୍ଗଙ୍କୁ ଆଶ୍ୱାସନା ମଧ୍ୟ ଦେଇଥିଲେ । ମାନବ ସେବା ହିଁ ମାଧବ ସେବାକୁ ବ୍ରତ ଭାବେ ଗ୍ରହଣ କରି ଦୁଃଖୀ, ଦରିଦ୍ର, ଅସହାୟ ଲୋକଙ୍କ ସେବା କରିବା ଏବେ ପଣ କରିଛନ୍ତି ଅଭିମନ୍ୟୁ । ଏହାକୁ ନେଇ ଅଞ୍ଚଳରୁ ପ୍ରସଂଶା ସାଉଁଟିବା ସହ ନିଜେ ଏଥିରେ ଆନନ୍ଦିତ ହୁଅନ୍ତି ବୋଲି ସମାଜସେବୀ ମଧ୍ୟ ମତବ୍ୟକ୍ତ କରିଛନ୍ତି । ଏହି ସେବା ଆଗାମୀ ଦିନରେ ଅସହାୟ, ଅବହେଳିତ ମାନଙ୍କ ପାଇଁ ଜାରି ରହିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି ।

# ଡଃ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ଜୟନ୍ତୀ



ରାମଚନ୍ଦ୍ରପୁର,୭।୭(ନି.ପ୍ର): ଘସିପୁରା ବ୍ଲକ ରାମଚନ୍ଦ୍ରପୁର ମଣ୍ଡଳ ବରାଙ୍ଗ ଶକ୍ତିକେନ୍ଦ୍ରରେ ମହାନ ରାଷ୍ଟ୍ରନାୟକ ତଥା ପ୍ରଖର ଦେଶଭକ୍ତ ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଭକ୍ତିଭାବ ଓ ଗମ୍ଭୀର ପରିବେଶରେ ପାଳନ କରାଯାଇଛି। ମଣ୍ଡଳ ସଭାପତି ଅଜୟ କୁମାର ବାରିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର, ଅଳ୍ପସଂଖ୍ୟକ ମୋର୍ଚ୍ଚା ସଭାପତି ରାଜୁ ଖାଁ, ବୁଥ ସଭାପତି ମନୋଜ ଦାସ ସମେତ ମଣ୍ଡଳର ବହୁ ସଂଖ୍ୟକ ପଦାଧିକାରୀ, ଶକ୍ତିକେନ୍ଦ୍ର ପ୍ରମୁଖ, ମୋର୍ଚ୍ଚା କର୍ମକର୍ତ୍ତା ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।ଏହି ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସଙ୍ଗଠନକୁ ବୁଥ୍ ସ୍ତରରୁ ଆହୁରି ସୁଦୃଢ଼ କରିବା, କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ କରିବା ଏବଂ ବିପୁଳ ବିଜୟ ଲକ୍ଷ୍ୟରେ ସମନ୍ୱିତ ରଣନୀତି ପ୍ରସ୍ତୁତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

# ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ, ୩ ଗିରଫ



ହାଟଡିହି,୭।୭(ନି.ପ୍ର): ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଓ ଅବକାରୀ ଅଧିକ୍ଷକ ତେଯରାଜ ଯାନୀଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଓ ହାଟଡିହି ଅବକାରୀ ବିଭାଗ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକଙ୍କ ନେତୃତ୍ୱରେ ହାଟଡିହି ଅବକାରୀ ଥାନା ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ପୁରୁଣାଘାଟି, ସରେଇସାହି, ବାହିଆ ବରଦଣ୍ଡା, ଶାଳବଣି, କାଠକଟା ଗ୍ରାମରେ ଚଢ଼ାଉ କରାଯାଇ ୩୨୩ଲିଟର ଦେଶୀ ମଦ ଜବଦ କରାଯିବା ସହିତ ୪୦୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଥିଲା। ଏପରିକି ଅନେକ ମଦରନ୍ଧା ସରାମ ନଷ୍ଟ କରିଥିଲା ଅବକାରୀ ବିଭାଗ। ଜବତ ଦେଶୀ ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ସନାତନ ହୋ, ନାଣ୍ଡି ହୋ,ଜିତ ରାୟ ମହାରଣାଙ୍କୁ ଗିରଫ କରାଯାଇଛି । ଉକ୍ତ ଚଢ଼ାଉରେ ହାଟଡିହି ଅବକାରୀ ଥାନା ସହଉପ ନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ସୁରେଶ ବେହେରା, ଆରତୀ ବେହେରା ପ୍ରମୁଖ ସାମିଲ ଥିଲେ । ଏନେଇ ଆନନ୍ଦପୁର ଥାନାରେ ଗୋଟିଏ ଓ ହାଟଡିହି ଅବକାରୀ ଥାନାରେ ୨ଗୋଟି ମାମଲା ରୁଜୁ କରାଯାଇଥିବା ଅବକାରୀ ନିରୀକ୍ଷକ ବ୍ରଜ ମୋହନ ମଲ୍ଲିକ ସୂଚନା ଦେଇଛନ୍ତି।

# ନାଳରେ ଭାସିଯାଇ ଯୁବକଙ୍କ ମୃତ୍ୟୁ

ପାଟଣା,୭।୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଟାଙ୍ଗରପଡ଼ା ପଞ୍ଚାୟତର ଅଙ୍କୁରା ଗ୍ରାମରେ ନାଳରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଙ୍କୁରା ଗ୍ରାମର ବାସୁଦେବ ନାଏକଙ୍କ ପୁଅ ବିଜୟ କୁମାର ନାଏକ (୨୭)। ସୂଚନା ଅନୁଯାୟୀ, ବିଜୟ ବିଲ କାମ ସାରିବା ପରେ ମାଟିଆ ମହାଣ ନାଳକୁ ଗାଧୋଇବା ଓ ମାଛ ଧରିବାକୁ ଯାଇଥିବା ବେଳେ ପାଣିର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ମଙ୍ଗଳବାର ସକାଳେ ନାଳରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖବର ପାଇ ପାଟଣା ଥାନାର ଏସ୍‌ଆଇ ଗୌରହରି ଗାରଡ଼ିଆ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଁଚି ଥିଲେ। ଅଗ୍ନିଶମ ବିଭାଗର ସହଯୋଗରେ ମୃତଦେହ ଉଦ୍ଧାର



କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ଏନେଇ ପାଟଣା ଥାନାରେ ୩୪/୨୬ ନମ୍ବର ୟୁଡି(ଅନ୍‌ନାଚୁରାଲ ଡେଥ୍) ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଆଲୋକ ସଂଯୋଗୀକରଣରେ ବ୍ୟାପକ ହରିଲୁଟ୍ ଅଭିଯୋଗ

ରାମଚନ୍ଦ୍ରପୁର,୭।୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ମଦନପୁର ପଞ୍ଚାୟତରେ ରାସ୍ତା ପାର୍ଶ୍ୱ ଆଲୋକୀକରଣ ବ୍ୟବସ୍ଥା ପ୍ରହସନରେ ପରିଣତ ହୋଇଛି ବୋଲି ସଂପୃକ୍ତ ପଞ୍ଚାୟତବାସୀ ଗୁରୁତର ଅଭିଯୋଗ କରିଛନ୍ତି । ଭୁବନେଶ୍ୱରରେ ନିଜର କାର୍ଯ୍ୟାଳୟ ଅଛି ବୋଲି କହୁଥିବା ଜନୈକ ବିଦ୍ୟୁତ ଠିକାଦାର ତଡିତ ବେଗରେ ଆଲୋକ ବ୍ୟବସ୍ଥା ମାଧ୍ୟମରେ ଅଞ୍ଚଳବାସୀଙ୍କୁ ଅନ୍ଧକାର ମଧ୍ୟକୁ ଠେଲିଦେଇ ଛୁ ମାରିଥିବାର ଚର୍ଚ୍ଚା ହେଉଛି । ଗ୍ରାମପଞ୍ଚାୟତ ଠାରୁ ସଦର ମହକୁମା ଏବଂ ମଦନପୁର ଦଳିତ ବସ୍ତିରେ ହୋଇଥିବା ଆଲୋକ ସଂଯୋଗୀକରଣରେ ବ୍ୟାପକ ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି ।ଦଳିତ ଭାଇମାନଙ୍କ ଉଦ୍ଦେଶ୍ୟରେ ସରକାରୀ ଯୋଜନା ପ୍ରଣୟନ ହୋଇଥିଲା । ମାତ୍ର ସଂପୃକ୍ତ ଠିକାଦାର ମନ ଇଚ୍ଛା କାର୍ଯ୍ୟ କରି ଯେକୌଣସି ମତେ ବିଲ୍ ଉଠାଇ ଫେରାର୍ ହୋଇଯାଇଛନ୍ତି ବୋଲି ଆଲୋଚନା ହେଉଛି । ଏପରିକି ସୌରବତୀ ଗୁଡ଼ିକ ଅତି ନିମ୍ନମାନର ବୋଲି ମଧ୍ୟ ଅଭିଯୋଗ ହୋଇଛି । ବ୍ଲକ୍ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ପଚାରିଲେ ସେମାନଙ୍କ ଅସମ୍ଭବ ନୀରବତା ଘଟଣା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏ ନେଇ ଖୁବଶୀଘ୍ର ଭିଜିଲାନ୍ସଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଗ୍ରାମର କେତେକ ବ୍ୟକ୍ତି ପ୍ରକାଶ କରିଛନ୍ତି ।

# ରାଜନଗର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ପାଟଣା,୭।୭(ନି.ପ୍ର): କେନ୍ଦୁଝର ଜିଲ୍ଲାର ରାଜନଗରସ୍ଥିତ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ରଥଯାତ୍ରା, ବାହୁଡ଼ାଯାତ୍ରା ଓ ନୀଳାଦ୍ରି ବିଜେକୁ ଶାନ୍ତି ଶୃଙ୍ଖଳାର ସହ ସଂପନ୍ନ କରିବା ଲକ୍ଷ୍ୟରେ ମଙ୍ଗଳବାର ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ତହସିଲଦାର ଅଶ୍ୱନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ପାଟଣା ରେର ବନବିହାରୀ ସର୍ଦାର, ଅଗ୍ନିଶମ ଅଧିକାରୀ ଗୌରମୋହନ ହେମ୍ବ୍ରମ, ସରପଞ୍ଚ ସୁଧାଂଶୁ ଶେଖର ନାୟକ, କୋଠ ତହସିଲଦାର ଶିବଶଙ୍କର



ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ପୂଜକ ଓ ସେବାୟତମାନେ ଉପସ୍ଥିତ ଥିଲେ। ରଥ ନିର୍ମାଣ, ଆଇନ ଶୃଙ୍ଖଳା, ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ସିସିଟିଭି ବ୍ୟବସ୍ଥା ଓ ଭକ୍ତଙ୍କ ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ରଥଯାତ୍ରାକୁ ସୁରକ୍ଷିତ ଓ ସୁପରିଚାଳିତ ଭାବେ ସଂପନ୍ନ କରିବା ପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

# ଚୋରା କଫ୍ ସିରଫ ଜବତ, ୪ ଅଟକ



ଖୋର୍ଦ୍ଧା, ୭।୭ (ନି.ପ୍ର.): ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ଏକ ବଡ଼ ଧରଣର ଚୋରା କଫ୍ ସିରଫ କାରବାର ଉପରେ ଚଢ଼ାଉ କରି ୧୦୬ ବୋତଲ ଏସ୍କଫ୍ କଫ୍ ସିରଫ ଜବତ କରିଛି । ଏହି ଘଟଣାରେ ଦୁଇ ଜଣ ସାବାଳକଙ୍କୁ ଗିରଫ କରାଯାଇଥିବା ବେଳେ ଦୁଇ ଜଣ ନାବାଳକଙ୍କୁ ଆଇନ ଅନୁଯାୟୀ ଅଟକ ରଖାଯାଇଛି । ଏହି ମାମଲାରେ ଶିଳ୍ପାଞ୍ଚଳ ଥାନାରେ ଏନଡିପିଏସ୍ ଆଇନର ଧାରା ୨୧(ସି)/୨୯ ଅନୁଯାୟୀ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ଅନୁଯାୟୀ, ୭ ଜୁଲାଇ ସକାଳ ପ୍ରାୟ ୧୧ଟା ସମୟରେ ଗଡ଼ ଖୋର୍ଦ୍ଧା ଗଡ଼ଚଣ୍ଡି ମନ୍ଦିର ନିକଟ ଖୋର୍ଦ୍ଧା-ପୁରୀ ରାସ୍ତାରେ ଏକ କଳା ରଙ୍ଗର ସୁଜୁକି ଫ୍ରଙ୍କସ୍ କାରରେ ବିପୁଳ ପରିମାଣର କୋଡିନ୍ୟୁକ୍ତ କଫ୍ ସିରଫ ପରିବହନ ହେଉଥିବା ନେଇ ବିଶ୍ୱସ୍ତ ସୂଚନା ମିଳିଥିଲା । ଏହାପରେ ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି କାରଟିକୁ ଅଟକାଇଥିଲା । ତଲାସି ବେଳେ କାରରୁ ୧୦୬ ବୋତଲ ଏସ୍କଫ୍ କଫ୍ ସିରଫ (ପ୍ରତ୍ୟେକ ୧୦୦ ମିଲି), ଏକ ସୁଜୁକି ଫ୍ରଙ୍କସ୍ କାର ଏବଂ ୪ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା । ଜବତ କଫ୍ ସିରଫର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ବୋଲି ଖୋର୍ଦ୍ଧା ଉପଖଣ୍ଡ ପୋଲିସ ଅଧିକାରୀ ପଙ୍କଜ କୁମାର ମାଝୀ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି । ଏହି ଘଟଣାରେ ମୁକୁନ୍ଦପ୍ରସାଦର ମୁନା ଦାସ (୨୨) ଓ ବାଉଳା ସାହିର ସୋମନାଥ ନିଶାଙ୍କ (୨୨)ଙ୍କୁ ଗିରଫ କରାଯାଇଛି । ଏହାସହ ଦୁଇ ଜଣ ନାବାଳକଙ୍କୁ ଆଇନଗତ ପ୍ରକ୍ରିୟା ଅନୁସାରେ ଅଟକ ରଖାଯାଇଛି । ନାବାଳକଙ୍କ ପରିଚୟ ପ୍ରକାଶ କରାଯାଇନାହିଁ । ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ମାର୍ଚ୍ଚ ୨୦୨୬ରେ ମଧ୍ୟ ଖୋର୍ଦ୍ଧା ପୋଲିସ ୮୫୦ ବୋତଲ ଏସ୍କଫ୍ କଫ୍ ସିରଫ ଜବତ କରି ଏକ ଆନ୍ତଃଜିଲ୍ଲା ଚକ୍ରର ୪ ଜଣଙ୍କୁ ଗିରଫ କରିଥିଲା । ସେହି ମାମଲା ପରଠାରୁ କଫ୍ ସିରଫ ଚୋରା କାରବାର ଉପରେ ପୋଲିସର ନଜର ରହିଥିଲା । ଜବତ କଫ୍ ସିରଫ କେଉଁଠାରୁ ଆସିଥିଲା, କାହା ପାଖକୁ ଯାଉଥିଲା ଏବଂ ଏହା ପଛରେ କୌଣସି ବଡ଼ ଚକ୍ର ସକ୍ରିୟ ଅଛି କି ନାହିଁ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି ।

# ଜାତୀୟ ରାଜପଥ ସୁରକ୍ଷା କମିଟି ବୈଠକ

କେନ୍ଦୁଝର,୭।୭(ନି.ପ୍ର): କେନ୍ଦୁଝର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଜାତୀୟ ରାଜପଥ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ସଡ଼କ ସୁରକ୍ଷା, ଦୁର୍ଘଟଣା ହ୍ରାସ, ଯାତାୟାତ ପରିଚାଳନା ଏବଂ ସଡ଼କ ସୁରକ୍ଷା ସଂପର୍କିତ ବିଭିନ୍ନ ପ୍ରସଙ୍ଗର ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ଜାତୀୟ ରାଜପଥ ଓ ଖଣି ଅଂଚଳରେ ଭାରୀ ଯାନବାହନର ସୁବ୍ୟବସ୍ଥିତ ପାର୍କିଂ ନିମନ୍ତେ ଓଡ଼ିଶା ବ୍ରିଜ୍ ଆଣ୍ଡ କଂଷ୍ଟ୍ରକସନ କର୍ପୋରେସନ୍ ଦ୍ୱାରା ନିର୍ମାଣାଧୀନ ତିନୋଟି ଟ୍ରକ୍ ଟର୍ମିନାଲର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକୁ ଚଳିତ ବର୍ଷରେ ସମାପ୍ତ କରିବାକୁ ସଂପୃକ୍ତ ସଂସ୍ଥାକୁ ପରାମର୍ଶ ଦିଆଯାଇଥିଲା। ସଡ଼କ ସୁରକ୍ଷା ନିୟମର କଡ଼ାକଡ଼ି ପାଳନ ପାଇଁ ପରିବହନ ବିଭାଗ ଓ ପୁଲିସ ବିଭାଗର ମିଳିତ ପ୍ରବର୍ତ୍ତନମୂଳକ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷ ଜାନୁଆରୀରୁ ଜୁନ ୨୦୨୬ ମଧ୍ୟରେ



ଅତ୍ୟଧିକ ବେଗରେ ଗାଡ଼ି ଚାଳନା ପାଇଁ ୩୨୦୧ଟି ଇ- ଚାଲାଣ ଏବଂ ବେଆଇନ ପାର୍କିଂ ପାଇଁ ୬୪୩ଟି ଜାରି କରାଯାଇଥିବା ଜଣାପଡ଼ିଥିଲା। ଅବୈଧ ପାର୍କିଂ ଏବଂ ଅନ୍ୟାନ୍ୟ ଯାତାୟାତ ନିୟମ ଉଲ୍ଲଂଘନ ବିରୋଧରେ ଅଧିକ କଡ଼ା ପ୍ରବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଜାତୀୟ ରାଜପଥ-୨୦ ଓ ଜାତୀୟ ରାଜପଥ-୫୨୦ରେ ସଡକ ସୁରକ୍ଷା ଉପକରଣ, ସାଇନେଜ୍, କ୍ରାଶ୍ ବ୍ୟାରିଅର, ରମ୍ବଲ୍ ଷ୍ଟ୍ରିପ୍ ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ସ୍ଥାପନ କାର୍ଯ୍ୟର ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଥିଲା ଏବଂ ଶୀଘ୍ର ସମାପ୍ତ କରିବାକୁ ସଂପୃକ୍ତ ସଡ଼କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୁର୍ଘଟଣା ପରେ ଆହତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବା, 'ଗୋଲ୍ଡେନ୍ ଆୱାର' ମଧ୍ୟରେ ଉଦ୍ଧାର କାର୍ଯ୍ୟ ସୁନିଶ୍ଚିତ କରିବା, ଆମ୍ବୁଲାନ୍ସ ସେବାର ଦକ୍ଷତା ବୃଦ୍ଧି କରିବା ଏବଂ ସମସ୍ତ ସଂପୃକ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜାତୀୟ ରାଜପଥରେ ସଡ଼କ ସୁରକ୍ଷା ଓ ଯାତାୟାତର ସୁଚାରୁ ପରିଚାଳନାକୁ ଦୃଷ୍ଟିରେ ରଖି ଅନଧିକୃତ ଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ, ଜାତୀୟ ରାଜପଥ-୨୦ ଉପରେ ଥିବା ଅନଧିକୃତ ଢାବା, ଖାଦ୍ୟ ଦୋକାନ ଏବଂ ବ୍ୟବସାୟିକ ସଂରଚନାଗୁଡ଼ିକୁ ଅପସାରଣ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣଙ୍କ ପକ୍ଷରୁ ୨୩ଟି ନୋଟିସ ଜାରି କରାଯାଇଛି। ସେହିପରି ଜାତୀୟ ରାଜପଥ-୪୯ ଉପରେ ଥିବା ଅନଧିକୃତ ଢାବା, ଖାଦ୍ୟ ଦୋକାନ ଓ ବ୍ୟବସାୟିକ ସଂରଚନା ହଟାଇବା ପାଇଁ ୨୨ଟି ନୋଟିସ ଜାରି କରାଯାଇଛି। ନୋଟିସର ଅବଧି ଶେଷ ହେବା ପରେ ନିୟମାନୁସାରେ ଅତିକ୍ରମଣ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜାତୀୟ ରାଜପଥ ପାର୍ଶ୍ୱରେ କୌଣସି ନୂତନ ଢାବା, ହୋଟେଲ୍, ରେଷ୍ଟୁରା, ପେଟ୍ରୋଲ ପଂପ କିମ୍ବା ଅନ୍ୟ କୌଣସି ବ୍ୟବସାୟିକ ସଂସ୍ଥା ସ୍ଥାପନ ପୂର୍ବରୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନାପି ପ୍ରମାଣପତ୍ର ଏବଂ ବ୍ୟବସାୟିକ ଅନୁମୋଦନ ଗ୍ରହଣ କରିବା ବାଧ୍ୟତାମୂଳକ। ଏହି ଅନୁମତି ବିନା ଜାତୀୟ ରାଜପଥ ପାର୍ଶ୍ୱରେ କୌଣସି ନୂତନ ନିର୍ମାଣ କିମ୍ବା ବ୍ୟବସାୟିକ କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ। ସଂପୃକ୍ତ ବିଭାଗମାନଙ୍କୁ ଏହି ନିୟମର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ସହିତ ଅନଧିକୃତ ନିର୍ମାଣକୁ ରୋକିବା ପାଇଁ ନିୟମିତ ଯାଞ୍ଚ ଓ ପ୍ରବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

## ସାମନ୍ତରା ଏକାଡେମୀର ସଫଳତା
# ନୌସେନାରେ ନିଯୁକ୍ତି ପାଇଁ ୨୮ ମନୋନୀତ




ବ୍ରହ୍ମପୁର,୭।୭(ନିପ୍ର) ଭାରତୀୟ ନୌସେନା ପାଇଁ ନିଯୁକ୍ତି ପରୀକ୍ଷା ସର୍ବ ଭାରତୀୟ ସ୍ତରରେ ସାମନ୍ତରାୟ ଏକାଡ଼େମୀର ୨୮ ଜଣ ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରରେ ନୌସେନାରେ ମନୋନୀତ ହୋଇଛନ୍ତି । ସଫଳ ଛାତ୍ରଛାତ୍ରୀମାନେ ନୌସେନା ଦ୍ୱାରା ଅନୁଷ୍ଠିତ ସର୍ବ ଭାରତୀୟ ପରୀକ୍ଷାରେ ଦୁଇ ଦୁଇଟି ଲିଖିତ ପରେ ଶାରିରୀକ ଦକ୍ଷତା ଓ ମେଡ଼ିକାଲ୍ ଟେଷ୍ଟ ଗୁଡ଼ିକ ସଫଳତାର ସହ ଉତୀର୍ଣ୍ଣ ହୋଇ ମେରିଟ୍‌ରେ ସ୍ଥାନ ପାଇଛନ୍ତି । ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶେଷତଃ ଜଣେ ଝିଅଙ୍କ ସର୍ବ ଭାରତୀୟ ସ୍ତରରେ ସଫଳତା ଉଲ୍ଲେଖନୀୟ । ଏହି ପରୀକ୍ଷାରେ ଏକାଡ଼େମୀର ଏକ ସମ୍ବର୍ଦ୍ଧନା ସଭାରେ କୃତି ଛାତ୍ରଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧନା କରିବା ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଡ଼ାକ୍ତର ଲଳିତ ମୋହନ ସାମନ୍ତରାୟ ମନୋନୀତ ଛାତ୍ରଛାତ୍ରୀଙ୍କୁ ସଫଳତାର ସହ ପ୍ରଶିକ୍ଷଣ ସମ୍ପାଦନ କରି ପିତା ମାତା ଓ ଏକାଡ଼େମୀର ନାଁ ରଖିବାକୁ ପ୍ରେରଣା ଦେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ସମସ୍ତ ଅଭିଭାବକଙ୍କୁ ଧନ୍ୟବାଦ୍ ଜ୍ଞାପନ କରିବା ସହ ପ୍ରୟାସରତ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ସଫଳ ହେବାକୁ ଆହ୍ୱାନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଉପଦେଷ୍ଟା ଗୋକୁଳାନନ୍ଦ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ସଫତଳା କାମନା ସହ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସଫଳ କରିଥିଲେ ।

# ରେଳମନ୍ତ୍ରୀଙ୍କୁ ରେଳପଥ ଉନ୍ନୟନ କମିଟିର ଦାବିପତ୍ର

ବ୍ରହ୍ମପୁର, ୭।୭(ନିପ୍ର): ଗଞ୍ଜାମ ଜିଲ୍ଲା ସହ ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶ ସହ ରେଳ ଭିତ୍ତିଭୂମି ଉନ୍ନତିକରଣ ଏବଂ ଯାତ୍ରୀଙ୍କ ପାଇଁ ଅନ୍ୟାନ୍ୟ ସୁବିଧାସୁଯୋଗ ସୃଷ୍ଟି ପାଇଁ ଦକ୍ଷିଣ ଓଡ଼ିଶା ରେଳପଥ ଉନ୍ନୟନ ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଆଜି ବ୍ରହ୍ମପୁରଠାରେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ରହ୍ମପୁରର ଆୟ ବାର୍ଷିକ ୧୦୦ କୋଟିରୁ ଅଧିକ ହୋଇଥିବାରୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପଗୁଡ଼ିକୁ ତୁରନ୍ତ ମଞ୍ଜୁରୀ ଓ କାର୍ଯ୍ୟକାରୀ କରିବାକୁ କମିଟି ଦାବି କରିଛି । ଗୋଳନ୍ଥରା କୋଚିଂ ଡ଼ିପୋର କାର୍ଯ୍ୟ ନିମନ୍ତେ ଆର୍ଥିକ ଅନୁଦାନ ବ୍ୟବସ୍ଥା, ୮୦ ମିଟର ପ୍ରଶସ୍ତ ରୁଫ୍ ପ୍ଲାଜା ନିର୍ମାଣ, ବ୍ରହ୍ମପୁରସମ୍ବଲପୁର (ରେଢ଼ାଖୋଲ), ଗୋପାଳପୁର-ରାୟଗଡ଼ା (ସିଙ୍ଗାପୁର) ରେଳପଥ ନିର୍ମାଣ, ରେଳ ୱାଗନ୍ କାରଖାନା ସ୍ଥାପନ ସହ ବ୍ରହ୍ମପୁର-ମୁମ୍ବାଇ, ବ୍ରହ୍ମପୁର-ଦିଲ୍ଲୀ, ବ୍ରହ୍ମପୁର-ଚେନ୍ନାଇ, ହାୱାଡ଼ା, ବ୍ରହ୍ମପୁର-ଅଯୋଧ୍ୟା, ବ୍ରହ୍ମପୁର-ପୁରୀ ଟ୍ରେନ୍ ଚଳାଚଳ ଦାବି କରାଯାଇଛି । କ୍ରୀୟାନୁଷ୍ଠାନ କମିଟି ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ ଓ ବିଭିନ୍ନ ଗଣ ସଙ୍ଗଠନର ସଦସ୍ୟ ଏହି ଦାବି ପ୍ରତି ଦୃଷ୍ଟି ଦେବାକୁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହା ହସିତ୍ ବ୍ରହ୍ମପୁର-ଉଧନା ଦୈନିକ ଚଳାଚଳ ନିମନ୍ତେ ବହୁ ପ୍ରତିକ୍ଷିତ ଦାବି ପୂରଣ ସହ ବ୍ରହ୍ମପୁର ସେଷ୍ଟନର ପୁନର୍ବିନ୍ୟାସ ନିମନ୍ତେ ୩୨୨ କୋଟି ଆର୍ଥିକ ଅନୁଦାନ ପାଇଁ କମିଟି ପକ୍ଷରୁ ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦିଆଯାଇଥିଲା ।

# ରେଳ ଧାରଣାରୁ ମାଂସ ଭର୍ତ୍ତି ବ୍ୟାଗ ଜବତ

ବ୍ରହ୍ମପୁର:, ୭।୭(ନିପ୍ର) ଜେଲ୍ ରୋଡ୍ ନିକଟ ରେଳ ଧାରଣା କଡ଼ରୁ ଜଣେ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି । ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ିବାରୁ ସେ ଆହତ ହୋଇଥିବା କୁହାଯାଉଛି । ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍‌କେସିଜି ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି । ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରୁ ମିଳିଥିବା ଏକ ବ୍ୟାଗ୍ ଭିତରୁ ମାଂସ ଜବତ ହୋଇଛି ।


**ଓରିଏଣ୍ଟ ପେପର୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍**

CIN: L21011OR1936PLC000117

ପଞ୍ଜୀକୃତ କାର୍ଯ୍ୟାଳୟ : ୟୁନିଟ୍ ୮, ପ୍ଲଟ ନଂ ୭, ଭୋଇନଗର, ଭୁବନେଶ୍ୱର- ୭୫୧୦୧୨ (ଓଡ଼ିଶା)
ଫୋନ୍: (୦୬୭୪) ୨୩୯୬୯୩୦.
ଇ-ମେଲ୍ : cosec@opil.in, ୱେବସାଇଟ୍ : www.orientpaper.in.

ଭିଡ଼ିଓ କନ୍‌ଫରେନ୍ସିଂ (ଭିସି)/ଅନ୍ୟାନ୍ୟ ଅଡ଼ିଓ ଭିଜୁଆଲ ମାଧ୍ୟମ (ଓଏଭିଏମ୍) ମାଧ୍ୟମରେ ହେବାକୁ ଥିବା ୯୦ ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ସମ୍ବନ୍ଧରେ ସୂଚନା

ପ୍ରିୟ ସଦସ୍ୟ(ମାନେ),

ଏତଦ୍‌ଦ୍ୱାରା ସୂଚନା ଦିଆଯାଉଛି ଯେ କମ୍ପାନୀର ସଦସ୍ୟମାନଙ୍କର ୯୦ ତମ ଏଜିଏମ୍ ଶୁକ୍ରବାର, ୩୧ ଜୁଲାଇ ୨୦୨୬ ଅପରାହ୍ନ ୨.୩୦ ଘଣ୍ଟାରେ ଭିସି/ଓଏଭିଏମ୍ ମାଧ୍ୟମରେ କମ୍ପାନୀଗୁଡ଼ିକର ଆଇନ, ୨୦୧୩ର ବିଧି ବ୍ୟବସ୍ଥା ଅନୁସାରେ, ଏବଂ ସେଥିରେ ଥିବା ରୁଲ୍‌ଗୁଡ଼ିକ ଅନୁଯାୟୀ, ଭାରତର ସିକ୍ୟୁରିଟିଜ୍ ଏବଂ ଏକ୍ସଚେଞ୍ଜ ବୋର୍ଡ (ଲିଷ୍ଟିଂ ଓବ୍ଲିଗେସନ୍ସ ଏବଂ ଡିସ୍‌କ୍ଲୋଜର ରିକ୍ୱାରମେଣ୍ଟସ୍) ରେଗୁଲେସନ୍ସ, ୨୦୧୫ ଏବଂ ଜେନେରାଲ୍ ସର୍କୁଲାର ନଂ. ୦୩/୨୦୨୫, ତାରିଖ ୨୨ ସେପ୍ଟେମ୍ବର ୨୦୨୫, ଏହା ସହିତ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଆନୁସଙ୍ଗିକ ସର୍କୁଲାରଗୁଡ଼ିକ ଏବଂ ସିକ୍ୟୁରିଟିଜ ଏବଂ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ ପକ୍ଷରୁ ସମୟ ସମୟରେ ଜାରି କରାଯାଇଥିବା ସର୍କୁଲାରଗୁଡ଼ିକ ପାଠ କରାଯାଇ ଅନୁଷ୍ଠିତ ହେବ।

୯୦ ତମ ଏଜିଏମ୍‌ର ବିଜ୍ଞପ୍ତି ଏବଂ ଆର୍ଥିକ ବର୍ଷ ୨୦୨୫-୨୬ର ବାର୍ଷିକ ରିପୋର୍ଟ ସେହି ସମସ୍ତ ସଦସ୍ୟମାନଙ୍କ ନିକଟକୁ ପଠାଯିବ ଯେଉଁମାନଙ୍କର ଇମେଲ ଠିକଣା କମ୍ପାନୀ/ଡିପୋଜିଟୋରୀ ପାଟିସିପାଣ୍ଟସ୍(ମାନେ) ଙ୍କ ନିକଟରେ ପଞ୍ଜୀକୃତ ହୋଇଛି। ଏଜିଏମ୍‌ର ବିଜ୍ଞପ୍ତି ଏବଂ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ବାର୍ଷିକ ରିପୋର୍ଟ କମ୍ପାନୀର ୱେବସାଇଟ୍ www.orientpaper.in, ଷ୍ଟକ ଏକ୍ସଚେଞ୍ଜର ୱେବସାଇଟ୍ ଯଥା ବିଏସ୍‌ଇ ଲିମିଟେଡ୍ ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍‌ର ୱେବସାଇଟ୍ ଯଥାକ୍ରମେ www.bseindia.com ଏବଂ www.nseindia.com ଏବଂ ଏନ୍‌ଏସ୍‌ଡିଏଲ୍‌ର ୱେବସାଇଟ୍ www.evoting.nsdl.com ରେ ଉପଲବ୍ଧ। ଯେଉଁ ସଦସ୍ୟମାନେ ସେମାନଙ୍କ ଇ-ମେଲ୍ ଠିକଣା ପଞ୍ଜୀକୃତ କରାଇ ନାହାନ୍ତି ସେମାନେ ବାର୍ଷିକ ରିପୋର୍ଟ ପାଇବା ପାଇଁ ସେମାନଙ୍କ ପଞ୍ଜୀକୃତ ଠିକଣାରେ କମ୍ପାନୀ/ଦି ଡିପୋଜିଟୋରୀ ପାଟିସିପାଣ୍ଟସ୍(ମାନଙ୍କ) ରେକର୍ଡ ଅନୁଯାୟୀ ସଠିକ୍ ୱେବ୍ ଲିଙ୍କ ଥିବା ଏକ ପତ୍ର ପାଇବେ। ଅନୁରୋଧ କଲେ କମ୍ପାନୀ ଆର୍ଥିକ ବର୍ଷ ୨୦୨୫-୨୬ର ବାର୍ଷିକ ରିପୋର୍ଟର ଏକ ହାର୍ଡ କପି ପ୍ରଦାନ କରିପାରିବ ।

କମ୍ପାନୀ ଏଜିଏମ୍ ନିମନ୍ତେ ଭିସି/ଓଏଭିଏମ୍ ସୁବିଧା ଏବଂ ଇ-ଭୋଟିଂ ସୁବିଧା ପ୍ରଦାନ କରିବା ନିମନ୍ତେ ଏନ୍‌ଏସ୍‌ଡିଏଲ୍ ସହିତ ଏକ ଚୁକ୍ତି କରିଛି । ସଦସ୍ୟମାନେ ଅନ୍ତିମ ତାରିଖ ଅର୍ଥାତ୍ ୨୪ ଜୁଲାଇ ଶୁକ୍ରବାର ୨୦୨୬ ସୁଦ୍ଧା ଭିସି/ଓଏଭିଏମ ମାଧ୍ୟମରେ ଏଜିଏମରେ ଯୋଗ ଦେବା ପାଇଁ ନିମ୍ନଲିଖିତ ପ୍ରକ୍ରିୟାଗୁଡିକ ଯାହା ଏଜିଏମ ନୋଟିସରେ ଦିଆଯାଇଛି ସେଗୁଡ଼ିକ ଅନୁସରଣ କରିବେ । ଏଜିଏମ୍ ସମୟରେ ଇ-ଭୋଟିଂ ସୁବିଧା ଉପଲବ୍ଧ ହେବ ଏବଂ ଯେଉଁ ସଦସ୍ୟମାନେ ସେୟାରଗୁଡ଼ିକ ବାସ୍ତବ କିମ୍ବା ଡିମାଟ ଆକାରରେ ଧାରଣ କରିଥିବେ ଏବଂ ଏଜିଏମରେ ଯୋଗଦେଇଛନ୍ତି ଏବଂ ରିମୋର୍ଟ ଇ-ଭୋଟିଂ ମାଧ୍ୟମରେ ସେମାନଙ୍କର ଭୋଟ ପ୍ରଦାନ କରିନାହାନ୍ତି, ସେମାନେ ଏଜିଏମ୍‌ରେ ଭୋଟ ଦେବାପାଇଁ ସମର୍ଥ ହେବେ । ଯେଉଁ ସଦସ୍ୟମାନେ ସେୟାରଗୁଡ଼ିକ ଡିମାଟ ଏବଂ ବାସ୍ତବ ଆକାରରେ ଧାରଣ କରିଛନ୍ତି ଏବଂ ଯେଉଁମାନେ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି, ସେମାନଙ୍କ ନିମନ୍ତେ ରିମୋଟ ଇ-ଭୋଟିଂ ପ୍ରଣାଳୀ ବିଷୟରେ ଏଜିଏମ୍ ନୋଟିସ୍‌ରେ ସୂଚନା ଦିଆଯାଇଛି।

ଇ-ମେଲ୍ ଠିକଣା ପଞ୍ଜୀକରଣ/ଅପଡେଟ୍ କରିବା ନିମନ୍ତେ : (କ) ଯେଉଁ ସଦସ୍ୟମାନେ ସେୟାର (ଗୁଡିକ) ବାସ୍ତବ ଆକାରରେ ଧାରଣ କରିଛନ୍ତି, ସେମାନେ କେୱାଇସି ଫର୍ମ **ISR-1, ISR -2** ଏବଂ **SH -13 (** ଦୟା କରି ଫର୍ମ **KFIN** ୱେବସାଇଟ୍ **: https://ris.kfintech.com/clientservices/isc/isrforms.aspx**ରୁ ଡାଉନଲୋଡ କରନ୍ତୁ), ଏହା ସହିତ ଅନୁରୋଧପତ୍ରରେ ଫୋଲିଓ ନଂ ଉଲ୍ଲେଖ କରି ସ୍ୱପ୍ରମାଣିତ ପାନ୍, ଆଧାର, ପଞ୍ଜୀକୃତ ଠିକଣା/ବ୍ୟାଙ୍କ ବିବରଣୀ /ଇ-ମେଲ୍ ଏବଂ ସଦସ୍ୟଙ୍କ ମୋବାଇଲ ନଂ ଉଲ୍ଲେଖ ଥିବା ଡକ୍ୟୁମେଣ୍ଟସ୍ ଡାକ ଯୋଗେ କମ୍ପାନୀର ଆର୍‌ଟିଏଙ୍କ ନିକଟକୁ ପଠାଇବେ। ଏ ସମ୍ବନ୍ଧରେ ଯଦି କୌଣସି ପ୍ରଶ୍ନ ଥାଏ ତେବେ ଦୟା କରି ଶ୍ରୀ ଏସ୍ ବାଲାଜୀ ରେଡ୍ଡୀ,ସିନିୟର ମ୍ୟାନେଜର, କେଫିନ ଟେକ୍ନୋଲଜି ଲିମିଟେଡ୍ ('ଆର୍‌ଟିଏ') ଙ୍କୁ (ନିଃଶୁଳ୍କ ନଂ.) : ୧୮୦୦୩୦୯୪୦୦୧ କିମ୍ବା କମ୍ପାନୀକୁ ଇ-ମେଲ୍ ଠିକଣା cosec@opil.in ରେ ଯୋଗାଯୋଗ କରିବେ । (ଖ) ଯେଉଁ ସଦସ୍ୟମାନେ ସେୟାର(ଗୁଡିକ) ଇଲେକ୍ଟ୍ରୋନିକ ପ୍ରଣାଳୀରେ ଧାରଣ କରିଛନ୍ତି, ସେମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନଙ୍କର ଇ-ମେଲ୍ ଠିକଣା ସେମାନଙ୍କର ସମ୍ବନ୍ଧିତ ଡିପୋଜିଟୋରୀ ପାଟିସିପାଣ୍ଟସ (''**DPs**'')ଙ୍କ ନିକଟରେ ପଞ୍ଜୀକରଣ /ଅପଡେଟ୍ କରାଇନେବେ, ଯାହାଦ୍ୱାରା ସେମାନେ କମ୍ପାନୀଠାରୁ ସମସ୍ତ ସୂଚନା ଇଲେକ୍ଟ୍ରୋନିକ ମାଧ୍ୟମରେ ପାଇପାରିବେ ।

ସଦସ୍ୟମାନଙ୍କୁ ଏଜିଏମ୍‌ର ବିଜ୍ଞପ୍ତିରେ ନିର୍ଦ୍ଧାରିତ ସମସ୍ତ ସୂଚନାକୁ ଯତ୍ନର ସହ ପଢିବାକୁ, ବିଶେଷକରି ଏଜିଏମ୍‌ରେ ଯୋଗ ଦେବା ପାଇଁ ରହିଥିବା ନିର୍ଦ୍ଦେଶାବଳୀ, ରିମୋଟ୍ ଇ-ଭୋଟିଂ ଜରିଆରେ କିମ୍ବା ଏଜିଏମ୍‌ରେ ଭୋଟ୍ ଦେବା ସମୟରେ ଭୋଟ୍ ଦେବାର ପ୍ରଣାଳୀ ପଢିବାକୁ ଅନୁରୋଧ କରାଯାଉଛି।

ଓରିଏଣ୍ଟ ପେପର୍ ଏବଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ନିମନ୍ତେ
ସ୍ୱା–
ଆର୍ .ପି .ଦତ୍ତ
କମ୍ପାନୀ ସେକ୍ରେଟାରୀ

କୋଲକାତା, ୦୭ ଜୁଲାଇ, ୨୦୨୬


# ବାଳିକା ବିଦ୍ୟାଳୟରେ ବନ ମହୋତ୍ସବ

ବ୍ରହ୍ମପୁର, ୭।୭(ନିପ୍ର) ସ୍ଥାନୀୟ ଗୋସାଇଁନୂଆଗାଁ ବାଳିକା ବିଦ୍ୟାଳୟ ପରିସରରେ ବୃକ୍ଷ ପ୍ରେମୀ ସୁବାଷ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଅନୀଲ୍ କୁମାର ସାହୁ, ଧୀରଜ ସାବତ, ମୁକୁନ୍ଦ ଗୌଡ଼, ବିଟୁ ଦଳେଇ, ଶଙ୍କର ବେହେରା, ପ୍ରଫେସର ଅମୂଲ୍ୟ ତ୍ରିପାଠୀ, ସୀମାଞ୍ଚଳ ବେହେରା, ପଙ୍କଜ ସାବତ, କୈଳାଶ ପଟ୍ଟନାୟକ, ରଷିକେଶ, ମନୋଜ ରାଉଳ, ଜେ. ରାମା ରାଓ, ପ୍ରଭାକର ମହାନ୍ତି, ଅରୁଣ ମିଶ୍ର, ଜିତେନ୍ଦ୍ର ପଟ୍ଟନାୟକ, ନାଗେଶ୍ୱର ରାଓ ଦୋରା, ଏନ୍. ରାମ ପ୍ରସାଦ ରାଓ ଏବଂ ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ, ଛାତ୍ରୀ ସମେତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।


**ଦ. ପୂ ରେଳପଥ – ଟେଣ୍ଡର**

**ଇ-ଟେଣ୍ଡର ନୋଟିସ୍ ନଂ. ଏବଂ ଅପଲୋଡିଂ ତାରିଖ: E-DY-WW-Canteen-2026, Date 04.07.2026.** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଡେପୁଟୀ ଚିଫ୍ ମେକାନିକାଲ ଇଂଜିନିୟର (ୱାଗନ)/ ଖଡଗପୁର ୱାର୍କସପ୍, ଦକ୍ଷିଣ ପୂର୍ବ ରେଳପଥ,ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖର ପୂର୍ବାହ୍ନ ୧୧.୦୦ଘଣ୍ଟା ପୂର୍ବରୁ ଖୋଲା ଇ-ଟେଣ୍ଡର (ସର୍ଭିସ୍ କଣ୍ଟ୍ରାକ୍ଟ) ଆହ୍ୱାନ କରୁଛନ୍ତି ଏବଂ ଏହା ପୂର୍ବାହ୍ନ ୧୧.୦୦ ଘଣ୍ଟାରେ ଖୋଲିବ। **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥ, ଖଡଗପୁରର ଡବ୍ଲ୍ୟୁଆର୍‌ଏସ୍ କ୍ୟାଣ୍ଟିନରେ ବାସନକୁସନ, ଉପକରଣ ଏଁବଂ ବିଭିନ୍ନ ଆନୁଷଙ୍ଗିକ ସରଞ୍ଜାମ ପରିଷ୍କାର କରିବା ସହିତ ରୋଷେଇ କରିବା, ପରଷିବା/ମିଲ୍, ଟିଫିନ୍ ଏବଂ ସ୍ନାକ୍ସ ବିକ୍ରୀ କରିବା। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ଟ. ୭୫,୦୬,୮୦୨.୨୦ ଜିଏସ୍‌ଟି @18%. ସହିତ, **ଅମାନତ ରାଶି:** ଟ.୧,୫୦,୧୦୦/-. **ଇ-ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ:** ୨୭.୦୭.୨୦୨୬ ର ପୂର୍ବାହ୍ନ ୧୧.୦୦ ଘଣ୍ଟା। ୱେବସାଇଟ ତଥ୍ୟ ଓ ବିବରଣୀ: www.ireps.gov.in. ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in. ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। PR-432


# ଡିଏଭି ସ୍କୁଲରେ ବନ ମହୋତ୍ସବ



ବ୍ରହ୍ମପୁର. ୭।୭(ନିପ୍ର) ସ୍ଥାନୀୟ ଗୋସାଇଁ ନୂଆଗାଁ ଗ୍ରାମ ଡ଼ିଏଭି ପବ୍ଲିକ୍ ସ୍କୁଲରେ ଏକ ସପ୍ତାହ ବ୍ୟାପୀ ଆୟୋଜିତ ବନ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ଧାରାଶ୍ରୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସପ୍ତାହ ବ୍ୟାପି ବୃକ୍ଷ ରୋପଣ ସହ ପରିବେଶର ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଚାରା ପ୍ରଦାନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନ ସମାରୋହରେ ସମସ୍ତଙ୍କୁ ଅଧ୍ୟକ୍ଷା ଶ୍ରୀ ପାଢ଼ୀ ବନ ମହୋତ୍ସବର ଉଦ୍ଦେଶ୍ୟ ନେଇ ନିଜର ମତ ଉପସ୍ଥାପନ କରିଥିଲେ । ଏହି ଉଦ୍‌ଯାପନ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତଥିଲେ । ମୁଖ୍ୟ ଅତିଥି ରୂପେ ବନାଞ୍ଚଳ ବିଭାଗର ଆସିଷ୍ଟାଣ୍ଟ କଞ୍ଜରଭେଟର ସସ୍ମିତା ବିଶ୍ୱାଳ, ସମ୍ମାନୀତ ଅତିଥବ ଭାବେ ଇକୋ କ୍ଲବ୍‌ର ସଂଯୋଜକ ଡ଼. ଶଙ୍କର ନାରାୟଣ ବେଜ୍ ପ୍ରମୁଖ ଯୋଗ ଦେଇ ଇଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦରେ ୬୦ ପ୍ରାର୍ଥୀ

ବ୍ରହ୍ମପୁର,୭।୭(ନିପ୍ର): ବିଶ୍ୱବିଦ୍ୟାଳୟରେ ଗତ ମଇ ମାସରୁ ଖାଲି ପଡ଼ିଥିବା କୁଳପତି ନିଯୁକ୍ତି ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଛି । ଗତ ଏପ୍ରିଲ୍ ୨୨ ତାରିଖରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନୂତନ କୁଳପତି ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦ ନିମନ୍ତେ ୭୪ ଜଣ ଆବେଦନ କରିଥିଲେ । ଇତି ମଧ୍ୟରେ ସମସ୍ତ ଆବେଦନ ଯାଞ୍ଚ କରାଯାଇ ୧୪ ଆବେଦନକୁ ବାଦ ଦିଆଯାଇଥିଲା । ଭୁବନେଶ୍ୱରରେ ଅବଶିଷ୍ଟ ୬୦ ଜଣଙ୍କ ମଧ୍ୟରୁ ସଟଲିଷ୍ଟ ପ୍ରସ୍ତୁତି ପାଇଁ ବୈଠକ ବସିବ ବୋଲି ନିଷ୍ପତ୍ତି ନିଆଯାଇଛି । ସଟ୍‌ଲିଷ୍ଟ ପରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ସାକ୍ଷାତାକାର ନିମନ୍ତେ ଡ଼କାଯିବ । କୁଳପତି ଦୌଡ଼ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଖଲ୍ଲିକୋଟ ଜୁନିୟର କଲେଜର ଡ଼. ସନ୍ଧ୍ୟାରାଣୀ ପଟ୍ଟନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପୂର୍ବତନ ପ୍ରଫେସର ତଥା ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବୀ ପ୍ରସାଦ ମିଶ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ତଥା ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି, ହାଇଦ୍ରାବାଦ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ କୁମାର ଉଦଗାତା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ସଦାନନ୍ଦ ନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସତ୍ୟ ନାରାୟଣ ପାଠୀ, ପୂର୍ବତନ ପ୍ରଫେସର ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଧାକର ପାତ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରଫେସର ତଥା ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ରହିଛନ୍ତି । ବର୍ତ୍ତମାନ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅତିରିକ୍ତ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।


**CUTTACK MUNICIPAL CORPORATION**

**"e" PROCUREMENT NOTICE**
**Tender ID : 2026_ORULB_133648**
**Bid Referrence No MC (KMC) KTC_DIV-II- No 06/2026-27**
**Tender Call Notice No. 7040 (PW) Date. 07.07.2026**

Name of Works : Civil Works
No of Works : 02 Nos
Bid Value : Rs. 6.27 Lakh to Rs 8.69
Date of completion : One Calendar Month to Three Calendar Months

**Date and Time schedule :**

| Start | End | Opening |
|---|---|---|
| 3.00 PM on dt. 08.07.2026 | 5.00 PM on dt.18.07.2026 | 11.00 A.M. on dt.22.07.2026 |

**Tender Details : can be seen from the procurement portal : www.tendersorissa.gov.in**

**Caption No: 13001/1105/2627**

sd/-
**Executive Engineer, City Division-I**



Mail I.D- ee_nimapara@yahoo,co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, NIMAPARA**

No :- Tender Online-Divn.NPR-07 12026-27 Date:- 24.06.2026

**e - Procuremen NOTICE**

1. Name of the work : Road Works for the year 2026-27.
2.TotalNo. of Projects : 10 (Ten) nos ofprojects.
3. Estimated cost of projects : Varies from Rs.5.08 lakh to Rs. 18.64 lakh
**4.Class of contractor**
A) E,stimated Cost ibove Rs 20.00lakhs and upto Rs. 300.00Lakhs. "B" Class (of Odisha PWD) or relevant Class of other licensing authorities.
B) Estimated Cost lnore than Rs 20.00laks and Lrpto Rs. ,10.00Lakhs. "C" Class & 668" Class (of Odisha PWD) or relevant Class of other licensing authorities.
C) Estirnated Cost upto Rs. 20.00Lakhs IVlocle of Submission of tender "D" Class & *C' Class (of Odisha PWD) or relevant Class of other licensing authorities.
5. Modd of submission of tender : Tender should be submitted online only in website www.tendersorissa. gov. in
6. Period of Completion : As per TCN
7. Other details.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara. | Tender On-line-Divn. NPR-07/2026-27 | 09.07.06.2026 at 11.00 A.M. | 17.07.2026 up to 5.00 P.M | 17.07.2026 up to 11.00 P.M | 18.07.2026 at 11.00 A.M. Office of the S.E. R.W. Division, Nimapara. |

Further details can be seen from thewebsite www.tendersorissa.gov.in

**Caption No : 25001/676/2627**

**Sd/-**
**Superintending Engineer, Rural Works Division, Nimapara**



**GOVERNMENT OF ODISHA**
**OFFICE OF THE SUPERINTENDINGENGINEER**
**RURAL WORKS DIVISION: GUNUPUR**

**Lr.No.3117/Dated.23.06.2026 e-mail id: eerwgunupur@gmail.com**
**GEPNIC e-Procurement Notice**
**(Bid Identification No.-SERWGNP-Online-06/2026-27)**

1 Name of the Work : Building Works
2 Total No. of Works : 06Nos (Percentage rate tender)
3 Estimated Cost : As mentioned in Col. 3 of TCN Annexure
4 Class of Contractor : As mentioned in Col. 5 of TCN Annexure
5 Period of Completion : As mentioned in Col. 4 of TCN Annexure
6 EMD : As mentioned in Col. 6 of TCN Annexure
7 Paper Cost : As mentioned in Col. 7 of TCN Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Gunupur | SERWGNP-Online-06/2026-27 | 10.07.2026 at 11.00 A.M. | 22.07.2026 up to 5.00 P.M. | 23.07.2026 at 11.00 A.M |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Other details can be seen in the bidding documents, which is available in website www.tendersodisha.gov.in Any subsequent addendum or corrigendum will be made available in the above website.

**Caption No : 25001/666/2627**

**Sd/-**
**Superintending Engineer, Rural Works Division, Gunpur**


# ଓଡ଼ିଆରେ ନିମନ୍ତ୍ରଣ ପତ୍ର ଛାପି ସମ୍ବର୍ଦ୍ଧିତ



ବ୍ରହ୍ମପୁର, ୭।୭(ନିପ୍ର): ସ୍ଥାନୀୟ ଆସିକାରୋଡ୍‌ସ୍ଥିତ ତୁଳସୀ ନଗର ତୃତୀୟ ଲାଇନ୍ ନିବାସୀ ପ୍ରମୋଦ କୁମାର ସାହୁଙ୍କ ନାତି ରିଷି କୁମାରଙ୍କ ବ୍ରତୋପନୟନ ଉତ୍ସବ କାର୍ଯ୍ୟକ୍ରମ ସକାଶେ ଓଡ଼ିଆ ଭାଷାରେ ନିମନ୍ତ୍ରଣ ପତ୍ର ଛପାଇଥିଲେ । ଏହି ନିମନ୍ତ୍ରଣ ପତ୍ର ବନ୍ଧୁବାନ୍ଧବ ଏବଂ ସାଙ୍ଗସାଥୀଙ୍କୁ ବଣ୍ଟନ କରିଥିଲେ । ଏହି ଖବର ପାଇବା ପରେ ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ସମ୍ପୃକ୍ତ ସଦସ୍ୟଙ୍କ ନିକଟରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସଙ୍ଗଠନର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ଭୋଜି ସ୍ଥଳରେ ପହଞ୍ଚି ବହୁ ନିମନ୍ତ୍ରିତଙ୍କ ଗହଣରେ ଓଡ଼ିଆ ଭାଷା ଆନ୍ଦୋଳନ ରିଷି କୁମାରର ଜେଜେ ବାପା ପ୍ରମୋଦ କୁମାର ସାହୁ, ଜେଜେମା ପ୍ରଭାସିନୀ ସାହୁଙ୍କୁ ଉପଢ଼ୌକନ ଓ ଫୁଲତୋଡ଼ା ପ୍ରଦାନ କରି ସମ୍ବର୍ଦ୍ଧନା ଏବଂ ନବବ୍ରହ୍ମଚାରିଙ୍କୁ ଫୁଲତୋଡ଼ା ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମୋହନ ଚରଣ ସ୍ୱାଇଁ, ଲିଙ୍ଗରାଜ ମହାପାତ୍ର, ସୀମାଞ୍ଚଳ ପତି, ପଙ୍କଜ କୁମାର ନାୟକ ସମେତ ଅନ୍ୟ ସଦସ୍ୟ ଉପସ୍ଥିତଥିଲେ । ଓଡ଼ିଆ ଭାଷା ଆନ୍ଦୋଳନର ସଭାପତି ଶ୍ରୀ ମହାରଣା ସମସ୍ତଙ୍କୁ ଅନୁରୋଧ କଲେ ସବୁ ଭାଷାକୁ ଭଲ ପାଅ କିନ୍ତୁ ନିଜ ମାତୃଭାଷାକୁ ସମୃଦ୍ଧ କରିବା ଏବଂ ନିଜ ପିଲାଙ୍କୁ ପାପା, ମମି, ଆଣ୍ଟି, ଅଙ୍କଲ ବଦଳରେ ବାପା, ମାଆ, ମାଉସୀ, ମଉସା ପରିବାରରେ ପିଲାଙ୍କୁ ଶିକ୍ଷା ଦେଇ ପବିତ୍ର ଡ଼ାକକୁ ସୁରକ୍ଷିତ କରନ୍ତୁ । ଏହି ଅବସରରେ ଶ୍ରୀ ମହାରଣା ଅନୁରୋଧ କରିଥିଲେ ଜନସାଧାରଣ ନିଜର ମାଙ୍ଗଳିକ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାରେ ନିମନ୍ତ୍ରଣ ପତ୍ର ଛପାଇବା ଓ ବେନେର ଲଗାନ୍ତୁ ଏବଂ ନିଜ ବାସଗୃହରେ ଓଡ଼ିଆରେ ନାମଫଳକ ଲେଖନ୍ତୁ ।

## ପ୍ରଥମ ପୃଷ୍ଠାରୁ..

ପ୍ରଥମ ପୃଷ୍ଠାରୁ..

### ସିରିଆରେ ଫ୍ରାନ୍ସ ରାଷ୍ଟ୍ରପତି ...

ସିରିଏଲ ବିସ୍ଫୋରଣରେ ପୋଲିସ କର୍ମଚାରୀଙ୍କ ସହ ୧୮ ଜଣ ଆହତ ହୋଇଥିବା ସୂଚନା ରହିଛି। ମାକ୍ରନ ମଧ ସିରିଆର ରାଷ୍ଟ୍ରପତି ଅହମଦ ଅଲ୍-ଶାରାଙ୍କୁ ସାକ୍ଷାତ କରିଛନ୍ତି। ମାକ୍ରନ ମଧ ସିଭିଲ ସୋସାଇଟି ଗୋଷ୍ଠୀଙ୍କ ସହ ବୈଠକ କରିଛନ୍ତି।

### ଫିଟ୍‌ନେସ ନିୟମ ...

ଫିଟନେସ, ବୀମା, ପର୍ମିଟ ନଥିଲେ ଗାଡ଼ି ଜବତ ହେବ। ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ଏସ୍‌ଟିଏଫ୍ କଠୋର ହୋଇଛି। ଯେଉଁ ଅଧିକାରୀ ଯାଞ୍ଚ ନିୟମ ପାଳନ କରିବେନାହିଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ମାଓଡ଼ମ୍ପରୁ ବିପୁଳ ...

ନୂଆପଡ଼ା ଜିଲ୍ଲା ପୋଲିସ ମୁଖ୍ୟାଳୟର ସୂଚନା ଅନୁଯାୟୀ, ମିଳିତ ସୁରକ୍ଷା ବାହିନୀ ପକ୍ଷରୁ ଏହି ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଥିଲା। ଅପରେସନ ବେଳେ ଠାବ ହୋଇଥିଲା ମାଓଡମ୍ପ। ଏହି ମାଓଡ଼ମ୍ପରେ ୨ଟି ଦେଶୀ ବନ୍ଧୁକ, ହାତତିଆରି କାର୍ବାଇନ୍ ଓ ମାଗାଜିନ୍, ୨୯ଟି ଅଫୁଟା ଏକେ୪୭ ଗୁଳି, ଏସ୍‌ଏଲ୍‌ଆର୍ ୫୪ଟି ଅଫୁଟା ଗୁଳି, ଦୁଇଟି ଟିଫିନ୍ ଆଇଇଡ଼ି, ୮ଟି ଜିଲାଟିନ୍ ଷ୍ଟିକ୍, ଗୋଟିଏ ମଲ୍ଟି ମିଟର, ଗୋଟିଏ ୧୨ଭୋଲ୍ଟ ବ୍ୟାଟେରୀ, ୧.୫ କିଲୋଗ୍ରାମ ଗନ୍‌ପାଉଡ଼ର, ୟୁରିଆ, ସୌରଶକ୍ତି ସଂଗ୍ରହ ପ୍ଲେଟ୍, କୋଡ଼େକ୍ସ ତାର, ଲୁହାଗୁଳି ୧ କିଗ୍ରା, ମାଓବାଦୀ ପୋଷାକ, ଜୋତା, ରନ୍ଧା ବାସନ କୁସନ, ଔଷଧ କିଟ୍ ଆଦି ରହିଥିଲା।

### ହଟିବେ ଦଲାଲ...

ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଏଣିକି ଜମି ପଞ୍ଜୀକରଣ ପାଇଁ ଆଉ ବାରମ୍ବାର ରେଜିଷ୍ଟ୍ରେସନ ଅଫିସକୁ ଦୌଡ଼ିବାକୁ ପଡ଼ିବନି। କେବଳ ଜମିମାଲିକଙ୍କୁ ଚିହ୍ନଟ ପାଇଁ ଅଫିସ ଯିବାକୁ ହେବ। ରେଜିଷ୍ଟ୍ରେସନ ପରେ ଦଲିଲ ମଧ ଅନ୍‌ଲାଇନରେ ମିଳିବ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବଶୀଘ୍ର ଜାରି ହେବ ଏସ୍‌ଓପି। ରାଜସ୍ୱ ଅଧିକାରୀଙ୍କୁ ମଧ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ।

### କେରଳରେ ଭୂସ୍ଖଳନ...

ସେଠାରେ ଥିବା ଏକ ଟ୍ରଲରକୁ ଘୋଷାଡ଼ି ନେଇଥିଲା। ୨୪ ଘଣ୍ଟାରେ ସେହି ଅଞ୍ଚଳରେ ହୋଇଥିଲା ୨୬୫ ମିମି ବର୍ଷା। ଏହି ପ୍ରବଳ ବର୍ଷା ହିଁ ଭୂସ୍ଖଳନର କାରଣ। ଭୂସ୍ଖଳନ ପରେ ନିକଟସ୍ଥ ଆବାସିକ ଘର ଓ ହୋମ୍‌ଷ୍ଟେଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। କେତେକ ଗାଡ଼ି ମଧ୍ୟ ମାଟି ଓ କାଦୁଅରେ ଦବି ରହିଛି। ମାଟି କାଦୁଅ ଭିତରୁ ୫ ଜଣ ଆହତଙ୍କୁ ଉଦ୍ଧାରକାରୀ ଟିମ୍ ଉଦ୍ଧାର କରିଛନ୍ତି।


**ସର୍ବସାଧାରଣ ବିଜ୍ଞପ୍ତି**
**(ଇନ୍‌ସଲ୍‌ଭେନସୀ ଆଣ୍ଡ୍ ବ୍ୟାଙ୍କରପ୍ଟସୀ କୋର୍ଡ ୨୦୧୬ର ଧାରା ୧୦୨ (୧) ଅନ୍ତର୍ଗତ)**
**ଋଣଗ୍ରହୀତା ସୁଚିତ୍ରା ଦାସଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ**

| | ଗୁରୁତ୍ୱପୂର୍ଣ୍ଣ ବିବରଣୀ | |
|---|---|---|
| ୧. | ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତା(ପିଜି)ଙ୍କ ନାମ | ଶ୍ରୀମତୀ ସୁଚିତ୍ରା ଦାସ |
| ୨. | ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ / ମୁଖ୍ୟ କାର୍ଯ୍ୟାଳୟ/ବାସସ୍ଥାନ ଠିକଣା | କ୍ୱାର୍ଟର ନଂ.: ଏନ୍/୧/୪୧, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୫ |
| ୩. | ବିଚାରକ କର୍ତ୍ତୃପକ୍ଷଙ୍କ ଆଦେଶର ବିବରଣୀ | IBC, 2016ରେ ଧାରା 100 ଅନ୍ତର୍ଗତ C.P. (IB) No.17/CB/2024 ରେ NCLT, କଟକ ବେଞ୍ଚ ଦ୍ୱାରା ୦୨.୦୭.୨୦୨୬ ତାରିଖରେ ପାସ୍ କରାଯାଇଥିବା ଆଦେଶ |
| ୪. | ଇନସଲଭେନସୀ ରିଜୋଲ୍ୟୁସନ ପ୍ରକ୍ରିୟାର ଆରମ୍ଭ ତାରିଖ | ୦୨.୦୭.୨୦୨୬ |
| ୫. | ରିଜୋଲ୍ୟୁସନ ପ୍ରଫେସନାଲଙ୍କ ନାମ ଏବଂ ପଞ୍ଜିକୃତ ନଂ | ନାମ: ସୁରେଶ ଚନ୍ଦ୍ର ପଟ୍ଟନାୟକ IBBI Registration No.: IBBI/IPA-002/IP-N00759/2018-19/12384 |
| ୬. | ବୋର୍ଡ ପଞ୍ଜିକରଣ ଅନୁଯାୟୀ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ଠିକଣା ଏବଂ ଇ-ମେଲ | ସୁରେଶ ଚନ୍ଦ୍ର ପଟ୍ଟନାୟକ ଜିକେଭି-୩୮, ଗତି କୃଷ୍ଣ ଭିଲ୍ଲା, ଟଙ୍କପାଣୀ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୧୦୧୮ ଇମେଲ ଆଇଡି-**suresh_pattanayak@yahoo.co.in** |
| ୭. | ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ସହିତ ଯୋଗାଯୋଗ ପାଇଁ ବ୍ୟବହାର କରିବାକୁ ଥିବା ଠିକଣା ଏବଂ ଇ-ମେଲ | ସୁରେଶ ଚନ୍ଦ୍ର ପଟ୍ଟନାୟକ ୩୪୧, ତଳ ମହଲା, ବିଜେବି ନଗର, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୪ **ପ୍ରୋସେସ୍ ଇମେଲ ଆଇଡି**-swarnapgrp@gmail.com |
| ୮. | ଦାବୀ ଦାଖଲ କରିବାର ଅନ୍ତିମ ତାରିଖ | ୨୩.୦୭.୨୦୨୬ |
| ୯. | ଗୁରୁତ୍ୱପୂର୍ଣ୍ଣ ଫର୍ମ ଯେଉଁଠାରେ ଉପଲବ୍ଧ: | କ) ଇନସଲଭେନସୀ ଆଣ୍ଡ୍ ବ୍ୟାଙ୍କରପ୍ଟସୀ ବୋର୍ଡ ଅଫ୍ ଇଣ୍ଡିଆ (କର୍ପୋରେଟ ଋଣଗ୍ରହୀତାଙ୍କ ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ ପାଇଁ ଇନସଲଭେନସୀ ରିଜୋଲ୍ୟୁସନ ପ୍ରକ୍ରିୟା) ନିୟମାବଳୀ ୨୦୧୯ର ନିୟମାବଳୀ ୭(୧)ର ଫର୍ମ ବି ଖ) ୱେବ୍ ଲିଙ୍କ: **https://ibbi.gov.in/home/downloads** |

ଏତଦ୍‌ଦ୍ୱାରା ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛିକି, ଧାରା ୧୦୦ ଅର୍ନ୍ତଗତ ବିଚାରକ କର୍ତ୍ତୃପକ୍ଷ ଏନ୍‌ସିଏଲ୍‌ଟି, କଟକ **ଶ୍ରୀମତୀ ସୁଚିତ୍ରା ଦାସଙ୍କ** ଇନସଲଭେନସୀ ରିଜୋଲ୍ୟୁସନ୍ ପ୍ରକ୍ରିୟା ତା. ୦୨ ଜୁଲାଇ ୨୦୨୬ରିଖରେ ଆରମ୍ଭ କରିବାକୁ ଆଦେଶ ଦେଇଛନ୍ତି।
ଉପରୋକ୍ତ ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ କ୍ରେଡିଟରମାନଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଏଣ୍ଟ୍ରି ନଂ. ୭ ଅଧିନରେ ଉଲ୍ଲେଖ କରାଯାଇଥିବା ଠିକଣାରେ ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ନିକଟରେ **ତା.୨୩.୦୭.୨୦୨୬ରିଖ** କିମ୍ବା ପୂର୍ବରୁ ପ୍ରମାଣ ସହିତ ସେମାନଙ୍କର ଦାବୀ ଦାଖଲ କରନ୍ତୁ।
କ୍ରେଡିଟରମାନେ ସେମାନଙ୍କର ଦାବୀ ପ୍ରମାଣ ସହିତ ଇଲେକ୍ଟ୍ରୋନିକ କିମ୍ବା ଡାକ / କୋରିୟର୍ ମାଧ୍ୟମରେ ଦାଖଲ କରିବେ ।
ଦାବୀର ମିଥ୍ୟା କିମ୍ବା ବିଭ୍ରାନ୍ତିକର ପ୍ରମାଣ ଦାଖଲ ଦଣ୍ଡନୀୟ।

**ସ୍ୱା/- ସୁରେଶ ଚନ୍ଦ୍ର ପଟ୍ଟନାୟକ**
**ରିଜୋଲ୍ୟୁସନ ପ୍ରଫେସନାଲ**
**ପଞ୍ଜିକୃତ ନଂ.: IBBI/IPA-002/IP-N00759/2018-19/12384**
**ଏଏଫ୍‌ଏ ନଂ.: AA2/12384/02/311226/204005 ବୈଧତା- ୩୧.୧୨.୨୦୨୬ ପର୍ଯ୍ୟନ୍ତ**
**ଠିକଣା- ଜିକେଭି-୩୮, ଗତି କୃଷ୍ଣ ଭିଲ୍ଲା, ଟଙ୍କପାଣୀ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୧୦୧୮**
**ଯୋଗାଯୋଗ ନଂ.: ୯୮୬୧୦୧୯୫୫୪/୭୮୯୪୪୧୨୦୯୪,**
ଇମେଲ ଆଇଡି-**suresh_pattanayak@yahoo.co.in**

**ତାରିଖ: ୦୮.୦୭.୨୦୨୬**
**ସ୍ଥାନ: ଭୁବନେଶ୍ୱର**



**ସର୍ବସାଧାରଣ ବିଜ୍ଞପ୍ତି**
**(ଇନ୍‌ସଲ୍‌ଭେନସୀ ଆଣ୍ଡ୍ ବ୍ୟାଙ୍କରପ୍ଟସୀ କୋର୍ଡ ୨୦୧୬ର ଧାରା ୧୦୨ (୧) ଅନ୍ତର୍ଗତ)**
**ଋଣଗ୍ରହୀତା ଡଃ. ଚିତ୍ତରଞ୍ଜନ ଦାସଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ**

| | ଗୁରୁତ୍ୱପୂର୍ଣ୍ଣ ବିବରଣୀ | |
|---|---|---|
| ୧. | ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତା(ପିଜି)ଙ୍କ ନାମ | ଡଃ. ଚିତ୍ତରଞ୍ଜନ ଦାସ |
| ୨. | ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ / ମୁଖ୍ୟ କାର୍ଯ୍ୟାଳୟ/ବାସସ୍ଥାନ ଠିକଣା | କ୍ୱାର୍ଟର ନଂ.: ଏନ୍/୧/୪୧, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୫ |
| ୩. | ବିଚାରକ କର୍ତ୍ତୃପକ୍ଷଙ୍କ ଆଦେଶର ବିବରଣୀ | IBC, 2016ରେ ଧାରା 100 ଅନ୍ତର୍ଗତ C.P. (IB) No.16/CB/2024 ରେ NCLT, କଟକ ବେଞ୍ଚ ଦ୍ୱାରା ୦୨.୦୭.୨୦୨୬ ତାରିଖରେ ପାସ୍ କରାଯାଇଥିବା ଆଦେଶ |
| ୪. | ଇନସଲଭେନସୀ ରିଜୋଲ୍ୟୁସନ ପ୍ରକ୍ରିୟାର ଆରମ୍ଭ ତାରିଖ | ୦୨.୦୭.୨୦୨୬ |
| ୫. | ରିଜୋଲ୍ୟୁସନ ପ୍ରଫେସନାଲଙ୍କ ନାମ ଏବଂ ପଞ୍ଜିକୃତ ନଂ | ନାମ: ସୁରେଶ ଚନ୍ଦ୍ର ପଟ୍ଟନାୟକ IBBI Registration No.: IBBI/IPA-002/IP-N00759/2018-19/12384 |
| ୬. | ବୋର୍ଡ ପଞ୍ଜିକରଣ ଅନୁଯାୟୀ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ଠିକଣା ଏବଂ ଇ-ମେଲ | ସୁରେଶ ଚନ୍ଦ୍ର ପଟ୍ଟନାୟକ ଜିକେଭି-୩୮, ଗତି କୃଷ୍ଣ ଭିଲ୍ଲା, ଟଙ୍କପାଣୀ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୧୦୧୮ ଇମେଲ ଆଇଡି-**suresh_pattanayak@yahoo.co.in** |
| ୭. | ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ସହିତ ଯୋଗାଯୋଗ ପାଇଁ ବ୍ୟବହାର କରିବାକୁ ଥିବା ଠିକଣା ଏବଂ ଇ-ମେଲ | ସୁରେଶ ଚନ୍ଦ୍ର ପଟ୍ଟନାୟକ ୩୪୧, ତଳ ମହଲା, ବିଜେବି ନଗର, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୪ **ପ୍ରୋସେସ୍ ଇମେଲ ଆଇଡି**-swarnapgrp@gmail.com |
| ୮. | ଦାବୀ ଦାଖଲ କରିବାର ଅନ୍ତିମ ତାରିଖ | ୨୩.୦୭.୨୦୨୬ |
| ୯. | ଗୁରୁତ୍ୱପୂର୍ଣ୍ଣ ଫର୍ମ ଯେଉଁଠାରେ ଉପଲବ୍ଧ: | କ) ଇନସଲଭେନସୀ ଆଣ୍ଡ୍ ବ୍ୟାଙ୍କରପ୍ଟସୀ ବୋର୍ଡ ଅଫ୍ ଇଣ୍ଡିଆ (କର୍ପୋରେଟ ଋଣଗ୍ରହୀତାଙ୍କ ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ ପାଇଁ ଇନସଲଭେନସୀ ରିଜୋଲ୍ୟୁସନ ପ୍ରକ୍ରିୟା) ନିୟମାବଳୀ ୨୦୧୯ର ନିୟମାବଳୀ ୭(୧)ର ଫର୍ମ ବି ଖ) ୱେବ୍ ଲିଙ୍କ: **https://ibbi.gov.in/home/downloads** |

ଏତଦ୍‌ଦ୍ୱାରା ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛିକି, ଧାରା ୧୦୦ ଅର୍ନ୍ତଗତ ବିଚାରକ କର୍ତ୍ତୃପକ୍ଷ ଏନ୍‌ସିଏଲ୍‌ଟି, କଟକ **ଡଃ. ଚିତ୍ତରଞ୍ଜନ ଦାସଙ୍କ** ଇନସଲଭେନସୀ ରିଜୋଲ୍ୟୁସନ୍ ପ୍ରକ୍ରିୟା ତା. ୦୨ ଜୁଲାଇ ୨୦୨୬ରିଖରେ ଆରମ୍ଭ କରିବାକୁ ଆଦେଶ ଦେଇଛନ୍ତି।
ଉପରୋକ୍ତ ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ କ୍ରେଡିଟରମାନଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଏଣ୍ଟ୍ରି ନଂ. ୭ ଅଧିନରେ ଉଲ୍ଲେଖ କରାଯାଇଥିବା ଠିକଣାରେ ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ନିକଟରେ **ତା.୨୩.୦୭.୨୦୨୬ରିଖ** କିମ୍ବା ପୂର୍ବରୁ ପ୍ରମାଣ ସହିତ ସେମାନଙ୍କର ଦାବୀ ଦାଖଲ କରନ୍ତୁ।
କ୍ରେଡିଟରମାନେ ସେମାନଙ୍କର ଦାବୀ ପ୍ରମାଣ ସହିତ ଇଲେକ୍ଟ୍ରୋନିକ କିମ୍ବା ଡାକ / କୋରିୟର୍ ମାଧ୍ୟମରେ ଦାଖଲ କରିବେ ।
ଦାବୀର ମିଥ୍ୟା କିମ୍ବା ବିଭ୍ରାନ୍ତିକର ପ୍ରମାଣ ଦାଖଲ ଦଣ୍ଡନୀୟ।

**ସ୍ୱା/- ସୁରେଶ ଚନ୍ଦ୍ର ପଟ୍ଟନାୟକ**
**ରିଜୋଲ୍ୟୁସନ ପ୍ରଫେସନାଲ**
**ପଞ୍ଜିକୃତ ନଂ.: IBBI/IPA-002/IP-N00759/2018-19/12384**
**ଏଏଫ୍‌ଏ ନଂ.: AA2/12384/02/311226/204005 ବୈଧତା- ୩୧.୧୨.୨୦୨୬ ପର୍ଯ୍ୟନ୍ତ**
**ଠିକଣା- ଜିକେଭି-୩୮, ଗତି କୃଷ୍ଣ ଭିଲ୍ଲା, ଟଙ୍କପାଣୀ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୧୦୧୮**
**ଯୋଗାଯୋଗ ନଂ.: ୯୮୬୧୦୧୯୫୫୪/୭୮୯୪୪୧୨୦୯୪,**
ଇମେଲ ଆଇଡି-**suresh_pattanayak@yahoo.co.in**

**ତାରିଖ: ୦୮.୦୭.୨୦୨୬**
**ସ୍ଥାନ: ଭୁବନେଶ୍ୱର**

# ଆଇଆଇଏମ୍‌ଟିରେ ଜାତୀୟ କର୍ମଶାଳା



ଭୁବନେଶ୍ୱର,୭।୭((ନିପ୍ର): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମ୍‌ଟି), ଭୁବନେଶ୍ୱରରେ ଶିକ୍ଷଣ-ଫଳାଫଳଭିତ୍ତିକ ଶିକ୍ଷା ଏବଂ ଜାତୀୟ ମାନ୍ୟତା ପ୍ରଦାନ ବୋର୍ଡ (ଏନବିଏ) ମାନ୍ୟତା: ଗୁଣାତ୍ମକ ଇଞ୍ଜିନିୟରିଂ ଶିକ୍ଷା ଦିଗରେ ଏକ ରଣନୈତିକ ରୂପରେ ଶୀର୍ଷକ ପାଞ୍ଚଦିନିଆ ଅନଲାଇନ୍ କର୍ମଶାଳା ଶୁଭାରମ୍ଭ ହୋଇଯାଇଛି।ଜୁଲାଇ ୭ରୁ ଜୁଲାଇ ୧୧ ପର୍ଯ୍ୟନ୍ତ ଆୟୋଜିତ କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଅଧ୍ୟାପକମାନଙ୍କ ମଧ୍ୟରେ ଶିକ୍ଷଣ-ଫଳାଫଳ ଭିତ୍ତିକ ଶିକ୍ଷା (ଓବିଇ) ଏବଂ ଜାତୀୟ ମାନ୍ୟତା ପ୍ରଦାନ ବୋର୍ଡ (ଏନବିଏ) ମାନ୍ୟତା ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ଓ ବୁଝାମଣାର ବିକାଶ ଘଟାଇ ଉଚ୍ଚଶିକ୍ଷାରେ ଗୁଣାତ୍ମକ ନିଶ୍ଚିତତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା। ଉଦ୍ଘାଟନୀ ଅଧିବେଶନରେ ଆଇଆଇଏମ୍‌ଟିର ଅଧ୍ୟକ୍ଷ ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକ ଉଦବୋଧନ ପ୍ରଦାନ କରି ଉଚ୍ଚଶିକ୍ଷାରେ ଗୁଣାତ୍ମକ ମାନଦଣ୍ଡର ଗୁରୁତ୍ୱ ଏବଂ ଜାତୀୟ ମାନ୍ୟତା ବ୍ୟବସ୍ଥା ସହ ଶିକ୍ଷାନୁଷ୍ଠାନଗୁଡ଼ିକର ସାମଞ୍ଜସ୍ୟ ସ୍ଥାପନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆଇଆଇଏମ୍‌ଟି ନିର୍ଦ୍ଦେଶକ ପ୍ରଫେସର ଡ. ଜୟଦେବ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ବିଷୟ ବିଶେଷଜ୍ଞ ଭାବେ ଜିଏଲଏ ବିଶ୍ୱବିଦ୍ୟାଳୟ, ମଥୁରାର ଅନ୍ତର୍ଜାତୀୟ ସମ୍ପର୍କ ଏବଂ ଶୈକ୍ଷଣିକ ସହଯୋଗ ବିଭାଗର ଡିନ୍ ତଥା କମ୍ପ୍ୟୁଟର ଇଞ୍ଜିନିୟରିଂ ଓ ପ୍ରୟୋଗ ବିଭାଗର ପ୍ରଫେସର ଦିଲୀପ କୁମାର ଶର୍ମା ଯୋଗଦେଇଛନ୍ତି। କର୍ମଶାଳାର ସଂଯୋଜନା ଦାୟିତ୍ୱ ବାଣିଜ୍ୟ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଆଲୋକ ଅରୁଣ ତୁଲାଇଥିଲେ। ଆଗାମୀ ଚାରିଦିନର ଅଧିବେଶନଗୁଡ଼ିକରେ ଶିକ୍ଷଣ-ଫଳାଫଳ ଭିତ୍ତିକ ଶିକ୍ଷାର ବ୍ୟବହାରିକ କାର୍ଯ୍ୟାନ୍ୱୟନ, ଏନବିଏ ମାନ୍ୟତା ପାଇଁ ପ୍ରସ୍ତୁତି, ଆବଶ୍ୟକ ଦଲିଲ ପ୍ରସ୍ତୁତି, ମୂଲ୍ୟାଙ୍କନ କୌଶଳ ଏବଂ ଉଚ୍ଚଶିକ୍ଷାରେ ସ୍ଥାୟୀ ଗୁଣାତ୍ମକ ଉନ୍ନତି ସୁନିଶ୍ଚିତ କରିବା ପାଇଁ ଉତ୍ତମ ଅଭ୍ୟାସ ସମ୍ପର୍କରେ ଆଲୋଚନା ଓ ପ୍ରଶିକ୍ଷଣ ପ୍ରଦାନ କରାଯିବ।

# ବୃଦ୍ଧଙ୍କୁ ପିଟିଲା ଟ୍ରକ

ରାଇରଙ୍ଗପୁର,୭।୭(ନିପ୍ର): ସରକାରଙ୍କ ଶୂନ୍ୟ ଦୁର୍ଘଟଣା ପଦକ୍ଷେପ ଫେଲ ମାରିଛି। ଅମାନିଆ ଡ୍ରାଇଭରଙ୍କ ଯୋଗୁଁ ଜଣେ ସାଇକେଲରେ ଯାଉଥିବା ଜଣେ ବୃଦ୍ଧ ଚାଷୀଙ୍କ ଜୀବନ ଯାଇଛି। ରାଇରଙ୍ଗପୁର ଗୋଲେଇ ଛକରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏହି ଦୁର୍ଘଟଣା ଘଟିଛି। ଟାଉନଥାନା ଅନ୍ତର୍ଗତ ଶିମିଳିନାଳି ଗ୍ରାମର ଚାଷୀ ବୀର ମହାନ୍ତ (୬୮) ସାଇକେଲରେ ରାଇରଙ୍ଗପୁର ସହରରୁ ତେଲ ଲୁଣ ଓ ପନିପରିବା କିଣି ଗୋଲେଇ ଛକରେ ଯାଉଥିବାବେଳେ ପଛଆଡ଼କୁ ଏକ ମାଲ୍ ବୋଝେଇ ଟ୍ରକ ଧକ୍କା ଦେଇଥିଲା। ସେ ସାଇକେଲ ସହ ପେଶି ହୋଇଯାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ରାଇରଙ୍ଗପୁର ଟାଉନ ଥାନାଧିକାରୀ ରଞ୍ଜନ ସେଠୀ ସହକର୍ମୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ସହିତ ମୃତକଙ୍କୁ ଉଦ୍ଧାର କରିବା ସହ ରାଇରଙ୍ଗପୁର ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସାଇକେଲ ଓ ଟ୍ରକକୁ ଜବତ କରିବା ସହିତ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି ଥାନା ଅଧିକାରୀ। ରାଇରଙ୍ଗପୁର ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଗୋଲେଇ ଛକ, ଦୁର୍ଗାମଣ୍ଡପ ଛକ, ମୁର୍ମୁ ଛକ, ରେଳ ଫାଟକ ଛକ, ମେଡିକାଲ ଛକ, ଗାନ୍ଧୀ ଛକରେ ଟ୍ରାଫିକ ପୋଲିସ ନିଯୁକ୍ତି ପାଇଁ ଏସ୍‌ପିଙ୍କ ନିକଟରେ ଦାବି ହେଉଛି ।



# ୧୪ ଘଣ୍ଟା ପରେ ମିଳିଲା ସୁରେଶଙ୍କ ମୃତଦେହ

## ଉଚ୍ଚ ବ୍ରିଜ୍ ନିର୍ମାଣ ନ ହେଲେ ଆନ୍ଦୋଳନ ଚେତାବନୀ



ସମ୍ବଲପୁର,୭।୭ (ସୁଶାନ୍ତ ମହାପାତ୍ର): ଲଗାଣ ବର୍ଷା ସମ୍ବଲପୁରବାସୀଙ୍କ ପାଇଁ ବିଭୀଷିକା ସାଜିଛି। ୨୪ ଘଣ୍ଟା ଅବିରତ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଥିବା ବେଳେ ବର୍ଷା ଜଳରେ ଭାସିଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଆଉଜଣେ ଗଛ ଡାଳକୁ ଧରି ପ୍ରାଣରକ୍ଷା କରିଛନ୍ତି। ଘଟଣାକୁ ନେଇ ବାଗଡ଼ିଆପଡ଼ା, ସଂକର୍ମା ଓ ସିଟି ଷ୍ଟେସନ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।ରବିବାର ରାତି ପ୍ରାୟ ସାଢ଼େ ୧୧ଟା ବେଳେ ବାଗଡ଼ିଆପଡ଼ାର ଗୋବର୍ଦ୍ଧନ ଚାନ୍ଦ (୬୫) ଓ ସୁରେଶ ଚନ୍ଦ୍ର ମହାରଣା (୫୫) ଏକ ସ୍କୁଟିରେ ଘରକୁ ଫେରୁଥିଲେ। ସେତେବେଳେ ସିଟି ଷ୍ଟେସନ ନିକଟସ୍ଥ ନାଳ ଉପରେ ଥିବା ଚେପ୍ଟି ପୁଲିଆ ଉପରେ ପ୍ରବଳ ସ୍ରୋତରେ ଜଳ ପ୍ରବାହିତ ହେଉଥିଲା। ଅନ୍ଧାର ଓ ତୀବ୍ର ସ୍ରୋତ ଯୋଗୁଁ ସ୍କୁଟି ନାଳକୁ ଖସିପଡ଼ିଥିଲା ଏବଂ ଉଭୟ ଭାସି ଯାଇଥିଲେ। ତେବେ ଭାଗ୍ୟବଶତଃ ଗୋବର୍ଦ୍ଧନ ଚାନ୍ଦ ଗଛ ଡାଳକୁ ଜାବୁଡ଼ି ଧରି ଜୀବନ ବଞ୍ଚାଇ ପାରିଥିଲେ। କିନ୍ତୁ ସୁରେଶ ପ୍ରଖର ସ୍ରୋତରେ ନିଖୋଜ ହୋଇ ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ୧୪ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ସୁରେଶ ମହାରଣାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣା ପରେ ପରିବାର ଓ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଲୋକଙ୍କ କ୍ଷୋଭ ଯେ ବାଗଡ଼ିଆପଡ଼ା ଦେଇ ଯାଇଥିବା ନାଳ ଉପରେ ଥିବା ଚେପ୍ଟି ପୁଲିଆ ବର୍ଷା ଦିନେ ସମ୍ପୂର୍ଣ୍ଣ ବୁଡ଼ିଯାଏ। ଏହା ଯୋଗୁଁ ପ୍ରତିବର୍ଷ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି।ବାଗଡ଼ିଆପଡ଼ା ସମେତ ଆଖପାଖର ପ୍ରାୟ ୧୦ଟି ଗ୍ରାମର ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ବର୍ଷାଦିନେ ଯାତାୟାତ ସମ୍ପୂର୍ଣ୍ଣ ବିପଦସଙ୍କୁଳ ହୋଇପଡ଼େ। ଅଞ୍ଚଳବାସୀଙ୍କ ଅଭିଯୋଗ ଯେ ୧୬ ଜୁନ୍, ୨୧ ଫେବୃଆରୀ ଏବଂ ପୂର୍ବରୁ ମଧ୍ୟ ଜିଲ୍ଲା ପ୍ରଶାସନ ଓ ରେଳ କର୍ତ୍ତୃପକ୍ଷଙ୍କୁ ଏକ ଉଚ୍ଚ ବ୍ରିଜ୍ ସହ ଉଭୟ ପାର୍ଶ୍ୱରେ ପକ୍କା ରାସ୍ତା ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ।ସୁରେଶ ମହାରଣାଙ୍କ ମୃତ୍ୟୁ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ଚରମ ସୀମାରେ ପହଞ୍ଚିଛି। ତୁରନ୍ତ ଉଚ୍ଚବ୍ରିଜ୍ ନିର୍ମାଣ ଆରମ୍ଭ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବାଗଡ଼ିଆପଡ଼ାବାସୀ ଚେତାବନୀ ଦେଇଛନ୍ତି।

# ଆମ୍ବୁଲାନ୍ସରେ ଶିଶୁ କନ୍ୟା ଜନ୍ମ



ରାୟଗଡ଼ା,୭। ୭(ନିପ୍ର): ଆମ୍ବୁଲାନ୍ସରେ ଜଣେ ଗର୍ଭବତୀ ମହିଳା ଏକ କନ୍ୟା ଜନ୍ମ କରିଛନ୍ତି। ଆମ୍ବୁଲାନ୍ସ କର୍ମଚାରୀଙ୍କ ପଦକ୍ଷେପ ଯୋଗୁଁ ସୁରକ୍ଷିତ ଭାବେ ଶିଶୁଟିଠି ଜନ୍ମ ହୋଇଛି। ଗୁଡାରି ବ୍ଲକ ଚାକୁଣ୍ଡା ଗ୍ରାମର ଭାନୁ ଜାଗାରଙ୍ଗାଙ୍କୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସରେ ପଦ୍ମପୁର ଡାକ୍ତରଖାନା ନେଉଥିଲେ। ମାତ୍ର ପ୍ରସବ ଯନ୍ତ୍ରଣା ବଢ଼ିବା ଯୋଗୁ ଏମରଜେନ୍ସି ମେଡିକାଲ ଟେକ୍ନିସିଆନ ଯୁଗଳ କିଶୋର ଶବର, ଡ୍ରାଇଭର ଏମ୍ ମାଧବ, ସହାୟକ ରବି ଶବର ଓ ଆଶା କର୍ମୀ ଜ୍ୟୋତି ମାଝି ଆମ୍ବୁଲାନ୍ସରେ ସୁ ରକ୍ଷିତ ପ୍ରସବ କରାଇଥିଲେ। ପ୍ରସବ ପରେ ମା ଓ ନବଜାତକକୁ ପଦ୍ମପୁର ସିଏଚସିରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ପରୀକ୍ଷା କରି ଉଭୟ ମା ଓ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ବୋଲି ସୂଚନା ପ୍ରଦାନ କରିଛନ୍ତି। ଆମ୍ବୁଲାନ୍ସ ଟିମ୍‌କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ବନ ମହୋତ୍ସବ ସପ୍ତାହ

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ୪,୩୦୦ ବୃକ୍ଷ ରୋପଣ



ବୁର୍ଲା,୭।୭ (ନିପ୍ର): ବନ ମହୋତ୍ସବ ସପ୍ତାହ- ଅବସରରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ( **ଟିପିଡବ୍ଲ୍ୟୁଓଡିଏଲ୍)** ପକ୍ଷରୁ ପଶ୍ଚିମ ଓଡ଼ିଶାର ନଅ ଜିଲ୍ଲାରେ ୪,୩୦୦ରୁ ଅଧିକ ବୃକ୍ଷ ଚାରା ରୋପଣ କରାଯାଇଛି। କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍ଆର) ଅଧୀନରେ ସହଯୋଗୀ ସଂସ୍ଥା 'ଆଲୋକ' ସହାୟତାରେ ଏହି ବ୍ୟାପକ ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଥିଲା।'ଆଜି ଗୋଟିଏ ଗଛ, ଆସନ୍ତାକାଲି ହଜାର ହସ' ସ୍ଲୋଗାନକୁ ନେଇ ଆୟୋଜିତ ଏହି ଅଭିଯାନ ଅଧୀନରେ ଗତ ୫ ତାରିଖରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ଫରେଷ୍ଟର ରୋଶନି ନାୟକ, ଛାତ୍ରଛାତ୍ରୀ, ଅଧ୍ୟାପକ, ବନ ବିଭାଗର ଅଧିକାରୀ ଏବଂ କମ୍ପାନୀର କର୍ମଚାରୀ ଯୋଗ ଦେଇଥିଲେ । ୨୫୦ରୁ ଅଧିକ ସ୍ୱେଚ୍ଛାସେବୀଙ୍କ ସହଭାଗିତାରେ ୧,୦୦୦ଚାରା ରୋପଣ କରା ଯାଇଥିଲା । ଏହା ବ୍ୟତୀତ ସୁନ୍ଦରଗଡ଼ ଜିଲ୍ଲାରେ ୧,୦୦୦, କଳାହାଣ୍ଡିରେ ୭୦୦ ଏବଂ କମ୍ପାନୀର ବିଭିନ୍ନ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ସାମୁଦାୟିକ ସ୍ଥାନଗୁଡ଼ିକରେ ୧,୫୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ସିଇଓ ଶ୍ରୀ ବର୍ମା କହିଥିଲେ, ଆଜି ରୋପଣ କରାଯାଉଥିବା ପ୍ରତ୍ୟେକ ବୃକ୍ଷ ଆଗାମୀ ପିଢ଼ି ପାଇଁ ଏକ ସବୁଜ, ସୁସ୍ଥ ଓ ସୁରକ୍ଷିତ ପରିବେଶର ଭିତ୍ତିପ୍ରସ୍ତର। ସମାଜ, ଶିକ୍ଷାନୁଷ୍ଠାନ ଓ ଯୁବପିଢ଼ିଙ୍କ ସହଭାଗିତାରେ ପରିବେଶ ସୁରକ୍ଷାକୁ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ କମ୍ପାନୀ ପ୍ରତିବଦ୍ଧ। ଆଗାମୀ ଦିନରେ ମଧ୍ୟ ଏଭଳି ପଦକ୍ଷେପ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ପଞ୍ଚାୟତ ବିକାଶ ଯୋଜନା କର୍ମଶାଳା




ରାୟଗଡ଼ା,୭।୭(ନିପ୍ର): ରାୟଗଡ଼ା ବ୍ଲକର ସଦଭାବନା ସଭାଗୃହରେ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଡିଓ ସୁଜିତ କୁମାର ମିଶ୍ର, ବ୍ଲକ୍ ଉପାଧ୍ୟକ୍ଷ ହର ପ୍ରସାଦ ହିପୃକା, ରାଜ୍ୟସ୍ତରୀୟ ସମ୍ବଳ ବ୍ୟକ୍ତିତ୍ୱ ରବି ନାରାୟଣ ଶତପଥୀ, ଜିପିଡିଓ ସ୍ମୃତିରେଖା ନାୟକ, ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ଓ ବରିଷ୍ଠ ଶିକ୍ଷକ ନିଳାଞ୍ଚଳ ମିଶ୍ର ଉପସ୍ଥିତ ଥିଲେ।ସରପଞ୍ଚ ଟୁଟୁ ତାଡ଼ିଙ୍ଗି, ମମିତା ହୁଇକା, ହରି କାଡ୍ରାକାଙ୍କ ସମେତ ନାଏବ ସରପଞ୍ଚ, ୱାର୍ଡ ସଦସ୍ୟ, ନିର୍ବାହୀ ଅଧିକାରୀ, ଏଡିଇଓ, ଜିଆରଏସ୍, ଶିକ୍ଷା, ସ୍ୱାସ୍ଥ୍ୟ, ପଶୁଧନ, ଯୋଗାଣ, ଜଙ୍ଗଲ, ମହିଳା ଓ ଶିଶୁ ବିକାଶ, ଜୀବିକା ମିଶନ ଆଦି ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଭିନ୍ନ ବିଭାଗୀୟ ବିଷୟ ଓ ଯୋଜନା ସମ୍ପର୍କିତ ଆଲୋଚନା ଏଥିରେ ସ୍ଥାନ ପାଇଥିଲା। ସାତ ପର୍ଯ୍ୟାୟରେ ଚାରୋଟି ଲେଖାଏଁ ପଞ୍ଚାୟତକୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହେବ। ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ନିର୍ଦ୍ଦେଶରେ ପ୍ରତି ବ୍ଲକରେ କର୍ମଶାଳା ଅନୁଷ୍ଠିତ ହେଉଛି। ଏକ ସନ୍ତୁଳିତ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ନିମନ୍ତେ ଗ୍ରାମ ଓ ପଞ୍ଚାୟତ ସ୍ତରୀୟ ପ୍ରତିନିଧି ଏଥିପାଇଁ ସଚେତନ ହେବା ଜରୁରୀ ବୋଲି ବିଡ଼ିଓ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

# ଖନ୍ତ ବିଟ୍‌ରେ ୫୦୦୦ ଚାରା ରୋପଣ



ରାଇରଙ୍ଗପୁର/ବିଜାତଳା , ୭/୦୭(ନିପ୍ର) ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ରାଇରଙ୍ଗପୁର ବନାଞ୍ଚଳର ବଡାମତଳିଆ ସେକ୍ସନର ଖନ୍ତ ବିଟ୍ ଆନୁକୁଲ୍ୟରେ ବିଜାତଳା ବ୍ଲକର ଖନ୍ତ ବିଟ୍ର ଖନ୍ତ ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର କୋର୍ଟର ଏଡିଜେ ଡଃ ଭି ସୁଜାତା, ଜେଏମ୍‌ଏଫ୍ ସି ର ଚେତନା ପଟନାୟକ, କୋର୍ଟ କର୍ମଚାରୀ,ଯାମିନୀକାନ୍ତ ମହାନ୍ତ, ରାଇରଙ୍ଗପୁର ବନାଞ୍ଚଳର ପ୍ରିୟବ୍ରତ ପାତ୍ର, ଲକ୍ଷ୍ମଣ ମାରାଣ୍ଡି, ରାଇରଙ୍ଗପୁର ବନ୍ୟାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି,, ବଡାମତଳିଆ ସେକ୍ସନର ବନପାଳ ଶ୍ରୀମତୀ ମେନକା ନାଏକ, ରାଇରଙ୍ଗପୁର ବନପାଳ ମନୋରଞ୍ଜନ ମହାନ୍ତ, ଗୋରୁମାହିସାଣି ବନପାଳ ସସ୍ମିତା ଘୋଷ, ସରଗଡା ବନପାଳ ଶ୍ରୀମତୀ ଶ୍ରାନ୍ତୀ ମାରାଣ୍ଡୀ, ବନରକ୍ଷୀ ସୁଭଦ୍ରା ପାତ୍ର, ନିର୍ମଳ ବେହେରା, ଦୁଷ୍ମନ୍ତ ଦାସ ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ବୃକ୍ଷ ହିଁ ଜୀବନ ।ମାନବ ସମାଜ ଓ ଜୀବଜନ୍ତୁଙ୍କ ପାଇଁ ଭଗବାନ ଜଙ୍ଗଲ ସୃଷ୍ଟି କରିଛନ୍ତି ।କିନ୍ତୁ ବାସ୍ତୁବାଦୀ ଦୁନିଆରେ ମଣିଷ ପ୍ରାକୃତିକ ଜଙ୍ଗଲ ସୃଷ୍ଟି ବଦଳରେ କଂକ୍ରିଟ ଜଙ୍ଗଲ ସୃଷ୍ଟି କରୁଛନ୍ତି ।ଜଳବାୟୁ ଓ ପରିବେଶ ଆଜି ବିପନ୍ନ ।ତେଣୁ ମଣିଷକୁ ଅତି କମରେ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ତାହାର ଯତ୍ନ ଓ ସୁରକ୍ଷା ନେବା ଉଚିତ ।ଚଳିତବର୍ଷ ୨୦୨୬-୨୭ ରେ ରାଇରଙ୍ଗପୁର ବନ୍ୟାଞ୍ଚଳ ତରଫରୁ ଖନ୍ତ ବିଟ୍ ରେ ୫୦୦୦ ଚାରାଗଛ ରୋପଣ କରାଯିବା ଏବଂ ଯତ୍ନ ନେବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯାହାର ଶୁଭାରମ୍ଭ ଏଡିଜେ ଡଃ ଭି ସୁଜାତା ଶୁଭ

# ଅନାଥ ଓ ଏକକ ଅଭିଭାବକ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ




କୋରାପୁଟ, ୭/୭(ନି ପ୍ର): ପିତୃମାତୃହୀନ ଏବଂ ଏକକ ଅଭିଭାବକଙ୍କ ଅଧୀନରେ ଥିବା ସୁରକ୍ଷା ଓ ଯତ୍ନ ଆବଶ୍ୟକ କରୁଥିବା ଶିଶୁମାନଙ୍କର ଉପଯୁକ୍ତ ଥଇଥାନ ଏବଂ ସରକାରୀ କଲ୍ୟାଣମୂଳକ ଯୋଜନାର ସୁବିଧା ପହଞ୍ଚାଇବା ଲକ୍ଷ୍ୟରେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ କୁନ୍ଦୁରା ବ୍ଲକର ମିଶନଶକ୍ତି ଗୃହ ପରିସରରେ ଏକ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ୟାମ୍ପରେ ସୁରକ୍ଷା ଏବଂ ଯତ୍ନ ଆବଶ୍ୟକ କରୁଥିବା ମୋଟ ୨୩୪ ଜଣ ଶିଶୁଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନ କରାଯାଇଥିଲା। ସମିତି ପକ୍ଷରୁ ତଦନ୍ତ ପ୍ରକ୍ରିୟା ସମାପ୍ତ ପରେ ଯୋଗ୍ୟ ଶିଶୁମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ସାମିଲ କରାଯାଇ ସେମାନଙ୍କ ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରାଯିବ। କୋରାପୁଟ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ କୁନ୍ଦୁରା ଆଇସିଡିଏସ୍‌ର ମିଳିତ ଆନୁକୂଲ୍ୟରେ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଡା. ଗାୟତ୍ରୀ ଦେବୀ, ସଦସ୍ୟ ସୁରେଶ କୁମାର ହୋତା ଓ ସଦସ୍ୟା ସୁସ୍ମିତା ରଥ ଉପସ୍ଥିତ ରହି ଶିଶୁମାନଙ୍କର ଉପସ୍ଥାପନା ଗ୍ରହଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଚାଇଲ୍ଡ ହେଲ୍ପଲାଇନ, ଶୋଭା ଏନଜିଓ ଏବଂ ଅଙ୍ଗନବାଡ଼ି କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ସୂଚନାଯୋଗ୍ୟ ଯେ, ଜିଲ୍ଲାପାଳଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କୋରାପୁଟ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏଭଳି ସ୍ୱତନ୍ତ୍ର କ୍ୟାମ୍ପ ପର୍ଯ୍ୟାୟକ୍ରମେ ଆୟୋଜନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏହି ଅଭିଯାନ ୧୨ ମେ ୨୦୨୬ରୁ ୩୧ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଚାଲିବ।

# ଜିଲ୍ଲାସ୍ତରୀୟ ୭୭ତମ ବନ ମହୋତ୍ସବ

## ବୃକ୍ଷରୋପଣ ସହ ବନ ସୁରକ୍ଷାରେ ଅବଦାନ ପାଇଁ ଦୁଇ ସମିତି ସମ୍ମାନିତ



କୋରାପୁଟ, ୭/୭ (ନି.ପ୍ର.): କୋରାପୁଟ ସଦର ମହକୁମା ଅନ୍ତର୍ଗତ କେଚଲା ଡଙ୍ଗରଠାରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ୭୭ତମ ବନ ମହୋତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ବନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୃହତ୍ ବୃକ୍ଷରୋପଣ କରାଯିବା ସହ ପରିବେଶ ସୁରକ୍ଷା, ବନ ସଂରକ୍ଷଣ ଏବଂ ସବୁଜିମା ବୃଦ୍ଧି ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ଶ୍ରୀ ରଘୁରାମ ମାଛ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ସେ କହିଥିଲେ ଯେ, ପରିବେଶର ସନ୍ତୁଳନ ରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ସୁସ୍ଥ ପରିବେଶ ଗଢ଼ି ତୋଳିବା ନିମନ୍ତେ ପ୍ରତ୍ୟେକ ନାଗରିକ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ସୁରକ୍ଷା କରିବା ଉଚିତ।କୋରାପୁଟ ବନଖଣ୍ଡ ଅଧିକାରୀ ସିଦ୍ଧାର୍ଥ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବନ ମହୋତ୍ସବରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ପୁଲିସ ଅଧୀକ୍ଷକ ରୋହିତ ବର୍ମା, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଯଜ୍ଞଦତ୍ତ ପତି, ଦାମନଯୋଡ଼ିସ୍ଥିତ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର ମିଶ୍ର, ବିଏସଏଫ ଡିଆଇଜି ସତ୍ୟବାନ କାଞ୍ଚି, ଜୟପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ଓ କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ଛାତ୍ରଛାତ୍ରୀ, ପୁଲିସ ଓ ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ।

# ଓଲଟିଲା ବିସ୍କୁଟ ଗାଡ଼ି, ଯାତାୟାତ ବାଧାପ୍ରାପ୍ତ



ଜୟପୁର, ୭/୭(ନି ପ୍ର): କୋରାପୁଟ ଜିଲ୍ଲାର ଜୟପୁର ଘାଟିରେ ସୋମବାର ରାତିରେ ଏକ ବିସ୍କୁଟ ବୋଝେଇ ମାଲବାହୀ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଛି। ଦୁର୍ଘଟଣା ଫଳରେ ଘାଟି ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଗାଡ଼ିଟି ଘାଟି ରାସ୍ତା ଦେଇ ଯାଉଥିବା ବେଳେ ହଠାତ୍?ନିୟନ୍ତ୍ରଣ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଫସି ରହିବା ସହ ଯାତାୟାତ ବାଧାପ୍ରାପ୍ତ ହେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାତାୟାତ ସ୍ୱାଭାବିକ କରିବା ପାଇଁ ଉଦ୍ୟମ କରିଥିଲେ।ଦୁର୍ଘଟଣାରେ ଚାଳକ କିମ୍ବା ସହଯୋଗୀଙ୍କ ଆହତ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

# କାନ୍ଥ ପଡ଼ି ଶିଶୁ କନ୍ୟା ମୃତ, ମା' ଆହତ



ଠାକୁରମୁଣ୍ଡା,୭।୭/(ନି.ପ୍ର):ଏହି ଲଗାଣ ବର୍ଷାରେ ମହୁଲଡିହା ଥାନା ଅନ୍ତର୍ଗତ ମହୁଲଡିହା ଗ୍ରାମ ପଞ୍ଚାୟତର ମହୁଲଡିହା ଗ୍ରାମରେ ୫ ତାରିଖ ରବିବାର ରାତିରେ ଶୋଇଥିବା ଅବସ୍ଥାରେ ଘର ଭୂଷିଡି କାନ୍ଥ ପଡ଼ିବାରୁ ଜଣେ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ବେଳେ ମା ଆହତ ହୋଇଥିବା ଜଣାପଡିଛି। ମୃତକ ଶିଶୁ କନ୍ୟା ଜଣକ ଚାନ୍ଦିନୀ (ଜେମା) ମୁଣ୍ଡା ( ୧ ବର୍ଷ ୮ ମାସ) ।ଏକ ପୁରୁଣା ଘର ଭିତରେ ମା ଶାନ୍ତି ସିଂ (୨୬) ଦୁଇ ଝିଅ ବୁଦୁନୀ(୪) ଓ ସାନ ଝିଅ ଚାନ୍ଦିନୀ (୧/୮ମାସ) ଶୋଇଥିଲେ। ଘର ଖସି ପଡିବା ଶବ୍ଦରେ ପଡୋଶୀ ଆସି କାନ୍ଥ ତଳୁ ମା ୨ ଝିଅଙ୍କୁ ଉଦ୍ଧାର କରିଥିଲେ ସେତେବେଳକୁ ସାନ ଝିଅ ଜେମାଙ୍କ ମୃତ୍ୟୁ ହୋଇ ସାରିଥିଲା ମୃତକଙ୍କ ବାପା ଗୋବିନ୍ଦ ମୁଣ୍ଡା କାମ କରିବା ପାଇଁ ବାସୁଦେବପୁର ଯାଇଥିଲେ। ଖବର ପାଇ ୬ ତାରିଖ ସୋମବାର ସ୍ଥାନୀୟ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା,ସରପଞ୍ଚ ଚମ୍ପାବତୀ ଟୁଡୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସରପଞ୍ଚଙ୍କ ଅଭିଯୋଗ କ୍ରମେ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକଙ୍କ ନିର୍ଦ୍ଦେଶରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ୧୫/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ

# ନଦୀରେ ଭାସିଯାଇ ବୃଦ୍ଧ ମୃତ

ଠାକୁରମୁଣ୍ଡା,୦୭।୭/(ନି.ପ୍ର ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣୀ ନିକଟସ୍ଥ ତେଲ ନଦୀରେ ଜଣେ ବୃଦ୍ଧ ଭାସିଯାଇ ମୃତ୍ୟୁବରଣ କରିଛନ୍ତି ଖବର ମିଳିବା ପରେ ୭ ତାରିଖରେ ନଦୀରୁ ମୃତଦେହ ଉଦ୍ଧାର କରି ପୋଲିସ ବ୍ୟବଛେଦ ନିମନ୍ତେ ପଠାଇଛି ଘଟଣାରୁ ପ୍ରକାଶଯେ, ପାଟଣା ଥାନା ଘୋଳକୁଣ୍ଡର ସାଧୁଚରଣ ଚାମ୍ପିୟା ଝିଅ ଜ୍ୱାଇଁ ଘର ମାଟିହୁଳି ଆସିଥିଲେ।ଝିଅ ଜ୍ୱାଇଁ ଘରୁ ୬ ତାରିଖ ନିଜ ଘର ଅଭିମୁଖେ ଫେରିଥିଲେ ତେବେ ରାସ୍ତାରେ ତେଲ ନଦୀ ଥିବାରୁ ଏବଂ ବର୍ଷା ଯୋଗୁଁ କ୍ଷିପ୍ର ସ୍ରୋତ ଥିବାରୁ ସାଧୁ ଭାସି ଯାଇ ମୃତ୍ୟୁବରଣ କରିଥିଲେ ମଙ୍ଗଳବାର ଖବର ପାଇ ଠାକୁରମୁଣ୍ଡା ଥାନା ଅଧିକାରୀଣୀ ସାବିତ୍ରୀ ଦଳେଇ ଅଗ୍ନିଶମ ବାହିନୀ ସହାୟତାରେ ସାଧୁଙ୍କ ମୃତଶରୀର ଉଦ୍ଧାର କରିଥିଲେ।

# ୫୦ ବର୍ଷ ପୂର୍ତ୍ତି ଅବସରକୁ ନେଇ ଆଲୋଚନା



ବନ୍ଧୁଗାଁ , ୭/୭/୨୬, ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଆସନ୍ତା ବର୍ଷ ତା, ୭.୭.୨୭ ରେ ୫୦ ବର୍ଷ ପୂର୍ତ୍ତି ଅବସରରେ ଏହି ବିଦ୍ୟାଳୟ ଠାରେ ପାଠ ଅଧ୍ୟୟନ କରିଯାଇଥିବା ୪୯ ଗୋଟି ପାଠ୍ୟ ଅଧ୍ୟୟନ କରିଥିବା ଯାଇଥିବା ବାର୍ଷିକ ଛାତ୍ର ଛାତ୍ରୀଙ୍କୁ ନେଇ ସ୍ୱର୍ଣ୍ଣ ଜୟନ୍ତି ପାଳନ କୋରାଯିବା ଅବସରରେ ଆଜି ଏକ ସାଧାରଣ ଭାବରେ ବିଦ୍ୟାଳୟ ର ପୂର୍ବ ଓ ବର୍ତ୍ତମାନ ର ଛାତ୍ରଛାତ୍ରୀଙ୍କୁ ନେଇ ଆଲୋଚନା କରା ଯାଇଥିଲା ଆଜିର ପ୍ରଥମ ଆଲଚନା ବୈଠକରେ ବନ୍ଧୁଗାଁ ବ୍ଲକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର କିଛି ପୂର୍ବ ଓ ବର୍ତ୍ତମାନ ର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ଆଜିର ସାଧାରଣ ବୈଠକରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମଧୁ ସୁଧନ ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଗଭୋର ଧନ ସାହୁ ଓ ବିଦ୍ୟାଳୟ ପରିସର ର ସଭାପତି ବାଡ଼ି ମହେଶ୍ୱର, ଓ ଅନ୍ୟାନ୍ୟ ଶିକ୍ଷକଙ୍କ ଉପସ୍ଥିତରେ ଆଜିର ସାଧାରଣ ଆଲୋଚନା କୋରାଯାଇଥିଲା ଏହି ବିଦ୍ୟାଳୟ ରେ ଆସନ୍ତା ବର୍ଷ ୭. ୭. ୨୭ ହବାକୁ ଥିବା ସ୍ୱର୍ଣ୍ଣ ଜୟନ୍ତୀ କୁ ଆମେ କେଉଁ ପ୍ରକାର ଭାବରେ ତାକୁ ଆୟୋଜନ କରିବା ପାଇଁ ହେଲେ କେଉଁ ପ୍ରକାର ଓ କେତେଦିନ ଧରି କରିବା ଓ ଆୟୋଜନ ପାଇଁ ଏହି ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀଙ୍କ କିଛି ଆର୍ଥିକ ସୁବିଧାର ଆୟଜନକୁ ନେଇ କୋରାଜିବାର ସୁବିଧା ହୋଇ ପାରିବାର ଏକ ସୁବିଧା ହୋଇପାରେ ବଲି ଆଲୋଚନା ହୋଇଥିଲା ଆଜିର ବୈଠକରେ ଏତିକି ରହିଥିଲା କି ଯେଉଁ ବର୍ଷରେ ଏହି ବିଦ୍ୟାଳୟ ରୁ ପାଠ ପଢି ଯାଇଚନ୍ତି ସେହି ବର୍ଷର ଛାତ୍ରଛାତ୍ରୀ ମାନେ ନିଜ ନିଜର ବାର୍ଷିକ ଚାତ୍ରଛାତ୍ରୀଙ୍କ ଦ୍ୱାରା ଯାହା ଅନୁଦାନ ସ୍ୱର୍ଣ୍ଣ ଜୟନ୍ତୀ ପାଇଁ ଯାହା ଆଦାୟ କରି ଦେଇ ପାରିବେ ତାକୁ ତାକୁ ଆଧାର କରି କୋରାଯିବା ପାଇଁ ସ୍ଥିର ହୋଇଥିଲା ଏଥିରେ ଉପସ୍ଥିତ ରହିଥିବା କିଛି ଛାତ୍ରଛାତ୍ରୀଙ୍କ ମୋଟ ରଖିଥିଲେ କି ଆମେ ଆମ ବିଦ୍ୟାଳୟ ରେ ୫୦ ବାର୍ଷିକ ସ୍ୱର୍ଣ୍ଣ ଜୟନ୍ତୀ ପାଇଁ ଯାହା ଦ୍ୱାରା ଯେତିକି ହୋଇପାରେ ତାହା ସାହାଯ୍ୟ କରି ପାରିବୁ ଓ ଭଲରେ କରିବା ପାଇଁ ଏକ ଆହ୍ୱାନ ମନ୍ତବ୍ୟ ଦେଇଥିଲେ ସ୍ୱର୍ଣ ଜୟନ୍ତୁ ଉପଲକ୍ଷେ ଆଉଥରେ କିଛି ଅଳ୍ପଦିନ ମଧରେ ବୈଠିକ ହବ ଓ ଏଥିରେ କିଛି ଛାତ୍ରଛାତ୍ରୀଙ୍କ ଯୋଗଦାନ ନିହାତି ଆବଶ୍ୟକ ବଲି ଆଜି ଆଲୋଚନା କରାଯାଇଥିଲା

# ଫିଫା ବିଶ୍ୱକପ ଆୟୋଜକ ଆମେରିକା, କାନାଡା ଓ ମେକ୍ସିକୋର ଅଭିଯାନ ଶେଷ

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ ପ୍ରାକ୍ କ୍ୱାର୍ଟର ଫାଇନାଲ ପରାଜୟ ସହିତ ତିନି ଆୟୋଜକ ଦେଶ ଆମେରିକା, ମେକ୍ସିକୋ ଓ କାନାଡାର ଅଭିଯାନ ଶେଷ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରାକ୍ କ୍ୱାର୍ଟର ଫାଇନାଲ ମ୍ୟାଚରେ ବେଲଜିୟମ ୪-୧ ଗୋଲରେ ଆମେରିକାକୁ ସହଜରେ ହରାଇ ଥିବାବେଳେ ମରକ୍କୋ ୩-୦ରେ କାନାଡାକୁ ଏବଂ ଇଂଲଣ୍ଡ ୩-୨ଗୋଲରେ ମେକ୍ସିକୋକୁ ପରାସ୍ତ କରିଥିଲା। ଏଥିସହ କ୍ୱାର୍ଟରଫାଇନାଲରେ ମରକ୍କୋ, ଫ୍ରାନ୍ସ, ନରୱେ, ସ୍ପେନ, ବେଲଜିୟମ, ଇଂଲଣ୍ଡ, ଆର୍ଜେଣ୍ଟିନା ପ୍ରବେଶ କରିଛନ୍ତି । ଇଜିପ୍ଟ ଓ ସୁଇଜରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବାକୁ



ଥିବା ଶେଷ ପ୍ରାକ୍ କ୍ୱାର୍ଟର ଫାଇନାଲ ମ୍ୟାଚର ବିଜେତା ଅନ୍ତିମ ଦଳ ଭାବେ କ୍ୱାର୍ଟରକୁ ଉନ୍ନୀତ ହେବ ।

ସୂଚନା ଯୋଗ୍ୟ ଯେ ପ୍ରଥମ ଥର ପାଇଁ ଚଳିତ ବର୍ଷର ଫୁଟବଲ ବିଶ୍ୱକପକୁ ଉପରୋକ୍ତ ୩ ଦେଶ ମିଳିତ ଭାବେ ଆୟୋଜନ କରିଥିବା ବେଳେ ଏଥର ସର୍ବାଧିକ ୪୮ ଟିମ ଅଂଶଗ୍ରହଣ କରିଥିଲେ। ଗତ ଜୁନ ୧୧ରୁ ଆରମ୍ଭ ହୋଇଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟ ଆମେରିକାର ୧୧,ମେକ୍ସିକୋର ୩ ଏବଂ କାନାଡାର ୨ଟି ସହରରେ ଖେଳା ଯାଇଥିଲା। ଜୁଲାଇ ୧୯ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ମରଣ ଯୋଗ୍ୟ ଯେ ଏ ପର୍ଯ୍ୟନ୍ତ କେବଳ ୬ ଦେଶ ଉରୁଗୁଏ (୧୯୩୦), ଇଟାଲୀ(୧୯୩୪), ଇଂଲଣ୍ଡ(୧୯୬୬), ପଶ୍ଚିମ ଜର୍ମାନୀ(୧୯୭୪), ଆର୍ଜେଂଟିନା (୧୯୭୮) ଓ ଫ୍ରାନ୍ସ(୧୯୯୮) ବିଶ୍ୱକପ ଆୟୋଜକ ଭାବେ ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

# କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେବା ଉଚିତ ନ ଥିଲା: କପିଳ ଦେବ

ନୂଆଦିଲ୍ଲୀ, ୭।୭(ଏଜେନ୍ସି): ଭାରତର ମହାନ ଅଲରାଉଣ୍ଡର କପିଳ ଦେବ କହିଛନ୍ତି ଯେ ବିରାଟ କୋହଲି ଜଣେ ବିଶ୍ୱସ୍ତରୀୟ ଖେଳାଳି । ଗତ ବର୍ଷ ମେ ମାସରେ କୋହଲିଙ୍କ ଟେଷ୍ଟ କ୍ରିକେଟରୁ ଅବସର ନେବା ନିଷ୍ପତ୍ତି ସମସ୍ତଙ୍କୁ ଚକିତ ଓ ନିରାଶ କରିଥିଲା । ତେବେ ସେ କୌଣସି କାରଣରୁ ପ୍ରତିକ୍ରିୟାଶୀଳ ହୋଇ ଅବସର ନେବା ଉଚିତ ପଦକ୍ଷେପ ନ ଥିଲା ।କାରଣ ଟେଷ୍ଟ



କ୍ରିକେଟରେ ୧୦,୦୦୦ ରନ ପୂରଣ କରିବା ପାଇଁ ତାଙ୍କୁ ୭୭୦ ରନର ଆବଶ୍ୟକତା ଥିଲା । ତେଣୁ ତାଙ୍କ ପାଇଁ ଟେଷ୍ଟ କ୍ରିକେଟରେ ଆହୁରି ଅନେକ କିଛି କରିବାକୁ ବାକିଥିଲା। ସେ ଆଉ ୬ ମାସ ଟେଷ୍ଟ କ୍ରିକେଟ ଖେଳିବା ପରେ ସବୁ କିଛି ବଦଳି ଯାଇଥାନ୍ତା । କାରଣ ଆଇପିଏଲ ଓ ଦିନିକିଆ ଫର୍ମାଟରେ ସେ ଯେଉଁ ଭଳି ପ୍ରଦର୍ଶନ କରୁଛନ୍ତି ବିଶେଷ କିଛି ଅସୁବିଧା ହୋଇ ନ ଥାନ୍ତା ।ଏହା ସତ୍ୟ ସେ ସମୟ ପୂର୍ବରୁ ସେ ଅବସର ନେଇଗଲେ। ମହିନ୍ଦର ଅମରନାଥ, ଅଂଶୁମାନ ଗାଏକ୍ୱାଡ ଓ ଅନ୍ୟ କେତେକ ଖେଳାଳି ଖରାପ ପ୍ରଦର୍ଶନ ପରେ ଘରୋଇ କ୍ରିକେଟରେ ମନ ଦେଇଥିଲେ। ଭଲ ରନ କରି ପୂନର୍ବାର ଜାତୀୟ ଦଳକୁ ଫେରିଥିଲେ । କୋହଲିଙ୍କୁ ଗୋଟିଏ କିମ୍ବା ୨ଟି ବଡ ଇନିଂସ ଖେଳିଥିଲେ ସବୁ କିଛି ଠିକ ହୋଇ ଯାଇଥାନ୍ତା ବୋଲି କପିଳ ଦେବ କହିଛନ୍ତି ।

# ଫିଫା ବିଶ୍ୱକପ: ବିଜୟ ଉତ୍ସବ ପାଳନ ବେଳେ ହ୍ୟାଣ୍ଡେରସନଙ୍କ ହାତ ଭାଙ୍ଗିଲା

ନୂଆଦିଲ୍ଲୀ,୭।୭(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ କ୍ୱାର୍ଟର ଫାଇନାଲ ମ୍ୟାଚ ପୂର୍ବରୁ ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଛି । ଦଳର ଷ୍ଟାର ମିଡଫିଲ୍ଡର ଜୋର୍ଡାନ ହ୍ୟାଣ୍ଡରସନ ଆଘାତପ୍ରାପ୍ତ ହୋଇ ବିଶ୍ୱକପର ଅବଶିଷ୍ଟ ମ୍ୟାଚରୁ ଓହରି ଯାଇଛନ୍ତି । ରାଉଣ୍ଡ ଅଫ ୧୬ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ମେକ୍ସିକୋ ବିପକ୍ଷରେ ଇଂଲଣ୍ଡ ବିଜୟ ହାସଲ କରିଥିଲା । ମ୍ୟାଚ ଶେଷ ହେବା ପରେ ହ୍ୟାଣ୍ଡରସନ ସାଥୀ



ଖେଳାଳିଙ୍କ ସହ ବିଜୟର ଖୁସୀ ମନାଉଥିଲେ । ସେ ଖୁସି ଓ ଭାବ ପ୍ରବଣ ହୋଇ ଏକ ବିଜ୍ଞାପନ ବୋର୍ଡକୁ ଜମ୍ପ କରିବା ଅବସରରେ ତାଙ୍କର ସନ୍ତୁଳନ ବିଗିଡି ଯାଇଥିଲା। ତେଣୁ ସେ ଅତର୍କିତ ଭାବେ ତଳେ ପଡି ଯିବାରୁ ବାମ ହାତରେ ଗୁରୁତର ଆଘାତ ଲାଗିଥିଲା ।ତୁରନ୍ତ ତାଙ୍କୁ ଷ୍ଟ୍ରେଚରରେ ବାହାରକୁ ନିଆଯାଇଥିଲା । ତେବେ ତାଙ୍କ ହାତ ଭାଙ୍ଗି ଯାଇଥିବା ଜଣା ପଡିଛି। ଜୋର୍ଡାନଙ୍କ ଅସ୍ତ୍ରୋପଚାର ହୋଇପାରେ ବୋଲି ଡାକ୍ତର କହିଛନ୍ତି ।

# ଦିନିକିଆ ବିଶ୍ୱକପ ପୂର୍ବରୁ ଏସିଆ କପ କ୍ରିକେଟ ଆୟୋଜନ ଯୋଜନା

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ପୂନର୍ବାର ଆରମ୍ଭ ହେବାକୁ ଯାଉଛି ଏସିଆ କପ କ୍ରିକେଟ । ୨୦୨୭ ଦିନିକିଆ ବିଶ୍ୱକପ ପୂର୍ବରୁ ଆଇସିସି ୫୦ ଓଭର ଫର୍ମାଟରେ ଏସିଆ କପ ଆୟୋଜନ କରିବାକୁ ଯୋଜନା ପ୍ରସ୍ତୁତ ଚାଲିଛି ।ଅବଶ୍ୟ ଏସିଆନ କ୍ରିକେଟ କାଉନ୍ସିଲ ପକ୍ଷରୁ ଏ ନେଇ କୌଣସି ବୟାନ ଜାରୀ କରାଯାଇ ନାହିଁ । ଆସନ୍ତା ବର୍ଷ ଶେଷ ଭାଗରେ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମ୍ବିଆରେ ବିଶ୍ୱକପ ଖେଳାଯିବ । ତେଣୁ ଜୁନରୁ ଜୁଲାଇ ମଧରେ ଏସିଆ କପ ଆୟୋଜନ କରାଯିବା ଏକପ୍ରକାର ଚୂଡାନ୍ତ ହୋଇଛି । କେବଳ ଅଫିସିଆଲ ଘୋଷଣା ବାକି ରହିଛି ।

ବାଂଲାଦେଶ ଏସିଆ କପ କ୍ରିକେଟ ଆୟୋଜକ ହେବା ସମ୍ଭାବନା ରହିଛି। ଯଦି ଏହା ହୁଏ, ତେବେ ଭାରତର ଦୁଇ ମହାନ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଏଥିରେ ଖେଳିବା ସମ୍ଭାବନା ରହିଛି । ଟେଷ୍ଟ ଏବଂ ଆନ୍ତର୍ଜାତୀୟ ଟି-୨୦ରୁ ଉଭୟ ଅବସର ଘୋଷଣା କରି ସାରିଛନ୍ତି। ସେହିପରି ପ୍ରଶଂସକମାନେ ପୂନର୍ବାର ଭାରତ ଓ ପାକିସ୍ତାନ ମୁକାବିଲା ଉପଭୋଗ କରିବା ସୁଯୋଗ ପାଇ ପାରନ୍ତି । ଏସିଆନ କ୍ରିକେଟ କାଉନ୍ସିଲ ସହ ଆଲୋଚନା କରିବା ପରେ ଆଇସିସି ଏ ସମ୍ପର୍କରେ ଚୂଡାନ୍ତ ନିଷ୍ପତି ନେବ ।

# ଅଧୁରା ରହିଲା ରୋନାଲ୍ଡୋଙ୍କ ବିଶ୍ୱକପ୍ ଟ୍ରଫି ଜିତିବା ସ୍ୱପ୍ନ

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଚୂରମାର ହୋଇଗଲା ୪୧ ବର୍ଷୀୟ ପର୍ତ୍ତୁଗାଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବିଶ୍ୱକପ୍ ଜିତିବା ସ୍ୱପ୍ନ। ଚଳିତ ଫିଫା ବିଶ୍ୱକପର ରାଉଣ୍ଡ ୩୨ ମ୍ୟାଚରେ ସ୍ପେନ ଠାରୁ ପର୍ତ୍ତୁଗାଲ ହାରିଯିବା ପରେ ଅଧୁରା ରହିଗଲା ରୋନାଲ୍ଡୋଙ୍କ ବିଶ୍ୱକପ୍ ଟାଇଟଲ ହାସଲ ଆଶା। କାରଣ ସେ ଏକାଧିକ ବିଶ୍ୱକପ ଖେଳି ଥିଲେ ହେଁ ନିଜ ଦେଶକୁ କେବେ ବିଶ୍ୱକପ ବିଜୟୀ କରାଇ ପାରି ନାହାନ୍ତି। ତେଣୁ ତାଙ୍କ ନାମ ସହିତ ଆଉ ବିଶ୍ୱ ଚାମ୍ପିଅନ୍ ଯୋଡା ହୋଇ ପାରିବ ନାହିଁ। ଏହି ପର୍ତ୍ତୁଗାଲ ଷ୍ଟାର୍ ଗୋଟିଏ ଦିନ ପୂର୍ବରୁ ଘୋଷଣା କରିଥିଲେ ଯେ ଏହା ତାଙ୍କର ଶେଷ ବିଶ୍ୱକପ୍ ହେବ। ତେବେ ଏହା ରୋନାଲ୍ଡୋଙ୍କର ଲକ୍ଷ ଲକ୍ଷ ପ୍ରଶଂସକଙ୍କ ପାଇଁ ଏକ ଦୁଃଖଦ ମୁହୂର୍ତ୍ତ। ମ୍ୟାଚ ହାରିବା ପରେ ରୋନାଲ୍ଡୋ ପଡ଼ିଆରେ ଲୁହ ଭିଜା ଆଖିରେ ବିଦାୟ ନେଇଥିଲେ। ଏଥିସହିତ ଡାଲାସ୍ ଷ୍ଟାଡିୟମରେ ମ୍ୟାଚ୍



ଦେଖୁଥିବା ତାଙ୍କ ପ୍ରଶଂସକମାନେ ସେମାନଙ୍କ ଲୁହକୁ ରୋକିପାରିନଥିଲେ।କାରଣ ନିଜର ଲମ୍ବା କ୍ୟାରିଅରରେ ପ୍ରାୟ ପ୍ରତ୍ୟେକ ପ୍ରମୁଖ ଟାଇଟଲ୍ ଏବଂ ପୁରସ୍କାର ଜିତିଥିବା ରୋନାଲ୍ଡୋଙ୍କ ବିଶ୍ୱକପ୍ ଟ୍ରଫି ଜିତିବା ଆଶା ପୂରଣ ହୋଇ ପାରିଲା ନାହିଁ। ସେ କହିଥିଲେଏ ମୁଁ ମୋର ଶ୍ରେଷ୍ଠ ଦେଇଛି । ଏବେ ବିଶ୍ୱକପରୁ ବିଦାୟ ନେଉଛି। ଏହା ଜଣେ ଫୁଟବଲ୍ ଖେଳାଳିଙ୍କ ଜୀବନ। କେତେବେଳେ ଆମେ ଜିତିଥାଉ ତ କେତେବେଳେ ହାରିଯାଉ। ଆମକୁ ଆଗକୁ ବଢ଼ିବାକୁ ପଡ଼ିବ। ଏହା ମୋର ଶେଷ ବିଶ୍ୱକପ୍ ଥିଲା।ଏବେ ମୁଁ ମୋ ପରିବାର ପାଇଁ ସମୟ ଦେଇପାରିବି'। ଆର୍ଜେଣ୍ଟିନାର ଲିଓନେଲ ମେସି (୩୦)ଙ୍କ ପରେ ରୋନାଲ୍ଡୋ (୨୭) ବିଶ୍ୱକପରେ ସର୍ବାଧିକ ମ୍ୟାଚ୍ ଖେଳିଛନ୍ତି। ସେ ପ୍ରଥମ ଖେଳାଳି ଭାବେ ୬ ଫିଫା ବିଶ୍ୱକପ୍ ଖେଳି ୧୧ ଗୋଲ୍ କରି ଥିଲେ। ଚଳିତ ବିଶ୍ୱକପରେ ସେ ୩ ଗୋଲ୍ କରିଛନ୍ତି। ବିଶ୍ୱକପ୍ ଟ୍ରଫି ଧରିବାର ସୌଭାଗ୍ୟ ପାଇ ନଥିବା ରୋନାଲ୍ଡୋ ୨୦୦୬ ବିଶ୍ୱକପ୍ ପଦାର୍ପଣରେ ପର୍ତ୍ତୁଗାଲକୁ ସେମିଫାଇନାଲ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।

# ଜିମ୍ବାୱେ ବିପକ୍ଷ ସିରିଜ: ଗମ୍ଭୀରଙ୍କ ସ୍ଥାନରେ କୋଚ ଦାୟିତ୍ୱ ତୁଲାଇବେ ଲକ୍ଷ୍ମଣ

ନୂଆଦିଲ୍ଲୀ,୭।୭(ଏଜେନ୍ସି): ଚଳିତ ଇଂଲଣ୍ଡ ଗସ୍ତ ଶେଷ ହେବା ପରେ ଜିମ୍ବାୱେ ଗସ୍ତରେ ଯିବ ଭାରତୀୟ କ୍ରିକେଟ ଟିମ । ଜୁଲାଇ୨୩ରୁ ଏହି ଗସ୍ତ ଆରମ୍ଭ ହେବ । ଜିମ୍ବାୱେ ବିପକ୍ଷରେ ଟିମ ଇଣ୍ଡିଆ ୩ ମ୍ୟାଚବିଶିଷ୍ଟ ଟି-୨୦ ସିରିଜ ଖେଳିବ। ରିପୋର୍ଟ ଅନୁସାରେ କୋଚିଂ ଷ୍ଟାଫ ମଧ୍ୟରେ କିଛି ଅଦଳ ବଦଳ ହେବା ସୂଚନା ମିଳିଛି। ମୁଖ୍ୟ କୋଚ ଗୌତମ ଗମ୍ଭୀର ଟିମ



ଇଣ୍ଡିଆ ସହିତ ଜିମ୍ବାୱେ ଯିବେନାହିଁ। ତାଙ୍କ ସ୍ଥାନରେ ବେଙ୍ଗାଲୁର ସ୍ଥିତ୍ ସେଣ୍ଟର ଅଫ ଏକ୍ସେଲେନ୍ସର ମୁଖ୍ୟ ଭିଭିଏସ ଲକ୍ଷ୍ମଣ ଏହି ଦାୟିତ୍ୱ ତୁଲାଇବେ । ସେ ଜିମ୍ବାୱେ ଏବଂ ଆଗାମୀ ଏସିଆନ ଗେମ୍ସରେ ଟିମ ଇଣ୍ଡିଆର କୋଚ ଦାୟିତ୍ୱ ତୁଲାଇବେ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ବିସିସିଆଇ ଏହି ନିଷ୍ପତ୍ତି ନେବ ବୋଲି ଜଣା ପଡିଛି। ଏସିଆନ ଗେମ୍ସ ସମୟରେ ଭାରତୀୟ ଟିମ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି । ତେଣୁ ବିସିସିଆଇ ପୃଥକ କୋଚିଂ ଷ୍ଟାଫ ଟିମ ପ୍ରସ୍ତୁତ କରିବାକୁ ଚାହୁଁଛି । ଲକ୍ଷ୍ମଣଙ୍କ ସହ ସୁନୀଲ ଯୋଶୀ ଓ ହୃଷିକେଶ କାନିତକର ସାମିଲ ହେବେ। ତେବେ ବିସିସିଆଇ ପକ୍ଷରୁ ଏହି ପରିବର୍ତ୍ତନ ନେଇ ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ ।

## ରାଜ୍ୟ ଖବର

# କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସଙ୍କ ନୀଳମାଧବ ମନ୍ଦିର ପରିଦର୍ଶନ

କଣ୍ଟିଲୋ, ୭।୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମାନ୍ୟବର ରାଷ୍ଟ୍ର ମନ୍ତ୍ରୀ ଦୁର୍ଗା ଦାସ ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧ ପୀଠରେ ଆଜି ମଙ୍ଗଳବାର ଅପରାହ୍ନରେ ପହଁଞ୍ଚି ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ । ପ୍ରଭୁ ଶ୍ରୀ ନୀଳମାଧଙ୍କୁ ଦର୍ଶନ କରି ବହୁ ଆନନ୍ଦ ପ୍ରକାଶ କରିବା ସଙ୍ଗେ ସଙ୍ଗେ ପୂଜକ ସମାଜ



ସଭାପତି ନିହାର ରଞ୍ଜନ ମିଶ୍ର ଓ ଅନ୍ୟ ସେବାୟତମାନଙ୍କ ସହିତ ମନ୍ଦିର ପରିକ୍ରମା କରି ମହାବୀର ହନୁମାନଙ୍କ ମନ୍ଦିର ଉପରୁ ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଲବ୍ଧି କରି ଆତ୍ମହରା ହୋଇ ପଡିଥିଲେ । ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅନୁରୋଧ କ୍ରମେ ମାନ୍ୟବର ମନ୍ତ୍ରୀ ଖଣ୍ଡପଡା ଅଂଚଳକୁ ଆସି ଆଦିବାସୀ ସମ୍ପ୍ରଦାୟ ର ବିକାଶ ଦିଗରେ କି କି ପଦକ୍ଷେପ ନିଆଯାଇ ପାରିବ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆଲୋଚନା କରିଥିଲେ । ଆଲୋଚନା ସମୟରେ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ଅତିରିକ୍ତ ଶାସନ ସଚିବ ଦେବାନନ୍ଦ ଓ ମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସହାୟକ ସାଗର ଶେଷକର, ଖଣ୍ଡପଡା ତହସିଲଦାର ବିଶ୍ୱ ବିସ୍ମୃତ ତ୍ରିପାଠୀ, ଖଣ୍ଡପଡା ବିଡ଼ିଓ ଅଙ୍କୁର ଅଭିଳାଷ, ବିଶିଷ୍ଟ ସମାଜ ସେବୀ ଅଖିଳ କୁମାର ମହାରଣା ଓ କେତେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ନୀଳମାଧ ମନ୍ଦିରର ଅଧିକ ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ କହିଥିଲେ। ଆଲୋଚନା ଶେଷରେ କଣ୍ଟିଲୋ ନିର୍ମିତ କଂସା ବାସନ ଓ ଶ୍ରୀ ଜଗନ୍ନାଥଙ୍କ କାରୁକାର୍ଯ୍ୟ ନିର୍ମିତମୂର୍ତ୍ତି ଉପହାର ସ୍ୱରୂପ ବିଧାୟକଙ୍କ ଜରିଆରେ ଅର୍ପଣ କରାଯାଇଥିଲା

# ଦେଉଳି ମଠରୁ ଶ୍ରୀକ୍ଷେତ୍ରକୁ ଗଲା ଅଣସର ଫଳ ଭାର

କାକଟପୁର, ୭।୭ (ନି.ପ୍ର): ଦେବସ୍ନାନ ପୂର୍ଣ୍ଣିମାରେ ସହସ୍ର କଳସୀ ଜଳରେ ସ୍ନାନ କରି ଜ୍ୱର ହୋଇଥିବା ମହାପ୍ରଭୁ ଙ୍କୁ ଫୁଲୁରୀ ତେଲ ଓ ଚେର ମୂଳି ଔଷଧରେ ସାମାନ୍ୟ ସୁସ୍ଥ ହେବାପରେ ଫଳ ମୂଳ ସେବା ଲାଗିଥାଏ। ଏହି ସେବାରେ ପ୍ରାଚୀ କ୍ଷେତ୍ର ମା ମଙ୍ଗଳା ଙ୍କ ପୀଠ ର ଅନବସର ଫଳ ଭାର ଏକ ନିଆରା ପରମ୍ପରା ଫୁଲୁରୀ ତେଲ ଲାଗି ହୋଇ ଦିଅଁମାନେ ସ୍ୱଳ୍ପ ଆରାମ ଲାଭ କରିଛନ୍ତି । ଏହି ଅବସରରେ ପ୍ରାଚୀ ତଟ ବନଜାଗ ଲୀଳାସ୍ଥଳୀ ଓ ଜଗନ୍ନାଥଙ୍କ ଏକୁତିଶାଳ କୁହାଯାଉଥିବା



ଦେଉଳି ମଠରୁ ଅନବସର ସେବା ନିମିତ୍ତ ଫଳ ଭାର ଚାରିଗୋଟି ଶଗଡ଼ ପୁରୀ ଅଭିମୁଖେ ଯାତ୍ରା କରିଛି । ଶଙ୍ଖ, ହୁଳହୁଳି ଖୋଳତାଳ ସଂକୀର୍ତ୍ତନର ତାଳେ ତାଳେ ଗାଁ ଗାଁ ଦେଇ ବିଭିନ୍ନ ଦେବ ପୀଠ ସ୍ପର୍ଶ କରି ସାଜସଜ୍ଜା ହୋଇଥିବା ଶଗଡ଼ ବଳଦ ଓ ଭକ୍ତ ମାନେ ପୁରୀ ଅଭିମୁଖେ ପଦଯାତ୍ରା କରିଛନ୍ତି । ମଠ ବାଡ଼ି ତଥା ଭକ୍ତ ମାନଙ୍କ



ପ୍ରଦତ୍ତ ବିଭିନ୍ନ ବାଡ଼ି, ବଗିଚାର ସୁସ୍ୱାଦୁ ଫଳ ମଧରେ ଆମ୍ବ, ପିଜୁଳି, ନଡ଼ିଆ ସପୁରି, ସେଓ କମଳା କଦଳୀ, ତୁଳସୀ ଓ ପଦ୍ମଫୁଲ ମାଳ ମହାପ୍ରଭୁଙ୍କ ସେବା ପାଇଁ ଶ୍ରୀକ୍ଷେତ୍ର ଯାଇଛି । ବାଟରେ ପୂର୍ବନିର୍ଦ୍ଧାରିତ ଦେବପୀଠ ମାନଙ୍କରେ ବିଶ୍ରାମ କରିବା ସହ ଭକ୍ତ ମାନେ ନାମ ସଂକୀର୍ତନ କରିବାର କାର୍ଯ୍ୟକ୍ରମ ରହିଛି ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଦାୟିତ୍ୱରେ ଚାଲି ଆସୁଥିବା ଏହି ପଦଯାତ୍ରା ଅଣସର ସପ୍ତମୀରେ ଦେଉଳି ମଠରୁ ବାହାରି ନବମୀ ଦିନ ଶ୍ରୀକ୍ଷେତ୍ର ରେ ପହଂଚିବା ପୂର୍ବକ ଶ୍ରୀମନ୍ଦିର ପରିସରରେ ଥିବା ନୃସିଂହ ଚକଡାରେ ଫଳ ପୁଷ୍ପ ଆଦି ଶ୍ରୀଜୀଉମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯିବ । ଆଜିର ଏହି କାର୍ଯ୍ୟକ୍ରମକୁ ଦେଉଳି ମଠ ଉର୍ଣ୍ଣୟନ କମିଟିର ସଭାପତି କାଳି ପ୍ରସାଦ, ପୂଜକ ମିତୁରଞ୍ଜନ, କୈଳାସ ନାୟକ, କାବୁଲା ବିଶ୍ୱାଳ, ମିହିର ରଞ୍ଜନ ଦୀକ୍ଷିତ, ତୁଷାର ରଞ୍ଜନ ବେହେରା, କଲ୍ୟାଣ ସାହୁ,ଲିଙ୍ଗରାଜ,ତପି ବାବା, ବାବାଜୀ, ପ୍ରମୁଖ ସଭ୍ୟ ମାନେ ପରିଚାଳନା କରିଥିଲେ।

# ପାଣି ନିଷ୍କାସନ ପଥରୁ ଅବରୋଧ ହଟାଇଲା ପ୍ରଶାସନ

ଖଣ୍ଡପଡ଼ା, ୭।୭ (ନି.ପ୍ର): ଖଣ୍ଡପଡାରୁ ଖଳିସାହି ଦେଇ କଣ୍ଟିଲୋକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଚାଉପଲ୍ଲୀ ଗ୍ରାମ ନିକଟରେ ସ୍ଥାନୀୟ ଅଞ୍ଚଳର ଗୋବିନ୍ଦ ବିଶୋଇ ରାସ୍ତା ପାର୍ଶ୍ୱସ୍ଥିତ ପାଣି ନିଷ୍କାସନ ପଥକୁ ଅବରୋଧ କରି ଏକ ସ୍ଥାୟୀ ପକ୍କା ଗୃହ ନିର୍ମାଣ କରିଥିବା ଯୋଗୁଁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାର ଗୋଟିଏ ପାର୍ଶ୍ୱରେ ୪ ଫୁଟ ଉଚ୍ଚରେ ପାଣି ଜମା ହୋଇ ରହିଥିଲା।ଫଳରେ ଏକର ଏକର ଚାଷ ଜମି ଜଳମଗ୍ନ ହେବା ସହ ତଳିଆ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ବାସଗୃହ ଓ କୂପରେ ପାଣି ପ୍ରବେଶ କରିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ଏ ସଂପର୍କରେ ଚାଉପଲ୍ଲୀ ଓ ଖଳିସାହି ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଓ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋ, ବରିଷ୍ଠ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଜେସିବି ମେସିନ ଯୋଗେ ଖୋଳତାଡ କରି ଜଳ ନିଷ୍କାସନ ପଥରୁ ଅବରୋଧକୁ ହଟାଇ ଦିଆ ଯାଇଥିଲା। ଫଳରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ଗତ ୪ ଦିନ ଧରି ଜମା ହୋଇ ରହିଥିବା ପାଣି ନିଷ୍କାସିତ



ହୋଇ ପାରିଥିବା ଜଣାଯାଇଛି। ରାସ୍ତା ପାର୍ଶ୍ୱରୁ ପାଣି ନିଷ୍କାସନ ପରେ ଖଳିସାହି ଓ ଚାଉପଲ୍ଲୀ ଗ୍ରାମବାସୀ ପ୍ରଶାସନିକ ଅଧିକାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।ପ୍ରକାଶଥାଉକି ଗତ ବର୍ଷ ଜୁଲାଇ ମାସରେ ସଂପୃକ୍ତ ବ୍ୟକ୍ତି ଜଣକ ପାଣି ନିଷ୍କାସନ ପଥକୁ ଅନୁରୂପ ଭାବେ ଅବରୋଧ କରିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଚଳିତ ବର୍ଷ ଉକ୍ତ ବ୍ୟକ୍ତି ଜଣକ ଉଦ୍ଦେଶ୍ୟମୂଳକ ଭାବେ ପୁନର୍ବାର ଜଳ ନିଷ୍କାସନ ପଥକୁ ଅବରୋଧ କରିଥିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ତେବେ ବାରମ୍ବାର ପାଣି ନିଷ୍କାସନ ପଥକୁ ଅବରୋଧ କରି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପରୋକ୍ତ ୨ ଟି ଗ୍ରାମର ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ରକ୍ଷଣାବେକ୍ଷଣ ଅଭାବ, ପାଥପୁର ଶିଶୁ ଉଦ୍ୟାନ ଶ୍ରୀହୀନ

ବାଙ୍କୀ, ୭।୭ (ନି.ପ୍ର): କିଛି ବର୍ଷ ତଳେ ଅର୍ଥାତ ପୂର୍ବ ସରକାର ଙ୍କ ସମୟରେ ଗ୍ରାମୀଣ ବିକାଶ ର ରୂପରେଖ ପାଇଁ ବିଭିନ୍ନ ପଞ୍ଚାୟତ ରେ ଶିଶୁ ଉଦ୍ୟାନ ମାନ ନିର୍ମାଣ କରାଯାଇଥିଲା ଲକ୍ଷ୍ୟଲକ୍ଷ୍ୟ ଟଙ୍କା ବେୟ ମଞ୍ଜୁରୀ



ରେ ଏହି ଉଦ୍ୟାନ ଗୁଡିକ ଗଢି ଉଠିବା ସହ ଗ୍ରାମବାସୀ ଙ୍କୁ ଖୁବ ଉତ୍ସାହିତ କରିଥିଲା ସେହିଭଳି କଟକ ବାଙ୍କୀ ମୁଖ୍ୟରାସ୍ତା ଠାରୁ ଅଳ୍ପ ଦୂରରେ ପାଥପୁର- ଡମପଡ଼ା ସଂଯୋଗ କରୁଥିବା ରାସ୍ତା ନିକଟରେ ଥିବା ପାଥପୁର ରେ ଖୁବ ସୁନ୍ଦର ଭାବେ ପ୍ରଭାତ ଶିଶୁ ଉଦ୍ୟାନ ଗଢିଉଠିଥିଲା ହେଲେ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଉଦ୍ୟାନ ଟି ସମ୍ପୂର୍ଣ୍ଣ ଶ୍ରୀହୀନ ହୋଇପଡ଼ିଛି । ପ୍ରାୟ ୧୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟବରାଦରେ ନିର୍ମାଣ ହୋଇ ୨୦୧୮ରେ ଏହାର ଲୋକାର୍ପଣ ହୋଇଥିଲା।

ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପାର୍କ ଏବେ ଅଣ୍ଟାଏ ଉଚ୍ଚାର ଅନାବନା ଗଛ ଓ ଲତାବୁଦାରେ ପରିପୂର୍ଣ୍ଣ ହୋଇଛି। ସରୀସୃପ ଙ୍କ ଅଞ୍ଚଳ ସ୍ଥଳୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ପଞ୍ଚାୟତର ବରିଷ୍ଠ ନାଗରିକ, ଶିଶୁ ଓ ଯୁବ ପିଢ଼ିଙ୍କ ଆମୋଦ ପ୍ରମୋଦ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଥିବା ଏହି ଉଦ୍ୟାନ ଏବେ କାହାରି କାମରେ ଆସୁନି। ତେଣୁ ଏତେ ଟଙ୍କାରେ ନିର୍ମିତ ଏହି ପାର୍କ ଜନସାଧାରଣଙ୍କ ସେବାରେ ନ ଆସିବା ବିଡ଼ମ୍ବନାର ବିଷୟ ବୋଲି ପଞ୍ଚାୟତର ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି ।

ଶିଶୁଙ୍କ ମନୋରଞ୍ଜନ ପାଇଁ ହୋଇଥିବା ଦୋଳି ଭାଙ୍ଗିରୁଜି ଯାଇଛି। ପାର୍କ ଭିତରେ ଶିଶୁଙ୍କୁ ଆମୋଦ କରିବା ପାଇଁ ବିଭିନ୍ନ ପ୍ରକାରର ବନ୍ୟଜନ୍ତୁ ଆକୃତି ଏବେ ବଣ ଜଙ୍ଗଲ ମଧ୍ୟରେ ରହିଥିବା ଆଭାସ ହେଉଛି । ଉଦ୍ୟାନଟି ଆବର୍ଜନାମୟ ହୋଇଥିରୁ ବହୁ ସମୟରେ ବିଷଧର ସାପ ଏହା ଭିତରେ ଚଳାଚଳ କରୁଛନ୍ତି । ପଞ୍ଚାୟତ ପରିଚାଳନାରେ ଏହାର ରକ୍ଷଣାବେକ୍ଷଣ ହେବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ପାର୍କଗୁଡ଼ିକ ଲୋକାର୍ପଣର ୨ ବର୍ଷ ପରେ ବି ବ୍ଲକ ପ୍ରଶାସନର ଉଦାସୀନତା ହେଉ ଅବା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅବହେଳାରେ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିବା ପ୍ରକୃତିପ୍ରେମୀ ଓ ପଞ୍ଚାୟତବାସୀଙ୍କୁ ନିରାଶ କରିଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ପାର୍କ ଲୋକାର୍ପଣ ପରେ ପରେ ନିକଟସ୍ଥ ଅଂଚଳର ପିଲାମାନେ ଏଠାକୁ ଆସୁଥିଲେ ଏବଂ ପାଖ ସ୍କୁଲର ଛାତ୍ରଛାତ୍ରୀ ମଧ ଏଠାରେ ଖେଳୁଥିଲେ। ହେଲେ ଏବେ ବଣବୁଦା ଓ ଆବର୍ଜନାମୟ ହେତୁ ପିଲାଙ୍କୁ ମନୋରଞ୍ଜନ କରିବାର ସୁଯୋଗ ମିଳୁନାହିଁ। ପାର୍କକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଫେବର ବ୍ଲକ ପକାଇ ରାସ୍ତା ମଧ କରାଯାଇଥିଲା।

ମାତ୍ର ଲଟାଝଟା ମାଡ଼ିଯିବାରୁ ଏହା ଏବେ ନିଜର ସୌନ୍ଦର୍ଯ୍ୟ ହରାଇ ସାରିଛି। ପାଣି ଓ ଆଲୋକୀକରଣ ବ୍ୟବସ୍ଥା ଦିଗହରା ହୋଇଛି । ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ପାର୍କ ପରିଚାଳନା କରିବା ପାଇଁ କୌଣସି ଆର୍ଥିକ ସହାୟତା ନ ଆସିବାରୁ ପଞ୍ଚାୟତ ଖର୍ଚ୍ଚରେ ଏହାକୁ ପରିଚାଳନା କରିବା ସମ୍ଭବ ହେଉନାହିଁ ବୋଲି କହିଛନ୍ତି। ତେଣୁ ଏ ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଅନୁରୋଧ କରାଯାଇଛି।

# ବିପଜ୍ଜନକ ଅବସ୍ଥାରେ ଗଣିଆ–ଛାମୁଣ୍ଡିଆ ରାସ୍ତା

କଣ୍ଟିଲୋ, ୭।୭ (ନି.ପ୍ର): ଗଣିଆ ଠାରୁ ପୂର୍ବତନ ଜଗନାଥ ସଡ଼କ ଯାହାକି ଗଣିଆ ଛକ ଠାରୁ ଛାମୁଣ୍ଡିଆ ଦେଇ ହରଭଙ୍ଗା ଠାରେ ସଂଯୋଗ ହୋଇଥିବା ରାସ୍ତା ଆଜକୁ ଦୀର୍ଘ ବର୍ଷ ଧରି ଖଣ୍ଡିଆ ଖାବରା ହୋଇ ପଡିରହିଥିବାରୁ ସାଧାରଣ ଜନତା ଯାତାୟତ କରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ସ୍ଥାନୀୟ ବିଧାୟକ, କିମ୍ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉ ନଥିବାରୁ ଅଭିଯୋଗ ମାନ ହେଉଛି। ବର୍ଷା ଓ ନଦୀବଢି ସମୟରେ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ବସ୍, ଆମ୍ବୁଲାନ୍ସ ସେବା ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ମୁଖ୍ୟ ମନ୍ତ୍ରୀ ବସ୍ ସେବା ଅନେକ ସମୟରେ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଯାହାଫଳରେ ଉକ୍ତ ଅଞ୍ଚଳର ଶହଶହ ଜନ ସାଧାରଣ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧୟନ ରତ ଛାତ୍ର ଛାତ୍ରୀ ଓ ରୋଗୀ ମାନେ ବର୍ଷର ଅଧିକାଂଶ



ସମୟରେ ଅସୁବିଧା ର ସମ୍ମୁଖୀନ ହେଉଥିବା ର ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।ଉକ୍ତ ସର୍ବସାଧାରଣ ରାସ୍ତାର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ବାରମ୍ବାର ରାଜରାସ୍ତାକୁ ଅବରୋଧ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଉକ୍ତ ରାସ୍ତାରେ ଦୈନିକ ଶହଶହ ଜନସାଧାରଣ ଗଣିଆ ବଜାର, ସାପ୍ତାହିକ ହାଟ ଉପରେ ନିର୍ଭର କରୁଥିବା ବେଳେ ସେହି ରାସ୍ତା ସେମାନଙ୍କ ପାଇଁ ଅଭିଶାପ ପାଲଟିଛି। ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ କିମ୍ବା ବ୍ଲକ ପ୍ରଶାସନ ସେହି ରାସ୍ତାର ଉନ୍ନତି ପାଇଁ କୈଣସି ପଦକ୍ଷେପ ନ ନେବା ଦୁଃଖ ଓ ପରିତାପର ବିଷୟ। ଗଣିଆ ଛକ ଠାରୁ ଛାମୁଣ୍ଡିଆ ମାତ୍ର ୧୬ କିଲୋମିଟର ହୋଇଥିବାବେଳେ ଉକ୍ତ ରାସ୍ତା କଡ଼ରେ ଥିବା, ବେଣ୍ଟପଡା, ଈଶ୍ୱରପୁର, ଡଙ୍କରିସାହି, ରାଣଙ୍ଗ ଓ କାଦୁଆ ଅଞ୍ଚଳର ଜନସାଧାରଣ ସାଧାରଣତଃ ବର୍ଷା ଋତୁରେ ଅଧିକ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ଯାତାୟତ ଓ ଗମନାଗମନର ସୁବିଧା ଦୃଷ୍ଟିରୁ ଅଗ୍ରାଧିକାର ଭିତ୍ତିରେ ରାସ୍ତାର ପୁନଃ ନିର୍ମାଣ କରିବା ପାଇଁ ଉକ୍ତ ଅଞ୍ଚଳର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଯେଉଁ ବୈପ୍ଳବିକ ଆନ୍ଦୋଳନ ହେବ ସେଥିପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବ ବୋଲି ଅଞ୍ଚଳବାସୀ ଜଣାଇଛନ୍ତି।


**ସର୍ବସାଧାରଣ ବିଜ୍ଞପ୍ତି**

ସାଧାରଣ ଭାବେ ସର୍ବସାଧାରଣଙ୍କୁ ସୂଚନା ଦିଆଯାଉଛି କି କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍ ପକ୍ଷରୁ ନିମ୍ନଲିଖିତ ବାହନଗୁଡିକ ନିମନ୍ତେ ଏକ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

**ବିକ୍ରୟ ନିମନ୍ତେ ବାହନ**

୧) ମଡେଲ୍ ନଂ. : CB_BOLERO PIK UP
ବାହନ ନଂ. OD02CP9440
ନିର୍ମାଣ ବର୍ଷ– 2023
ସଂରକ୍ଷିତ ମୂଲ୍ୟ - 409880.7239

**ଏମ୍/ଏସ୍ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍** ସହିତ ବନ୍ଧକ ରଖାଯାଇଥିବା **'ଯେଉଁଠାରେ ଯେପରି ଅବସ୍ଥାରେ ଅଛି'** ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷ ଏହି ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ସେମାନଙ୍କ କୋଟେସନ ନିମ୍ନ ଠିକଣାରେ ଦେଇପାରିବେ...

କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍,୧୮୪ ଗ୍ରାଉଣ୍ଡ ଫ୍ଲୋର, ଜନପଥ, ଭୁବନେଶ୍ୱର, ଓଡ଼ିଶା–୭୫୧୦୦୧,
କିମ୍ବା ଯୋଗାଯୋଗ:
ଜ୍ୟୋତି ରଞ୍ଜନ ମିଶ୍ର–୯୫୮୩୦୪୧୦୧୨
ରବି କୁମାର ଡି– ୭୨୦୧୬୪୧୪୮୨


# ବନ ମହୋତ୍ସବ ପାଳିତ: ସାରା ଜିଲ୍ଲାରେ ଲାଗିବ ୯ ଲକ୍ଷ ଗଛ

ବଲାଙ୍ଗୀର, ୭।୭ (ନି.ପ୍ର): ଆସିଲା ବର୍ଷା ଲାଗିବ ଗଛ। ପରିବେଶକୁ ସନ୍ତୁଳିତ ରଖିବା ସହ ତାପମାତ୍ରାକୁ ଆୟତ୍ତ କରିବାରେ ଗଛର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚାରା ରୋପଣ ସହ ରକ୍ଷଣା ବେକ୍ଷଣ ସବୁବେଳେ ଆବଶ୍ୟକ। ସଦର ବ୍ଲକ ଅନ୍ତର୍ଗତ ଖୁଜେନପାଲି ସଂରକ୍ଷିତ ଜଙ୍ଗଲ ଭିତରେ ଆୟୋଜିତ ହୋଇଛି। ବନ ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଯୋଗ ଦେଇଥିଲେ। ସ୍କୁଲର ଛାତ୍ରଛାତ୍ରୀ, ବନ



ଅଧିକାରୀ, ବନ କର୍ମଚାରୀଙ୍କ ସହ ସିଆରପିଏଫ ବାଟାଲିଆନର ଯବାନମାନେ ବନମହୋତ୍ସବରେ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ। ଚଳିତ ବର୍ଷ ସାଧାରଣ ଲୋକ ଓ ବନ କର୍ମଚାରୀ ପ୍ରାୟ ୯ ଲକ୍ଷ ଗଛ ବଲାଙ୍ଗିର ଜିଲ୍ଲାରେ ଲଗାଇବେ। ଏନେଇ ମଙ୍ଗଳବାର ୫ ହଜାର ଗଛ ଲଗାଇବା ଯୋଜନା ରହିଥିବା ବେଳେ ପର୍ଯ୍ୟାୟ କ୍ରମେ ଜିଲ୍ଲା ର ବିଭିନ୍ନ ସ୍ଥାନ ମାନଙ୍କରେ କରାଯିବ ବୃକ୍ଷରୋପଣ।


**ସାଉଥ୍ ଇଣ୍ଡିଆନ୍ ବ୍ୟାଙ୍କ**

ଶାଖା ଠିକଣା: ତଳ ମହଲା, ଓଏସ୍ଏଲ୍ ଟାଓ୍ୱାର, ଲିଙ୍କ୍ ରୋଡ୍, କଟକ, ୭୫୩୦୧୨, ଶାଖା ମେଲ୍ ଆଇଡି: br0569@sib.co.in

**ବ୍ୟାଙ୍କରେ ବନ୍ଧକ ରହିଥିବା ସ୍ୱର୍ଣ୍ଣ ନିଲାମ**

ଯେହେତୁ, ସାଉଥ୍ ଇଣ୍ଡିଆନ ବ୍ୟାଙ୍କ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀ ଋଣଗ୍ରହୀତାଙ୍କୁ ତାଙ୍କ ଦ୍ୱାରା ଉପଲବ୍ଧ କରାଯାଇଥିବା ସ୍ୱର୍ଣ୍ଣ ଋଣର ବକେୟା ପରିଶୋଧ କରିବା ପାଇଁ ବିକ୍ରୟ ବିଜ୍ଞପ୍ତି (ଗୁଡିକ) ଜାରି କରିଥିଲେ। ଋଣଗ୍ରହୀତା ଏହି ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସାଧାରଣ ଭାବେ ନୋଟିସ୍ ଦିଆଯାଉଛି ଯେ, ନିମ୍ନସ୍ୱାକ୍ଷରକାରୀ ''ଯାହା ଅଛି ଆଧାରରେ'', ''ସେଥିରେ ଯାହା ଅଛି ଆଧାରରେ'' ଏବଂ ଅପରିବର୍ତ୍ତିତ ଆଧାରରେ'' ସ୍ୱର୍ଣ୍ଣ ଅଳଙ୍କାରର ଅନଲାଇନ୍ ନିଲାମ ପରିଚାଳନା କରିବେ। ଏହି ନିଲାମ ଅନଲାଇନ୍‌ରେ https://sibegold.auctiontiger.net ଜରିଆରେ ୧୪.୦୭.୨୦୨୬ ତାରିଖ ମଧ୍ୟାହ୍ନ ୧୨:୦୦ ଘଣ୍ଟାରୁ ଅପରାହ୍ନ ୦୩:୦୦ ଘଣ୍ଟା ମଧ୍ୟରେ ଋଣଗ୍ରହୀତା ଶ୍ରୀ ଦେବୀ ପ୍ରସନ୍ନ ନାୟକଙ୍କ ଆକାଉଣ୍ଟ ନଂ. 0569653000016239 ପାଇଁ ଅନୁଷ୍ଠିତ ହେବ।
ଦୟାକରି ଅଧିକ ସୂଚନା ପାଇଁ ଅକ୍ସନ ଟାଇଗରଙ୍କୁ 6352632523 ରେ ଯୋଗାଯୋଗ କରନ୍ତୁ।

ସ୍ୱା/–ମ୍ୟାନେଜର
ସାଉଥ୍ ଇଣ୍ଡିଆନ ବ୍ୟାଙ୍କ ଲିମିଟେଡ୍

ପୋଲିସ ପୋଷ୍ଟ ଉପରେ ଆତଙ୍କୀ ହମ୍‌ଲା

# ୯ ମୃତ, ୫ ନିଖୋଜ

**ଇସଲାମାବାଦ,୭ା୭(ଏଜେନ୍ସି):** ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରଦେଶରେ ଆଉ ଏକ ଆତଙ୍କବାଦୀ ଘଟଣା ଘଟିଛି। ଅଧିକାରୀମାନେ କହିଛନ୍ତି, ମଙ୍ଗଳବାର ବଲୁଚିସ୍ତାନର ଜିଆରତ ଜିଲ୍ଲାର ମାଙ୍ଗି ଫେଜ୍‌-୩ ଅଞ୍ଚଳରେ ଏକ ପୋଲିସ ପୋଷ୍ଟ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଦୁଇ ବରିଷ୍ଠ ଅଧିକାରୀଙ୍କ ସମେତ ୯ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ ଜଣ ପୋଲିସ କର୍ମଚାରୀ ଏବେବି ନିଖୋଜ ଅଛନ୍ତି। ନିହତ ପୋଲିସ କର୍ମୀଙ୍କ ମୃତଦେହକୁ ଜିଆରତର ଜିଲ୍ଲା ମୁଖ୍ୟାଳୟ



ହସ୍ପିଟାଲକୁ ନିଆଯାଇଛି। ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି।

ଜିଆରତ ଡେପୁଟି କମିସନର ଅବଦୁଲ କୁଦୁସ୍ ଆଚାକଜାଇ ଆକ୍ରମଣକୁ ନିଶ୍ଚିତ କରି କହିଛନ୍ତି, ଏହା ଏକ ଆତଙ୍କବାଦୀ ଘଟଣା ଏବଂ ମାଙ୍ଗି ଡ୍ୟାମ୍ ଅଞ୍ଚଳରେ ଘଟିଛି। ଡେପୁଟି କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ସୁରକ୍ଷା ବାହିନୀ ଅଞ୍ଚଳରେ ଅପରେସନ୍ ଚଳାଇଛନ୍ତି। ଆକ୍ରମଣ ପାଇଁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି।

# ୫ ଦିନରେ ଅମରନାଥଙ୍କୁ ଦର୍ଶନ କଲେଣି ୧ ଲକ୍ଷ ଭକ୍ତ

**ଜାମ୍ମୁ,୭ା୭(ଏଜେନ୍ସି):** ବାର୍ଷିକ ଅମରନାଥ ଯାତ୍ରା ପାଇଁ ଚଳିତ ବର୍ଷ ଭକ୍ତଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳେ ୩୧ ଜଣ ବିଦେଶୀ ନାଗରିକଙ୍କ ସମେତ ମୋଟ ୮,୮୧୫ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଚଳିତବର୍ଷର ସବୁଠାରୁ ବଡ଼ ଦଳ ଜାମ୍ମୁର ଭଗବତୀ ନଗର ବେସ୍ କ୍ୟାମ୍ପରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପବିତ୍ର ଗୁମ୍ଫା ଅଭିମୁଖେ ଯାତ୍ରା ଆରମ୍ଭ କରିଛି।

ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ମାତ୍ର ପ୍ରଥମ ୪ ଦିନ ମଧ୍ୟରେ ଏହି ପବିତ୍ର ଗୁମ୍ଫାରେ ବାବା ବରଫାନୀଙ୍କ ଦର୍ଶନ କରିଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୯୩,୦୦୦ ଅତିକ୍ରମ କରିସାରିଛି। ୩,୮୮୦ ମିଟର ଉଚ୍ଚତାରେ ଅବସ୍ଥିତ ମହାଦେବଙ୍କ ଏହି ପବିତ୍ର ଗୁମ୍ଫାକୁ ସନ୍ଧ୍ୟା ସୁଦ୍ଧା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୧ ଲକ୍ଷ ଟପିଯାଇଛି। ଏହା ଚଳିତ ବର୍ଷର ରେକର୍ଡ ଭିଡ଼କୁ ଦର୍ଶାଉଛି।ଆଗାମୀ ଅଗଷ୍ଟ ୨୮ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ଏହି ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି।



ଅଧିକାରୀଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ବାହାରିଥିବା ଏହି ସର୍ବବୃହତ ଦଳରେ ୫,୮୩୧ ଜଣ ପୁରୁଷ, ୨,୧୯୩ ଜଣ ମହିଳା, ୩୧ ଜଣ ଶିଶୁ, ୫୯୮ ଜଣ ସାଧୁ, ୧୩୧ ଜଣ ସାଧ୍ୱୀ ଏବଂ ୩୧ ଜଣ ବିଦେଶୀ ନାଗରିକ ସାମିଲ ଅଛନ୍ତି। ଏହି ସମସ୍ତ ଯାତ୍ରୀ ମୋଟ ୩୬୩ଟି ଗାଡ଼ିର ଏକ ବିଶାଳ ସ୍ୱତନ୍ତ୍ର କନଭେୟରେ ଯାତ୍ରା କରୁଛନ୍ତି, ଯେଉଁଥିରୁ ୧୮୧ଟି ଗାଡ଼ିରେ ୩,୯୮୯ ଜଣ ଯା-ତ୍ରୀ ଗାନ୍ଦେରବଲ ଜିଲ୍ଲାର ବାଲଟାଲ୍ ବେସ୍ କ୍ୟାମ୍ପ ଅଭିମୁଖେ ଯାଇଥିବା ବେଳେ ୧୮୨ଟି ଗାଡ଼ିରେ ୪,୮୨୬ ଜଣ ଶ୍ରଦ୍ଧାଳୁ ପାରମ୍ପରିକ ଅନନ୍ତନାଗ ଜିଲ୍ଲାର ପହଲଗାମ ରୁଟ୍ ଦେଇ ଯାତ୍ରା କରିଛନ୍ତି।

ଚଳିତ ଯାତ୍ରା ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ଜମ୍ମୁ ବେସ୍ କ୍ୟାମ୍ପ ଛାଡ଼ିଥିବା ମୋଟ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୩୪,୮୨୯ରେ ପହଞ୍ଚିଛି। ଏହାପୂର୍ବରୁ ଗତ ରବିବାର ସର୍ବାଧିକ ୬,୭୨୧ ଜଣ ଯାତ୍ରୀ ଯାଇଥିବା ବେଳେ ମଙ୍ଗଳବାରର ଏହି ଦଳ ସେହି ରେକର୍ଡକୁ ଭାଙ୍ଗିଛି। ଏହି ଅପ୍ରତ୍ୟାଶିତ ଭିଡ଼କୁ ଦୃଷ୍ଟିରେ ରଖି ଜାମ୍ମୁ-କାଶ୍ମୀର ପ୍ରଶାସନ ପକ୍ଷରୁ ଅଣପଞ୍ଜୀକୃତ ଭକ୍ତମାନଙ୍କୁ ଆସନ୍ତା ଜୁଲାଇ ୯ ପର୍ଯ୍ୟନ୍ତ ନିଜର ଯାତ୍ରା ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି। କାରଣ ଏହି ସମୟ ପର୍ଯ୍ୟନ୍ତ ସମସ୍ତ ସ୍ଲଟ୍ ସମ୍ପୂର୍ଣ୍ଣ ବୁକ୍ ହୋଇସାରିଛି। କେବଳ ବୈଧ ପଞ୍ଜୀକରଣ ଥିବା ଶ୍ରଦ୍ଧାଳୁଙ୍କୁ ହିଁ କାଶ୍ମୀର ସୀମା ଭିତରକୁ ପ୍ରବେଶ ଅନୁମତି ମିଳୁଛି ଏବଂ ଅନ୍ୟମାନଙ୍କୁ ସ୍ୱତନ୍ତ୍ର ଚେକ୍ ପଏଣ୍ଟ ନିକଟରେ ଅଟକାଯାଉଛି।





# ମହାରାଷ୍ଟ୍ରରେ ବର୍ଷା ତାଣ୍ଡବ

## ମୁମ୍ବାଇରେ ସ୍କୁଲ-କଲେଜ ବନ୍ଦ

**ନୂଆଦିଲ୍ଲୀ,୭ା୭(ଏଜେନ୍ସି):** ପ୍ରବଳ ବର୍ଷା ଯୋଗୁ ଅନେକ ଜିଲ୍ଲା ବେହାଲ ହୋଇଛି। ଯାହା ମୁମ୍ବାଇ, ପୁଣେ ଓ ନାସିକ ସମେତ ମହାରାଷ୍ଟ୍ରର ଅନେକ ଜିଲ୍ଲାରେ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ପରିସ୍ଥିତିକୁ ଦେଖି ଅନେକ ଜିଲ୍ଲାରେ ସ୍କୁଲ ଓ କଲେଜ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ତ୍ର୍ୟମ୍ବକେଶ୍ୱର ମନ୍ଦିରକୁ ମଧ୍ୟ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ନାସିକ ଜିଲ୍ଲାର ୫ଟି ତହସିଲ ପାଇଁ ରେଡ୍ ଆଲର୍ଟ ଜାରି କରିଛି ଭାରତୀୟ ପାଣିପାଗ ବିଭାଗ। ତ୍ର୍ୟମ୍ବକେଶ୍ୱର ଓ ଇଗତପୁରୀ ଅଞ୍ଚଳରେ ଗତ ରାତିରୁ ପ୍ରବଳ ବର୍ଷା ଜାରି ରହିଛି। ପାଣିପାଗ ବିଭାଗ ତ୍ର୍ୟମ୍ବକେଶ୍ୱର ନାସିକ ଅଞ୍ଚଳରେ ବାଦଲ ଫାଟିବା ଭଳି ଅତ୍ୟଧିକ ବର୍ଷା ଏବଂ ପ୍ରାୟ ୩୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ପ୍ରକାଶ କରିଛି।

ପ୍ରବଳ ବର୍ଷା ଓ ରେଡ୍ ଆଲର୍ଟକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତ୍ର୍ୟମ୍ବକେଶ୍ୱର ମନ୍ଦିରକୁ ଭକ୍ତଙ୍କ ଦର୍ଶନକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ଖରାପ ପାଗ ଯୋଗୁ ୧୨ ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ଗୋଟିଏ ତ୍ର୍ୟମ୍ବକେଶ୍ୱର ମହାଦେବ ମନ୍ଦିର ଓ ନାସିକର ସପ୍ତଶୃଙ୍ଗୀ ମାତା ମନ୍ଦିରକୁ ମଧ୍ୟ ବନ୍ଦ ରଖାଯାଇଛି। ଦର୍ଶନ ପାଇଁ ଆସିଥିବା ଭକ୍ତମାନଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଯାଇଥିବା ବେଳେ ତ୍ର୍ୟମ୍ବକେଶ୍ୱର ଅଭିମୁଖେ ଯାଉଥିବା ଗାଡ଼ିଗୁଡ଼ିକୁ ନାସିକ ଓ ଇଗତପୁରୀରେ ଅଟକାଇ ଫେରାଇ ଦିଆଯାଇଛି।

ପାଣିପାଗ ବିଭାଗର ସତର୍କବାଣୀ ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ସ୍ଥାନୀୟ ପ୍ରଶାସନକୁ ସମ୍ପୂର୍ଣ୍ଣ ସତର୍କ ରହିବା ଏବଂ ଆବଶ୍ୟକ ସୁରକ୍ଷାମୂଳକ ପଦକ୍ଷେପ ତୁରନ୍ତ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଗିରିଶ ମହାଜନ ରାତିରେ ନାସିକରେ ପହଞ୍ଚିଥିଲେ। ସେ ମଧ୍ୟରାତ୍ରିରେ ତ୍ର୍ୟମ୍ବକେଶ୍ୱରର ମେଟଘର କିଲ୍ଲା ପରିଦର୍ଶନ କରି ସେଠାରୁ ୧୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ।

ସେହିପରି ମୁମ୍ବାଇରେ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ସକାଳରୁ ଟିକେ ଟିକେ ବର୍ଷା ହେଉଥିବା ବେଳେ ପବନର ବେଗ ମଧ୍ୟ ବଢୁଛି। ଅରେଞ୍ଜ ଆଲର୍ଟ ଦୃଷ୍ଟିରେ ମୁମ୍ବାଇର ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରଖାଯାଇଛି। ସରକାରୀ ଓ ଅର୍ଦ୍ଧ-ସରକାରୀ କାର୍ଯ୍ୟାଳୟକୁ ମଧ୍ୟ ବନ୍ଦ ରଖିବାକୁ କୁହାଯାଇଛି। ଅଧିକାଂଶ ବେସରକାରୀ ସଂସ୍ଥା ମଧ୍ୟ ବନ୍ଦ ରହିଛି। ଅନ୍ୟପଟେ ଏହି ବର୍ଷାରେ ସମୁଦ୍ର କୂଳକୁ ନଯିବାକୁ ସତର୍କତା କରାଇଥିଲେ ।

# ବିମାନ ସେବା ବାଧାପ୍ରାପ୍ତ

**ନୂଆଦିଲ୍ଲୀ,୭ା୭(ଏଜେନ୍ସି):** ଦେଶର ଦୁଇ ପ୍ରମୁଖ ମହାନଗର ଦିଲ୍ଲୀ ଏବଂ ମୁମ୍ବାଇରେ ଜାରି ରହିଥିବା ପ୍ରବଳ ମୌସୁମୀ ବର୍ଷା ଓ ପ୍ରତିକୂଳ ପାଣିପାଗ ଯୋଗୁ ବିମାନ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରମୁଖ ବିମାନ ସେବା ସଂସ୍ଥାଗୁଡ଼ିକ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଜରୁରୀ ଟ୍ରାଭେଲ ଆଡଭାଇଜରୀ ଜାରି କରାଯାଇଛି। ବିମାନବନ୍ଦରକୁ ଯିବା ପୂର୍ବରୁ ନିଜ ଫ୍ଲାଇଟ୍‌ର ସ୍ଥିତି ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି।

ଲଗାତାର ବର୍ଷା ଯୋଗୁ ଉଭୟ ମହାନଗର ବିମାନବନ୍ଦରରେ ଅନେକ ବିମାନ ନିର୍ଦ୍ଧାରିତ ସମୟ ଅପେକ୍ଷା ବିଳମ୍ବରେ ଚଳାଚଳ କରୁଛି। ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ, ଦିଲ୍ଲୀରେ ଖରାପ ପାଣିପାଗ ଯୋଗୁ ଫ୍ଲାଇଟ୍ ସିଡ୍ୟୁଲ୍ ପ୍ରଭାବିତ ହୋଇଛି। ବର୍ଷାଜନିତ ଟ୍ରାଫିକ୍ ସମସ୍ୟାକୁ ଏଡ଼ାଇବା ପାଇଁ ଯାତ୍ରୀମାନେ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ବିମାନବନ୍ଦରରେ ପହଞ୍ଚିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଏୟାର ଇଣ୍ଡିଆ ମଧ୍ୟ ଜାତୀୟ ରାଜଧାନୀକୁ ଆସୁଥିବା ଏବଂ ଛାଡୁଥିବା ବିମାନଗୁଡ଼ିକ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ କରିଛି। ସ୍ପାଇସ୍ ଜେଟ୍ ମଧ୍ୟ ସମାନ ମାର୍ଗଦର୍ଶିକା ଜାରି କରି କହିଛି ଯେ, ଦିଲ୍ଲୀ ଓ ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁ ବିମାନର ଆଗମନ, ପ୍ରସ୍ଥାନ ଏବଂ ସଂଯୋଗ (କନେକ୍ଟିଂ ଫ୍ଲାଇଟ୍) କରୁଥିବା ବିମାନଗୁଡ଼ିକ ବାଧାପ୍ରାପ୍ତ ହୋଇପାରେ। ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆଗାମୀ କିଛିଦିନ ପର୍ଯ୍ୟନ୍ତ ଦିଲ୍ଲୀ-ଏନ୍‌ସିଆର୍‌ରେ ମେଘୁଆ ପାଗ ରହିବା ସହିତ ହାଲୁକାରୁ ମଧ୍ୟମ ଧରଣର ବର୍ଷା, ବଜ୍ରପାତ ଏବଂ ପବନ ବହିବା ସମ୍ଭାବନା ରହିଛି। ମୁମ୍ବାଇରେ ପ୍ରବଳ ବର୍ଷା ଜାରି ରହିଥିବାରୁ ସାଧାରଣ ଜୀବନଯାତ୍ରା ସହ ପରିବହନ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାତ୍ରୀମାନଙ୍କୁ ସତର୍କ ରହିବା ସହ ଏୟାରଲାଇନ୍ସର ସଦ୍ୟତମ ଅପଡେଟ୍ ସମ୍ପର୍କରେ ଅବଗତ ରହିବାକୁ କୁହାଯାଇଛି।



ଅନନ୍ୟ ମାନବିକତା

# ବିଧବା ବୋହୂକୁ ଝିଅକରି କନ୍ୟାଦାନ କଲେ ଶଶୁର

**ଭୋପାଳ,୭ା୭(ଏଜେନ୍ସି):** ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରୁ ଏକ ହୃଦୟସ୍ପର୍ଶୀ ତଥା ସାମାଜିକ ସଂସ୍କାରର ବାର୍ତ୍ତା ବହନ କରୁଥିବା ଖବର ସାମ୍ନାକୁ ଆସିଛି। ଶ୍ୱଶୁର ବିଧବା ବୋହୂକୁ ନିଜ ଝିଅର ସ୍ଥାନ ଦେଇ ସମ୍ମାନର ସହ ତାର ଦ୍ୱିତୀୟ ବିବାହ କରାଇଛନ୍ତି । କେବଳ ସେତିକି ନୁହେଁ, ପିତା ସାଜି ସେ ନିଜେ ବୋହୂର କନ୍ୟାଦାନ ମଧ୍ୟ କରିଛନ୍ତି । ଏହି ଅନନ୍ୟ ପଦକ୍ଷେପ ପାଇଁ ସମାଜର ସବୁ ମହଲରୁ ସେମାନଙ୍କୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।



ସୂଚନା ଅନୁଯାୟୀ, ଭୋପାଳର କୁଲୁଖେଡି ଅଞ୍ଚଳରେ ଥିବା ଏକ ରିସୋର୍ଟରେ ଗତ ସୋମବାର ଦିନ ଏହି ବିବାହ ଉତ୍ସବ ବେଶ୍ ଧୂମଧାମରେ ସମ୍ପନ୍ନ ହୋଇଯାଇଛି। କର୍କଟରେ ପୀଡ଼ିତ ହୋଇ ପୁଅର ମୃତ୍ୟୁ ପରେ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡ଼ିଥିଲେ ମଧ୍ୟ ବୋହୂର ଭବିଷ୍ୟତ ପାଇଁ ଦିନେଶ ବୈରାଗୀ ଏହି ନିଷ୍ପତ୍ତି ନେଇଥିଲେ । ସେ ବୋହୂକୁ ନିଜ ଝିଅ ଭାବେ ଗ୍ରହଣ କରି ତାର ପୁନର୍ବିବାହ କରାଇବାକୁ ଆଗେଇ ଆସିଥିଲେ। ଏହି ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦିନେଶ ବୈରାଗୀ କହିଛନ୍ତି, ଜୀବନ ବହୁତ ଲମ୍ବା, ତେଣୁ ଆମେ ସମସ୍ତେ ମିଶି ତାକୁ ଏକ ନୂଆ ଜୀବନ ଦେବାକୁ ନିଷ୍ପତ୍ତି ନେଇଥିଲୁ । ଏହା ସହ ସେ ସମାଜକୁ ବାର୍ତ୍ତା ଦେଇ କହିଛନ୍ତି ଯେ, ଯଦି କୌଣସି ପରିବାରରେ ଏଭଳି ପରିସ୍ଥିତି ସୃଷ୍ଟି ହୁଏ, ତେବେ ବୋହୂକୁ ବୋଝ ନଭାବି ତା'ର ପୁନର୍ବିବାହ କରାଇବା ଉଚିତ୍। କନ୍ୟାର ପିତା ରାମବାବୁ ବୈରାଗୀ ଶ୍ୱଶୁର ଘର ଲୋକଙ୍କର ଏହି ମହାନତା ଦେଖି ଭାବବିହ୍ୱଳ ହୋଇପଡ଼ିଛନ୍ତି । ସେ କହିଛନ୍ତି, ଭଗବାନ ସମସ୍ତଙ୍କୁ ଏଭଳି ଶ୍ୱଶୁର ଘର ଦିଅନ୍ତୁ । ସେମାନେ ମୋ ଝିଅକୁ ସବୁ ପ୍ରକାର ଖୁସି ଦେଇ ନିଜ କଥା ରଖିଛନ୍ତି । ବିବାହ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏହାକୁ ଏକ ପ୍ରଗତିଶୀଳ ଚିନ୍ତାଧାରାର ଉଦାହରଣ ବୋଲି କହିଛନ୍ତି, ଯାହା ସମାଜରେ ବିଧବାମାନଙ୍କ ପ୍ରତି ଥିବା ପୁରୁଣା ଚିନ୍ତାଧାରାକୁ ବଦଳାଇବାରେ ସାହାଯ୍ୟ କରିବ।

ଡିଏମ୍‌କେକୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

# ମୁଖ୍ୟମନ୍ତ୍ରୀଙ୍କ ବୟାନ ଉପରେ ରୋକ୍ ଲାଗିବନି

**ନୂଆଦିଲ୍ଲୀ,୭ା୭(ଏଜେନ୍ସି):** କରୁର ଦଳାଚକଟା ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଛି। କୋର୍ଟ ଆବେଦନକାରୀ ଡିଏମକେକୁ ଭର୍ତ୍ସନା କରି କହିଛନ୍ତି, ଆପଣ କ'ଣ ଚାହୁଁଛନ୍ତି ସୁପ୍ରିମକୋର୍ଟ ମୁଖ୍ୟମନ୍ତ୍ରୀ କ'ଣ କରିବା ଉଚିତ୍ ସେ ନେଇ ନିର୍ଦ୍ଦେଶ ଦେବେ? ଡିଏମକେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରି ମୁଖ୍ୟମନ୍ତ୍ରୀ ବିଜୟ ଏବଂ ମନ୍ତ୍ରୀମାନଙ୍କ ବୟାନବାଜି ବନ୍ଦ କରିବାକୁ ଦାବି କରିଥିଲା। ନିଜକୁ ଏକ ପକ୍ଷ କରିବାକୁ ମଧ୍ୟ ଡିଏମକେ ଦାବି କରିଥିଲା। ସୁପ୍ରିମକୋର୍ଟ କହିଛନ୍ତି ଯେ, ଡିଏମକେ ନ୍ୟାୟିକ ମଞ୍ଚକୁ ରାଜନୀତି ପାଇଁ ବ୍ୟବହାର କରିବାକୁ ଚେଷ୍ଟା କରୁଛି। ଆପଣ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଏବଂ ଗସ୍ତକୁ ନିୟନ୍ତ୍ରଣ କରିବାକୁ କହୁଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟ ଏହି ମାମଲାରେ ଅଭିଯୁକ୍ତ ନୁହନ୍ତି। ଆପଣ ନିଜେ ବକ୍ତବ୍ୟ ଦେଉଥିବା ବେଳେ କିପରି ଅନ୍ୟର ବାକ୍ ସ୍ୱାଧୀନତାକୁ ଦମନ କରିବାକୁ ଚାହୁଁଛନ୍ତି? ସୁପ୍ରିମକୋର୍ଟ କହିଛନ୍ତି, ଦଳାଚକଟା ପୀଡିତଙ୍କୁ ଭେଟିବା ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ଭାବରେ କିପରି ବିବେଚନା କରାଯାଇପାରିବ। ଭର୍ତ୍ସନା କରି ସୁପ୍ରିମକୋର୍ଟ ଡିଏମକେକୁ ବିଜୟ ସରକାରଙ୍କ ମନ୍ତ୍ରୀମାନେ କରୁର ଦଳାଚକଟା ମାମଲାରେ ସାକ୍ଷୀମାନଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗ ଆଧାରରେ ହୋଇଥିବା ଆବେଦନ ପ୍ରତ୍ୟାହାର କରିବାକୁ କହିଛନ୍ତି। ଯଦି ଏପରି ନକରାଯାଏ ତେବେ ଆବେଦନକୁ ଖାରଜ କରିବାକୁ ଶୀର୍ଷ କୋର୍ଟ ଚେତାବନୀ ଦେଇଥିଲେ। ଏହାପରେ ଡିଏମକେ ଆବେଦନ ପ୍ରତ୍ୟାହାର କରିନେଇଛି।



ଡିଏମକେର ଆରଏସ୍ ଭାରତୀ କରୁର ଦଳାଚକଟା ମାମଲାରେ ଦଳକୁ ଏକ ପକ୍ଷ କରିବାକୁ ଆବେଦନ କରିଥିଲେ। ଆବେଦନରେ ସେ ଉଲ୍ଲେଖ କରିଥିଲେ ଯେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ ଉପରେ ଚାଲିଥିବା ସିବିଆଇ ତଦନ୍ତ ନେଇ ସାର୍ବଜନୀନ ବିବୃତି ନିଷେଧ କରାଯିବା ଉଚିତ୍ ଏବଂ ସିବିଆଇ ତଦନ୍ତ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ କୌଣସି ସାର୍ବଜନୀନ ମନ୍ତବ୍ୟ ଦେବାରୁ ନିବୃତ୍ତ ରହିବା ଉଚିତ। ଆବେଦନରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଦ୍ୱାରା ଜୁଲାଇ ୧୦ରେ ମୃତକ ଏବଂ ଆହତଙ୍କ ପରିବାରକୁ ସରକାରୀ ସହାୟତା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାର ଏକ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ପୀଡିତଙ୍କୁ ସରକାରୀ ସହାୟତା ପ୍ରଦାନ କରିବାରେ ଆମର କୌଣସି ଆପତ୍ତି ନାହିଁ, କିନ୍ତୁ ଏହି ପରିବାରଗୁଡ଼ିକ ସିବିଆଇ ତଦନ୍ତରେ ପ୍ରମୁଖ ସାକ୍ଷୀ ମଧ୍ୟ। ଏପରି ଅଭିଯୁକ୍ତ କିମ୍ବା ରାଜନୈତିକ କାର୍ଯ୍ୟନିର୍ବାହୀଙ୍କ ସହ ସିଧାସଳଖ ସମ୍ପର୍କ ତଦନ୍ତକୁ ପ୍ରଭାବିତ କରିପାରେ। ଅକ୍ଟୋବର ୨୦୨୫ରେ ମାମଲା କୋର୍ଟରେ ବିଚାରାଧୀନ ଥିବା ସମୟରେ ବିଜୟ ପୀଡିତଙ୍କୁ ୨୦ ଲକ୍ଷ ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ତେଣୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଧାରିତ ପଦକ୍ଷେପ ଅନୁସରଣ କରି ଏବଂ ସିବିଆଇକୁ ଜଣାଇବା ପରେ ହିଁ ଏହି ସହାୟତା ପ୍ରଦାନ କରାଯିବା ଉଚିତ୍।

# ବାଙ୍କୀପୁର ଲଢ଼େଇ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେପି

**ପାଟନା,୭ା୭(ଏଜେନ୍ସି):** ବାଙ୍କୀପୁର ବିଧାନସଭା ଉପନିର୍ବାଚନ ପାଇଁ ବିଜେପି ମଙ୍ଗଳବାର ଦିନ ବିଜେୱାଇଏମ୍ (ଭାରତୀୟ ଜନତା ଯୁବ ମୋର୍ଚ୍ଚା) ଉପସଭାପତି ଅଭିଷେକ କୁମାରଙ୍କୁ ଏହାର ପ୍ରାର୍ଥୀ ଘୋଷଣା କରିଛି। ଜନ ସୁରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ମଧ୍ୟ ନିର୍ବାଚନ ମଇଦାନରେ ଅଛନ୍ତି। ଏଥିସହ ଏହି ହାଇପ୍ରୋଫାଇଲ ଲଢ଼େଇ ପାଇଁ ମଞ୍ଚ ପ୍ରସ୍ତୁତ ହୋଇଛି। ଜୁଲାଇ ୩୦ରେ ବାଙ୍କୀପୁରରେ ଉପନିର୍ବାଚନ ଏବଂ ଅଗଷ୍ଟ ୩ରେ ଭୋଟ୍ ଗଣତି ହେବ। ନୀତିନ ନବୀନ ରାଜ୍ୟସଭାକୁ ନିର୍ବାଚିତ ହେବାପରେ ବାଙ୍କୀପୁରରେ ଉପନିର୍ବାଚନ ଆବଶ୍ୟକ ପଡ଼ିଛି। ଏକ ପ୍ରେସ୍ ରିଲିଜ୍‌ରେ ବିଜେପି ଜାତୀୟ ସାଧାରଣ ସମ୍ପାଦକ ଏବଂ ମୁଖ୍ୟାଳୟ ମୁଖ୍ୟ ଅରୁଣ ସିଂହ ଅଭିଷେକ କୁମାରଙ୍କ ପ୍ରାର୍ଥିତ୍ୱ ଘୋଷଣା କରିଛନ୍ତି। ଅଭିଷେକ ବିଜେପି ମୁଖ୍ୟ ନିତୀନ ନବୀନଙ୍କର ଅତି ଘନିଷ୍ଠ ବୋଲି ବିବେଚନା କରାଯାଉଛି। ଇତିମଧ୍ୟରେ ତୃଣମୂଳ କଂଗ୍ରେସ ସାଂସଦ ଏବଂ ପୂର୍ବତନ ବଲିଉଡ ଅଭିନେତା ଶତ୍ରୁଘ୍ନ ସିହ୍ନା ପ୍ରଶାନ୍ତ କିଶୋରଙ୍କୁ 'ଏକ୍ସ'ରେ ସମର୍ଥନ ଜଣାଇଛନ୍ତି।

ଗ୍ଲୋବାଲ ୱେଲ୍‌ଥ ଆଣ୍ଡ୍ ଲାଇଫ୍‌ଷ୍ଟାଇଲ୍ ରିପୋର୍ଟ

# ସିଙ୍ଗାପୁର ବିଶ୍ୱର ସବୁଠୁ ବ୍ୟୟବହୁଳ ସହର

**ନୂଆଦିଲ୍ଲୀ,୭ା୭(ଏଜେନ୍ସି):** ଧନୀମାନଙ୍କ ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ସିଙ୍ଗାପୁର ବିଶ୍ୱର ସବୁଠୁ ବ୍ୟୟବହୁଳ ସହର। ଲଗାତାର ଚତୁର୍ଥ ବର୍ଷ ପାଇଁ ସିଙ୍ଗାପୁର ଶୀର୍ଷ ସ୍ଥାନ ବଜାୟ ରଖିଛି। ଆବାସିକ ସମ୍ପତ୍ତି ଏବଂ କାର୍ ଦାମ୍ ବୃଦ୍ଧି କାରଣରୁ ସିଙ୍ଗାପୁର ଏହି ସ୍ଥାନରେ ରହିଛି। ବ୍ୟୟବହୁଳ ସହର ତାଲିକାର ଦ୍ୱିତୀୟ ସ୍ଥାନରେ ଗତବର୍ଷ ଲଣ୍ଡନ ଥିବାବେଳେ ଏଥର ଜୁରିକ୍ ସେହି ସ୍ଥାନ ଦଖଲ କରିଛି। ମୋନାକୋ ପ୍ରଥମ ଥର ପାଇଁ ରିପୋର୍ଟରେ ବିଶ୍ୱର ତୃତୀୟ ବ୍ୟୟବହୁଳ ସହରର ସ୍ଥାନ ନେଇଛି ବୋଲି ସ୍ୱିଜରଲାଣ୍ଡର ସମ୍ପତ୍ତି ପରିଚାଳନା ସଂସ୍ଥା ଜୁଲିୟସ ବେୟର ଗ୍ରୁପ୍ ଲିମିଟେଡ ପକ୍ଷରୁ ପ୍ରକାଶିତ ଗ୍ଲୋବାଲ ୱେଲଥ୍ ଆଣ୍ଡ୍ ଲାଇଫ୍‌ଷ୍ଟାଇଲ୍ ରିପୋର୍ଟ ୨୦୨୬ରେ କୁହାଯାଇଛି।

**୨୨ତମ ସ୍ଥାନରେ ମୁମ୍ବାଇ**

ଚଳିତବର୍ଷ ବିଶ୍ୱର ବ୍ୟୟବହୁଳ ସହର ତାଲିକାରେ ଚତୁର୍ଥରୁ ଦଶମ ସ୍ଥାନରେ ଯେଉଁ ସହରଗୁଡ଼ିକ ରହିଛନ୍ତି ସେଗୁଡ଼ିକ ଯଥାକ୍ରମେ ହେଲେ ହଂକଂ, ଲଣ୍ଡନ, ସାଂଘାଇ, ପ୍ୟାରିସ୍, ସିଡ୍‌ନୀ, ମିଲନ୍ ଓ ବ୍ୟାଙ୍କକ୍। ଆବାସିକ ସମ୍ପତ୍ତି, କାର୍, ବିଜନେସ୍ ଶ୍ରେଣୀ ବିମାନ ଯାତ୍ରା, ସ୍କୁଲ ଫି ଏବଂ ଭୋଜନ ଭଳି ୨୦ଟି ସାମଗ୍ରୀ ଓ ସେବାର ମୂଲ୍ୟକୁ ନେଇ ଜୁଲିୟସ ବେୟର୍ସ ଲାଇଫ୍‌ଷ୍ଟାଇଲ୍ ଇଣ୍ଡେକ୍ସ ପ୍ରକାଶ କରାଯାଇଛି। ବିଶ୍ୱର ୨୫ଟି ସହରକୁ ଏହି ତାଲିକାରେ ରଖାଯାଇଛି। ତାଲିକାରେ ଭାରତର ଏକମାତ୍ର ସହର ଭାବେ ମୁମ୍ବାଇ ଏଥର ୨୨ତମ ସ୍ଥାନରେ ରହିଛି। ଗତବର୍ଷ ମୁମ୍ବାଇ ବିଂଶ ସ୍ଥାନରେ ରହିଥିଲା।



୩୬୦ ଜଣ ବଡ଼ ଧନୀ ବ୍ୟକ୍ତି, ଯେଉଁମାନଙ୍କର ନିବେଶଯୋଗ୍ୟ ପାରିବାରିକ ସମ୍ପତ୍ତି ଅତିକମ୍‌ରେ ୧ ନିୟୁତ ଡଲାରରୁ ଅଧିକ, ସେମାନଙ୍କୁ ନେଇ ସଂସ୍ଥା ପକ୍ଷରୁ ଚଳିତବର୍ଷ ଫେବ୍ରୁଆରିରୁ ମାର୍ଚ୍ଚ ମଧ୍ୟରେ ସର୍ଭେ କରାଯାଇଥିଲା। ସେଥିରୁ ଏହି ନିର୍ଯ୍ୟାସ ବାହାରିଛି। ୨୦୨୬ରେ ଉନ୍ନତ ଜୀବନଶୈଳୀ ବଜାୟ ରଖିବା ପାଇଁ ଧନୀମାନଙ୍କୁ ଆମେରିକୀୟ ଡଲାର ମୂଲ୍ୟରେ ହାରାହାରି ୧୦.୨ ପ୍ରତିଶତ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଛି। ବ୍ୟୟବହୁଳ ସହରଗୁଡ଼ିକର ର୍ୟାଙ୍କିଂ ଜୁଲିୟସ ବେୟର ଲାଇଫଷ୍ଟାଇଲ ଇଣ୍ଡେକ୍ସ ଅନୁଯାୟୀ କରାଯାଇଛି। ବିଶ୍ୱର ବିଭିନ୍ନ ସହରରେ ବସବାସ ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ଲୋକ ଓ ପରିବାରଗୁଡ଼ିକର କ୍ରୟଶକ୍ତି ଏବଂ ଆର୍ଥିକ ସ୍ଥିରତା କିଭଳି ପ୍ରଭାବିତ ହେବ ସେ ସମ୍ପର୍କରେ ଉକ୍ତ ରିପୋର୍ଟ ଏକ ଦୃଷ୍ଟିକୋଣ ପ୍ରଦାନ କରିବ ବୋଲି କୁହାଯାଇଛି।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ– ସୁରେଶ ପରିଡ଼ା
Editor - Suresh Parida